Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 198
Wednesday, 23 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୨୩ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ବହି ତ୍ରୁଟି ଓ ଏମଏମଡିଆର ଧୋଇନେଲା ବିଧାନସଭା

ଭୁବନେଶ୍ୱର, ୨୨/୯ (ଆ.ପ୍ର) : ପ୍ରଥମ ଦିନରୁ ହୋହଲ୍ଲା । ପାଟିତୁଣ୍ଡ ଓ ହଙ୍ଗାମାରେ ଜମିଲା ବିଧାନସଭା । ଶୋକ ପ୍ରସ୍ତାବ ପରେ ବିରୋଧୀଙ୍କ ପ୍ରତିବାଦରୁ ପୂର୍ବାହ୍ନ ଓ ଅପରାହ୍ନ ଅଧିବେଶନ ମାଡ଼ ଖାଇ ଯାଇଛି । ପାଟିତୁଣ୍ଡ ମଧ୍ୟରେ ଗୃହରେ ୬ଟି ବିଲ୍ ଆଗତ ହୋଇଛି । ବିଧାନସଭା ଆରମ୍ଭରୁ ବହି ତ୍ରୁଟି ପ୍ରସଙ୍ଗକୁ ମୁଦ୍ଦା କରି ସରକାରଙ୍କୁ ଘେରିଛି ବିଜେଡି । ବିଧାନସଭା ଆରମ୍ଭ ହେବା ମାତ୍ରେ ଏ ପ୍ରସଙ୍ଗରେ ଗୃହ ଭିତରେ ନାରାବାଜି ସହ ପ୍ରତିବାଦ କରିଥିଲେ ଦଳର ସଦସ୍ୟ । ଏହାପରେ ବିଧାନସଭାରୁ ପ୍ରତିବାଦ ରାଲି କରି ବିଜେଡି ଯୁବ ଛାତ୍ର ପ୍ରତିବାଦ କରୁଥିବା ସ୍ଥାନକୁ ପଦ ଯାତ୍ରା କରିଥିଲେ ସବୁ ବିଧାୟକ । କଂଗ୍ରେସ ସଭ୍ୟମାନେ ମଧ୍ୟ ଏମଏମଡିଆର ସଂଶୋଧନ ଆଇନକୁ ତୀବ୍ର ବିରୋଧ କରି ବାଚସ୍ପତିଙ୍କ ଆସନ ନିକଟରେ ପ୍ରତିବାଦ ଜଣାଇଥିଲେ । ବିଜେଡି ଓ କଂଗ୍ରେସ ସଭ୍ୟଙ୍କ ହଙ୍ଗାମାରେ ଗୃହ ଜମିଥିଲା । ବାଚସ୍ପତି ଗୃହକୁ ୧୧.୩୮ ରୁ ୧ ଘଂଟା ୧୦ ମି ଯାଏ ମୁଲତବୀ ରଖିଥିଲେ । ଅପରାହ୍ନ ଅଧିବେଶନରେ ମଧ୍ୟ ବିରୋଧୀ ପ୍ରତିବାଦ ଜଣାଇଥିଲେ । ହଙ୍ଗାମା ପାଟିତୁଣ୍ଡ ମଧ୍ୟରେ ୬ଟି ବିଲ୍ ଆଗତ ହୋଇଥିଲା । ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜି ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପହଂଚିବା ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ ସହ ଆରମ୍ଭ ହୋଇଥିଲା । ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ସଦସ୍ୟଙ୍କ ସମେତ ନେପାଳ ଜଳପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ସମ୍ମାନରେ ଶୋକପ୍ରସ୍ତାବ ଆଗତ କରିଥିଲେ । ସେହି ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ଓ ବାଚସ୍ପତି ଶ୍ରୀମତୀ ପାଢ଼ୀ ଶୋକ ବ୍ୟକ୍ତ କରିଥିଲେ । ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଶୋକ ପ୍ରସ୍ତାବ ଶେଷ ହେବାମାତ୍ରେ ଗୃହର ବାତାବରଣ ସରଗରମ ହୋଇପଡ଼ିଥିଲା । ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ । କଂଗ୍ରେସ ବିଧାୟକମାନେ ଏମଏମଡିଆର ଆକ୍ଟ ଓ ବିଜେଡି ବିଧାୟକମାନେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ୧୧.୩୮ ମିନିଟରେ ଦିନ ୧ଟା ୧୦ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ତେବେ ଗୃହ ପୁଣିଥରେ ୧ଟା ୧୦ମିନିଟରେ ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଗୃହ ପରିଚାଳନା ସମ୍ଭବପର ନହେବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧ଟା ୧୧ମିନିଟରେ ପୁଣିଥରେ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଗୃହ ମୁଲତବୀ ହେବାପରେ ବିଜେଡି ବିଧାୟକମାନେ ଚାଲିଚାଲି ଲୋୟର ପିଏମଜିଠାରେ ଧାରଣାସ୍ଥଳକୁ ଯାଇ ବିଜେଡିର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ, ବିଜେପି ସରକାରର ମନ୍ତ୍ରୀମାନେ କାଲ, ମୂକ ଓ ବଧିର ସାଜିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ସାଂଘାତିକ ଭୁଲ ରହିବା, ଓଡ଼ିଶା ବିଧାନସଭାର ଭୁଲ ଫଟୋ ଛାପିବା ଓ ଓଡ଼ିଆ ବର୍ଣ୍ଣମାଳା ବିଭ୍ରାଟ ଯୋଗୁ କୋଟିକୋଟି ଟଙ୍କା ପାଣିରେ ପଡ଼ିଥିଲେ ମଧ୍ୟ ସରକାର କେବଳ ଅଫିସରଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚେଷ୍ଟା କରୁଛନ୍ତି । ଏହାର ନୈତିକ ଉତ୍ତରଦାୟିତ୍ୱ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଅନ୍ତୁ ଓ ସେ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ଉଭୟ ବିଜେପି ଓ ବିଜେଡିକୁ କଡ଼ା ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଯେ ବିଜେଡି ଏହି ପାଠ୍ୟପୁସ୍ତକ ଓ ଏମଏମଡିଆର୍ ପ୍ରସଙ୍ଗକୁ ଗୃହରେ ଦୃଢ଼ତାର ସହ ନଉଠାଇ କେବଳ ଲୋକଦେଖାଣିଆ ରାଜନୀତି କରୁଛି । କେନ୍ଦ୍ର ସରକାର ଏମଏମଡିଆର୍ ସଂଶୋଧନ ଆଇନ ମାଧ୍ୟମରେ ଓଡ଼ିଶାର ଖଣିଜ ସମ୍ପଦ ଓ ଟିକସ ଆଦାୟ କ୍ଷମତାକୁ ଛଡ଼ାଇ ନେଉଥିବାବେଳେ ବିଜେଡି କେବଳ ଚିଠି ଲେଖି ଚୁପ୍ ବସିଯାଇଛି । ଯଦି ରାଜ୍ୟର ଏକ ଲକ୍ଷ କୋଟି ଟଙ୍କା କ୍ଷତି ହେଉଛି ତା'ହେଲେ ବିଧାନସଭା କାହିଁକି ଚାଲିବ । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ଏହି ଲଢ଼େଇ ଜାରି ରଖିବ ଓ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବାକୁ ବାଧ୍ୟ ହେବେ ସେ କହିଛନ୍ତି । ଅନ୍ୟପକ୍ଷରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ସରକାର ସମସ୍ତ ବିଷୟରେ ଗୃହରେ ଆଲୋଚନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତ୍ରୁଟିପୂର୍ଣ୍ଣ ବହି ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଥିସହ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ସଂଶୋଧିତ ପୁସ୍ତକ ବଂଟନ କରାଯାଇସାରିଛି ଓ କୌଣସି ପିଲା ସଠିକ୍ ପାଠରୁ ବଂଚିତ ହେବେନାହିଁ ।

ମହିଳା ଓକିଲଙ୍କ ବିରୋଧ ପ୍ରଦର୍ଶନକୁ ନେଇ କ୍ଷୁବ୍ଧ ସିଜେଆଇ

ନୂଆଦିଲ୍ଲୀ, ୨୨/୯ (ନ୍ୟୁ.ଏ): ରାଜ୍ୟ ବାର କାଉନ୍‌ସିଲ୍‌ରେ ମହିଳା ଓକିଲଙ୍କ ପାଇଁ ୩୦% ପ୍ରତିନିଧିତ୍ୱ ବା ସଂରକ୍ଷଣ ସମ୍ପର୍କିତ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ କେତେକ ମହିଳା ଓକିଲ ବିରୋଧ କରିବା ଘଟଣାକୁ ନେଇ ମଙ୍ଗଳବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କ୍ଷୁବ୍ଧ ହୋଇଛନ୍ତି । ଏହି ନିର୍ଦ୍ଦେଶକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କହି ମହିଳା ଓକିଲମାନେ ଆଜି ସୁପ୍ରିମ୍‌କୋର୍ଟ ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ । ଏହା ସହ ସୋସିଆଲ ମିଡିଆରେ ମଧ୍ୟ ଅଭିଯାନ ଚଳାଇଥିଲେ । ଅଦାଲତର କାର୍ଯ୍ୟ ଆରମ୍ଭରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ କେତେକ ମହିଳା ଓକିଲ ଏହି ନିର୍ଦ୍ଦେଶକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କହୁଥିବା ଏବଂ ଏହା ବିରୋଧରେ ପ୍ରଦର୍ଶନ କରୁଥିବା ସେ ଶୁଣିଛନ୍ତି । ଯଦି ମହିଳା ଓକିଲମାନେ ନିଜେ ସଂରକ୍ଷଣ ଚାହୁଁନାହାନ୍ତି, ତେବେ ଏହାକୁ କାହିଁକି ଲାଗୁ କରାଯିବ ? ଏପରି ସ୍ଥିତିରେ ୩୦% ସଂରକ୍ଷଣ ସମ୍ପର୍କିତ ନିର୍ଦ୍ଦେଶ ପ୍ରତ୍ୟାହାର କରିନେବା ଉଚିତ ବୋଲି ସେ ମତ ଦେଇଥିଲେ । ଗତ ୪ ଅଗଷ୍ଟ ଓ ୯ ସେପ୍ଟେମ୍ବରରେ ସୁପ୍ରିମ୍‌କୋର୍ଟ ରାଜ୍ୟ ବାର କାଉନ୍‌ସିଲ୍‌ଗୁଡ଼ିକରେ ମହିଳା ଓକିଲଙ୍କ ପାଇଁ ୩୦% ପ୍ରତିନିଧିତ୍ୱ ସମ୍ପର୍କିତ ନିର୍ଦ୍ଦେଶ ଦେଇଥିଲେ । କେତେକ ମହିଳା ଓକିଲ ଭାରତୀୟ ବାର କାଉନ୍‌ସିଲ୍ (ବିସିଆଇ)ର ସ୍ୱାୟତତା ନେଇ ଚିନ୍ତା ପ୍ରକାଶ କରିବା ସହ ସୁପ୍ରିମ୍‌କୋର୍ଟ ବିସିଆଇର କ୍ଷମତା ନିଜ ହାତକୁ ନେଉଥିବା ଅଭିଯୋଗ କରିଥିଲେ ।

ସର୍ବଣା ବିବେକ ଏମ୍ ହେଲେ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର, ୨୨/୯ (ଆ.ପ୍ର) : ଭୁବନେଶ୍ୱରକୁ ମିଳିଲା ନୂଆ ଡିସିପି । ଭୁବନେଶ୍ୱରର ନୂଆ ଡିସିପି ହୋଇଛନ୍ତି ଓଟଙ୍କ ସର୍ବଣା ବିବେକ ଏମ୍ । ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ସର୍ବଣା ବିବେକ ଏମ୍ ପୂର୍ବରୁ ବ୍ରହ୍ମପୁର ଏସପି ଥିଲେ । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୧୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ହେଉଛନ୍ତି ସର୍ବଣା ବିବେକ ଏମ୍ । ପୂର୍ବରୁ ସେ ରାୟଗଡ଼ା ଏବଂ ବ୍ରହ୍ମପୁରର ଏସପି ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଏହା ସହିତ ସେ ଭୁବନେଶ୍ୱରରେ ଭିଜିଲାନ୍ସ ଏସପି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଆଗକୁ ପାର୍ବଣ ଆସୁଥିବା ବେଳେ ଭୁବନେଶ୍ୱରର ଗୁରୁ ଦାୟିତ୍ୱ ବର୍ତ୍ତମାନ ତାଙ୍କ ଉପରେ ରହିବ । ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ପର୍ଦ୍ଦାଫାସ କରିବାରେ ତାଙ୍କ ଭୂମିକା ବେଶ ପ୍ରଶଂସନୀୟ ଥିଲା । ସମସ୍ତ ଅଭିଯୁକ୍ତମାନଙ୍କୁ ଧରିବା ଏବଂ ହତ୍ୟା ପଛର ମୁଖ୍ୟ କାରଣକୁ ଖୋଜି ସେ ବାହାର କରିଥିଲେ । ଏଥିସହ ବ୍ରହ୍ମପୁର ଓ ଢେଙ୍କାନାଳ ଏସପି ମଧ୍ୟ ବଦଳିଛନ୍ତି । ବ୍ରହ୍ମପୁର ଏସପି ଭାବେ ଅଭିନବ ସୋନକରଙ୍କୁ ଦାୟିତ୍ୱ ଦିଆଯାଇଛି । ଢେଙ୍କାନାଳ ଏସପି ଭାବେ ଅଜିଙ୍କ୍ୟ ବି.ମାନେଙ୍କୁ ଦାୟିତ୍ୱ ମିଳିଛି । ବରଗଡ଼ ଏସଡିପିଓ ଭାବେ ଏବି.ଶିଲ୍ପାଙ୍କୁ ନିଯୁକ୍ତ କରାଯାଇଛି ।

ଲହରୀକୁ ମିଳିଲା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର, ୨୨/୯ (ଆ.ପ୍ର) : ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର 'ଲହରୀ'କୁ ପ୍ରଦାନ କରାଯାଇଛି । ଗୁଜୁରାଟର ଏକତା ନଗରଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଲହରୀ' ହେଉଛି ୨୦୨୫ ମସିହାରେ ମୁକ୍ତିଲାଭ କରିଥିବା ଏକ ପ୍ରଶଂସିତ ଓଡ଼ିଆ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ଓଡ଼ିଶାର ମାଟି, ପରମ୍ପରା, ଏବଂ ମାନବୀୟ ସମ୍ପର୍କର ଏକ ସୁନ୍ଦର ମିଶ୍ରଣ । ଏହି ଚଳଚ୍ଚିତ୍ରକୁ ଓଲିଉଡର ଜଣାଶୁଣା ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଥିବା ବେଳେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଏଥିରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାଶ ମହାପାତ୍ର ଏବଂ ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ଓଡ଼ିଶାର ଗ୍ରାମୀଣ ପରିବେଶ, ବାପା-ପୁଅଙ୍କ ସମ୍ପର୍କର କାହାଣୀ, ବନ୍ଧୁତ୍ୱ ଏବଂ ଗାଁରେ 'ଇକୋ-ଟୁରିଜିମ୍'ମାଧ୍ୟମରେ ଲୋକଙ୍କ ବିକାଶକୁ ଖୁବ୍ ସୁନ୍ଦର ଭାବେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରଟି କେବଳ ଓଡ଼ିଶାରେ ନୁହେଁ, ବରଂ 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବର୍ଣ୍ଣ' ଭଳି ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସିତ ହୋଇଛି ।

ରାଜ୍ୟରେ ପ୍ରବଳ ବର୍ଷା, ୪ ଜିଲ୍ଲାକୁ 'ରେଡ୍ ୱାର୍ଣ୍ଣିଂ'

ଭୁବନେଶ୍ୱର, ୨୨/୯ (ଆ.ପ୍ର) : ପଶ୍ଚିମ-କେନ୍ଦ୍ରୀୟ ଏବଂ ତାହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୧୮ କିମି ବେଗରେ ପଶ୍ଚିମ ଆଡ଼କୁ ଗତି କରି ଆଜି ସକାଳ ସାଢେ ୮ଟାରେ ଅକ୍ଷାଂଶ ୧୭.୯ଏ ଉତ୍ତର ଏବଂ ଦ୍ରାଘିମା ୮୬.୦ଏ ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି । ଏହା ଗୋପାଳପୁରର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍ ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣାର ପୂର୍ବରେ ୨୯୦ କିମି ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଂଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବାର ବହୁ ସମ୍ଭାବନା ରହିଛି । କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଏହା ଗଭୀର ଅବପାତ ରୂପେ ୨୩ ତାରିଖ ରାତି କିମ୍ବା ୨୪ ସକାଳ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ୨୨ ସେପ୍ଟେମ୍ବରରେ ଓଡ଼ିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ୨୩ ଏବଂ ୨୪ ସେପ୍ଟେମ୍ବରରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବିଚ୍ଛିନ୍ନ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ୨୫ ସେପ୍ଟେମ୍ବରରେ ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୨୬ ସେପ୍ଟେମ୍ବରରେ ଓଡ଼ିଶାର ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୩-୨୪ ସେପ୍ଟେମ୍ବର ପାଇଁ କୋରାପୁଟ, ଗଜପତି ଏବଂ ଗଞ୍ଜାମ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ୨୪-୨୫ ସେପ୍ଟେମ୍ବର ପାଇଁ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ୟାନାମ୍ ଉପକୂଳରେ ଏବଂ ଉପକୂଳ ସଂଲଗ୍ନ ସମୁଦ୍ରରେ ଘଂଟାପ୍ରତି ୪୦-୫୦ କିମି ବେଗରେ ପବନ ବହିବା ସହ ଝଟକା ପବନର ବେଗ ୬୦ କିମି ପର୍ଯ୍ୟନ୍ତ ପହଂଚିବା ଆରମ୍ଭ ହୋଇଯାଇଛି । ୨୨ ସେପ୍ଟେମ୍ବର ସନ୍ଧ୍ୟାରୁ ଏହା କ୍ରମାଗତ ଭାବେ ବୃଦ୍ଧି ପାଇ ଘଂଟାପ୍ରତି ୫୦-୬୦ କିମି ଏବଂ ଝଟକା ପବନର ବେଗ ୭୦ କିମି ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି । ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ୨୨ ତାରିଖ ସନ୍ଧ୍ୟାରୁ ପବନର ବେଗ ବୃଦ୍ଧି ପାଇ ଘଂଟାପ୍ରତି ୫୦-୬୦ କିମି ଏବଂ ଝଟକା ପବନର ବେଗ ୭୦ କିମି ରହିବ । ୨୩ ରୁ ୨୪ ସନ୍ଧ୍ୟା ପର୍ଯ୍ୟନ୍ତ ପବନର ବେଗ ଆହୁରି ବୃଦ୍ଧି ପାଇ ଘଂଟାପ୍ରତି ୫୫-୬୫ କିମିରୁ ଝଟକା ୭୫ କିମି ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି । ସମୁଦ୍ର ଅଶାନ୍ତରୁ ଅତି ଅଶାନ୍ତ ରହିବାର ସମ୍ଭାବନା ଅଛି । ମତ୍ସ୍ୟଜୀବୀମାନଙ୍କୁ ୨୪ ପର୍ଯ୍ୟନ୍ତ ପଶ୍ଚିମ-କେନ୍ଦ୍ରୀୟ, ସଂଲଗ୍ନ ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ-ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ଆଜି ସକାଳ ୮:୩୦ ସୁଦ୍ଧା ରାଜ୍ୟରେ ହାରାହାରି ୧୩.୫ ମିମି ବର୍ଷା ରେକର୍ଡ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ସର୍ବାଧିକ ୭୮.୦ ମିମି ବର୍ଷା ରେକର୍ଡ ହୋଇଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ରହିଛି । ଋଷିକୁଲ୍ୟା ନଦୀ ସୋରଡ଼ାଠାରେ ୭୬.୮୩ ମିଟର (ବିପଦ ସଙ୍କେତ ୮୧.୯୯ ମିଟର), ମାଧବରିଡ଼ାଠାରେ ୫୫.୯୪ ମିଟର (ବିପଦ ସଙ୍କେତ ୬୦.୬୫ ମିଟର) ଏବଂ ପୁରୁଷୋତ୍ତମପୁରଠାରେ ୧୨.୧୮ ମିଟର (ବିପଦ ସଙ୍କେତ ୧୬.୮ ମିଟର) ରହିଛି । ବଂଶଧାରା ନଦୀ ଗୁଣୁପୁରଠାରେ ୮୦.୯୩ ମିଟର (ବିପଦ ସଙ୍କେତ ୮୪.୦୦ ମିଟର) ଏବଂ କାଶୀନଗରଠାରେ ୫୨.୯୩ ମିଟର (ବିପଦ ସଙ୍କେତ ୫୪.୬୦ ମିଟର) ରହିଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ଜଳାଶୟଗୁଡ଼ିକରେ ଉପଲବ୍ଧ ଜଳ ଧାରଣ କ୍ଷମତା ମଧ୍ୟରୁ ଉପର ଇନ୍ଦ୍ରାବତୀରେ ୮୩.୬%, ଉପର କୋଲାବରେ ୫୪.୫%, ବାଲିମେଳାରେ ୪୪.୪% ଏବଂ ମାଛକୁଣ୍ଡ (ଜଳାପୁଟ)ରେ ୬୩.୮% ରହିଛି । ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଅଗ୍ନିଶମ ସେବା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜଳସମ୍ପଦ ବିଭାଗ, ପୋଲିସ୍ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

'ନକ୍ସଲ' ମନ୍ତବ୍ୟକୁ ନେଇ ସୁପ୍ରିମ୍‌କୋର୍ଟରେ ମୁରଲୀଧର-ମେହେଟ୍ଟା ମୁହାଁମୁହିଁ

ନୂଆଦିଲ୍ଲୀ: ବନ୍ଦେ ମାତରମ୍‌ର ସମସ୍ତ ୬ଟି ପଦ ଗାଇବା ସମ୍ପର୍କିତ ମାମଲାର ଶୁଣାଣି ବେଳେ ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଓ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧରଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ହୋଇଛି । ସାମ୍ବିଧାନିକ ପ୍ରକ୍ରିୟାରେ ଆଇନ ପ୍ରଣୟନ ପ୍ରସଙ୍ଗରେ ଯୁକ୍ତି ରଖିବା ବେଳେ ମେହେଟ୍ଟା 'ନକ୍ସଲ' ଶବ୍ଦ ବ୍ୟବହାର କରିବାରୁ ମୁରଲୀଧର ଏହାକୁ ନେଇ ତୀବ୍ର ଆପତ୍ତି ଉଠାଇଥିଲେ । ମୁରଲୀଧର କହିଥିଲେ, ସେ ବ୍ୟବହାର କରିଥିବା ଶବ୍ଦକୁ ପ୍ରତ୍ୟାହାର କରନ୍ତୁ । ଏହାର ଜବାବରେ ମେହେଟ୍ଟା କହିଥିଲେ ଯେ ସେ ସାମ୍ବିଧାନିକ ପଦ୍ଧତିରେ ଆଇନ ପ୍ରଣୟନ କଥା କହିଛନ୍ତି, ନକ୍ସଲମାନେ ଚାହୁଁଥିବା ପଦ୍ଧତିରେ ନୁହେଁ । ସେ ଏଥିପାଇଁ ଦୁଃଖିତ ନୁହନ୍ତି ବୋଲି ମଧ୍ୟ କହିଥିଲେ । ଏହାପରେ ମୁରଲୀଧର କହିଥିଲେ ଯେ ଜଣେ ଆଇନ ଅଧିକାରୀଙ୍କଠାରୁ ଏଭଳି ଶବ୍ଦ ଆଶା କରାଯାଏ ନାହିଁ । ଏହାପରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ ମଧ୍ୟ ହସ୍ତକ୍ଷେପ କରି କହିଥିଲେ, ନିଜସ୍ୱ ମତ ରଖିବା ଅର୍ଥ ନକ୍ସଲ ହେବା ନୁହେଁ । ଏହି ସମୟରେ ବିଚାରପତି ଜୟମାଲ୍ୟ ବାଗ୍‌ଚୀ ହସ୍ତକ୍ଷେପ କରି କହିଥିଲେ ଯେ ଏପରି ମନ୍ତବ୍ୟ ଯୋଗୁଁ ଅନାବଶ୍ୟକ ଉତ୍ତେଜନା ସୃଷ୍ଟି ହେଉଛି । କାହାକୁ 'ନକ୍ସଲ' ବୋଲି ଅଭିହିତ କରାଗଲେ ମଧ୍ୟ ତାଙ୍କର ସାମ୍ବିଧାନିକ ଅଧିକାର ଶେଷ ହୋଇଯାଏ ନାହିଁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ମଧ୍ୟ ଉଭୟ ପକ୍ଷକୁ ମାମଲାର ଆଇନଗତ ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ କହିଥିଲେ । ଶୁଣାଣି ଶେଷରେ ଖଣ୍ଡପୀଠ କହିଥିଲେ ଯେ ଏହି ମନ୍ତବ୍ୟଗୁଡ଼ିକୁ ଆଦେଶରେ ରେକର୍ଡ କରାଯାଉନାହିଁ ଏବଂ ମାମଲାର ସାମ୍ବିଧାନିକ ପ୍ରସଙ୍ଗ ଉପରେ ହିଁ ବିଚାର କରାଯିବ । କେନ୍ଦ୍ରକୁ ଏହି ମାମଲାରେ ଜବାବ ଦାଖଲ କରିବାକୁ ସମୟ ଦିଆଯାଇଛି ।

ନୂଆଦିଲ୍ଲୀରେ ଓଡ଼ିଶାର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶିତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୯ (ଆ.ପ୍ର) : ନୂଆଦିଲ୍ଲୀରେ ଆୟୋଜିତ ୯ମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ (ଆଇଆଇଡବ୍ଲୁଡବ୍ଲୁ)-୨୦୨୬ରେ ଓଡ଼ିଶା ନିଜର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶନ କରିଛି । ସେପ୍ଟେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା ସହଭାଗୀ ରାଜ୍ୟ ଭାବେ ଅଂଶଗ୍ରହଣ କରିଅଛି । ଚଳିତବର୍ଷର ବିଷୟବସ୍ତୁ 'ଜଳବାୟୁ ସହନଶୀଳ ଜଳ ପରିଚାଳନା' । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସି. ଆର. ପାଟିଲ୍ ଓଡ଼ିଶା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି । ଆଇଆଇଡବ୍ଲୁଡବ୍ଲୁ-୨୦୨୬ର ବିଭିନ୍ନ ଆଲୋଚନା ମଧ୍ୟରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା "ସ୍ଥାୟୀ ଜଳ ସମ୍ପଦ ପରିଚାଳନା ପାଇଁ ଭାରତ-ଡେନମାର୍କର ମିଳିତ ସମାଧାନ ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନର ସହ-ଅଧ୍ୟକ୍ଷତା କରିଥିଲେ । ଭାରତରେ ଡେନମାର୍କର ରାଷ୍ଟ୍ରଦୂତ ମହାମହିମ ଶ୍ରୀ ରାସମୁସ୍ ଆବିଲ୍‌ଡଗାର୍ଡ କ୍ରିଷ୍ଟେନ୍‌ସେନ୍‌ଙ୍କ ସହ ସେ ଏହି ଅଧିବେଶନରେ ଅଂଶଗ୍ରହଣ କରି ଉପକୂଳ କ୍ଷୟର ମୁକାବିଲା, ଉପକୂଳୀୟ ସହନଶୀଳତା ବୃଦ୍ଧି ଏବଂ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ଡେନମାର୍କର ବିଶେଷଜ୍ଞତା ଓ ପ୍ରଯୁକ୍ତିର ଉପଯୋଗ ସମ୍ପର୍କରେ ଓଡ଼ିଶା-ଡେନମାର୍କ ସହଯୋଗର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ପ୍ୟାଭିଲିୟନ୍‌ରେ ରାଜ୍ୟର ଜଳସେଚନ ଭିତ୍ତିଭୂମି, ଜଳର ଦକ୍ଷ ଉପଯୋଗ ସହ ଜଳ ସୁରକ୍ଷା ଓ ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ପ୍ରଦର୍ଶିତ ହେଉଛି । ଏଥିରେ ମୃତ୍ତିକା ଆର୍ଦ୍ରତା ସେନ୍‌ସର, ସମନ୍ୱିତ ଧାନ-ମାଛ ଚାଷ ମଡେଲ୍, ସ୍ୱୟଂଚାଳିତ ଓଦା-ଶୁଖିଲା ପ୍ରଣାଳୀ ଏବଂ ଡାଲି ଓ ଧାନର ବିଭିନ୍ନ ବିହନ କିସମ ଆଦି ପ୍ରଦର୍ଶିତ ହୋଇଛି । ଏହି ପଦକ୍ଷେପଗୁଡ଼ିକ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହିତ କରିବା ସହ ଜଳର ଦକ୍ଷ ଉପଯୋଗରେ ସହାୟକ ହେଉଛି । 'ଜଳବାୟୁ ସହନଶୀଳ ଜଳ ପରିଚାଳନା' ବିଷୟବସ୍ତୁ ସହ ସମନ୍ୱୟ ରଖି ଏକ ସ୍ୱତନ୍ତ୍ର ମଡେଲ୍ ମାଧ୍ୟମରେ ଜଳ ସମ୍ପଦ ବିଭାଗ ଦ୍ୱାରା ରାଜ୍ୟରେ ଗ୍ରହଣ କରାଯାଉଥିବା ଜଳବାୟୁ ସହନଶୀଳ ପଦକ୍ଷେପଗୁଡ଼ିକ ପ୍ରଦର୍ଶିତ ହେଉଛି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଅଲ ଓଡ଼ିଶା ହସପିଟାଲ କର୍ମଚାରୀ ସଂଘ ନବରଙ୍ଗପୁରର ସିଡ଼ିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନବରଙ୍ଗପୁର,୨୨/୦୯ (ଆ.ପ୍ର) : ମେଡିକାଲରେ ସଫେଇ କରିବା ପାଇଁକର୍ମଚାରୀ ନିଯୁକ୍ତି କରିଛନ୍ତି । ସେମାନେ ସେବା ସାହାଯ୍ୟ ଓ ପରିବାର ପ୍ରତିପକ୍ଷଣ କରିବା ଲକ୍ଷରେ ଏହି କାର୍ଯ୍ୟରେ ଯୋଗଦେଇ ନିଜର କାର୍ଯ୍ୟ ପ୍ରତିପାଦନ କରୁଛନ୍ତି । କିନ୍ତୁ ଏହି କାର୍ଯ୍ୟକୁ ଏକ ଘରଇ ସଂସ୍ଥା ହସ୍ତାନ୍ତର କରି ନିରବ ପ୍ରଶାସନ ଏମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି । ଏହି ପରିସ୍ଥିତ ଉପଜିଛି ନବରଙ୍ଗପୁର ଜିଲ୍ଲାର ସରକାରୀ ମେଡିକାଲ ଠାରେ ଡାକ୍ତରଖାନାରେ କାମ କରୁଥିବା ସୁଇପର କର୍ମଚାରି ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ ବାରମ୍ୱାର ପ୍ରଶାସନ ଦ୍ୱାରସ୍ତ ହେଲା ପରେ ମଧ ସେମାନଙ୍କୁ ପ୍ରତିଶ୍ରୁତି ହିଁ ମିଳୁଛି ବାଧ ହୋଇ ସିଡ଼ିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଠାରୁ ଧାରଣା ଦେଇଛନ୍ତି । ଡାକ୍ତର ଖାନାରେ କାର୍ଯ୍ୟ କରୁଥିବା ସୁଇପର କର୍ମଚାରୀ ମାନଙ୍କ ଦରମା ପ୍ରତ୍ୟେକ ମାସର ୧୫ ତାରିଖ ପୂର୍ବରୁ ଦରମା ଦେବା ପାଇଁ ବ୍ୟବସ୍ଥା କରାଯାଉ, ଡାକ୍ତର ଖାନାରେ ବାୟୋମେଟ୍ରିକ ମେସିନ କାମ କରୁ ନଥିବା ଯୋଗୁଁ ବାୟୋମେଟ୍ରିକ ମେସିନ ଠିକ କଲା ପର୍ଯ୍ୟନ୍ତ ରେଜିଷ୍ଟର ଉପସ୍ଥାନର ଦସ୍ତଖତ ଅନୁଯାୟୀ କର୍ମଚାରୀଙ୍କ ଦରମା ଠିକ ସମୟ ମଧ୍ୟରେ ଦିଆଯାଉ, ଏଲ ଏଣ୍ଡ କେ ଏଜନସି ଥିବାସମୟରେ ହସପିଟାଲର ସମସ୍ତ କର୍ମଚାରୀଙ୍କ ଇପିଏଫ ଟଙ୍କା ଆଠ ମାସର ଜମା କରାଯାଇ ନାହିଁ ତାହା ତୁରନ୍ତ ଜମା କରିବାକୁ ଆଦେଶ କରାଯାଉ । ଅଭିରାମ ଏଜନସି ଆସିବା ଦିନ ଠାରୁ ପ୍ରାୟ ୬ ମାସହେବ ଇପିଏଫ ଟଙ୍କାର ସ୍ଲିପ ଆସୁନାହିଁ ତାହା ଟଙ୍କା ଜମାକରି ତୁରନ୍ତ ଇପିଏଫ ସ୍ଲିପ ଦେବାର ବ୍ୟବସ୍ଥାକରାଯାଉ । ହସପିଟାଲରେ କାର୍ଯ୍ୟରତ ସମସ୍ତ ସୁଇପରମାନଙ୍କ କାମ କଣ ଗାଇଡ ଲାଇନ ଯୋଗାଇଦିଆଯାଉ । ହସପିଟାଲର କର୍ମଚାରି ମାନଙ୍କ ପ୍ରତ୍ୟେକ ମାସର ପେ ସ୍ଲିପ ଯୋଗାଇ ଦିଆଯାଉ ସରକାରଙ୍କ ଦୈନିକ ମଜୁରି ଟଙ୍କା ଅନେକ ଦିନ ହେଲା ବୃଦ୍ଧି ପାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବୃଦ୍ଧିପାଇଥିବା ଟଙ୍କା ଦିଆଯାଇ ନାହିଁ ତାହା ତୁରନ୍ତ ଦେବାର ବ୍ୟବସ୍ଥା କରାଯାଉ । ବର୍ତମାନ ଡାକ୍ତରଖାନାରେ କାର୍ଯ୍ୟକରୁଥିବା ସୁଇପରମାନଙ୍କୁ ହସପିଟାଲ ତରଫରୁ ଦରମା ଦେବାର ବ୍ୟବସ୍ଥା କରାଯାଉ । ଯେତେବେଳେ ପର୍ଯ୍ୟନ୍ତ ଉପରଲିଖିତ ସମସ୍ୟା ଗୁଡ଼ିକର ସମସ୍ୟା ସମାଧାନ ନ ହୋଇଛି ସେହି ପର୍ଯ୍ୟନ୍ତ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁ ରହିବ ସଂଘ ତରଫରୁ ଘୋଷଣା କରିଛନ୍ତି ଏଥିରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ଉପଦେଷ୍ଟା ପରମେଶ୍ୱର ବିଶୋୟୀ, ହସପିଟାଲ କର୍ମଚାରୀ ସଂଘ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ମରିୟମ ଗଉଡ଼ା ସମ୍ପାଦିକା ନମିତା ନାଗ ବିଏମଏସ ଜିଲ୍ଲା ସମ୍ପାଦକ ବିଷୋୟୀ ଉପସ୍ଥିତ ଥିଲେ ।

ଅସ୍ତରଙ୍ଗରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଅସ୍ତରଙ୍ଗ,୨୨/୯(ଆ.ପ୍ର): ଅସ୍ତରଙ୍ଗ ବ୍ଲକ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅସ୍ତରଙ୍ଗ ପଂଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ ଓ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋଜାଲିନ୍ ବେହେରା, ସହ ଅଧିକାରୀ ରାଜକିଶୋର ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତାଚାନ୍ଦ ନାୟକ ଯୋଗଦେଇଥିଲେ ।ଅସ୍ତରଙ୍ଗର ବିଭିନ୍ନ ପଂଚାୟତରୁ ଅସ୍ଥିସନ୍ଧ୍ୟ, ଭେଷଜ, ଚକ୍ଷୁ, ନାସା, ଗଳା, କାନ ସମସ୍ୟା ଜନିତ ମୋଟ ୧୧୧ ଜଣ ନିଜର ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଡାକ୍ତରୀ ପରାମର୍ଶ ନେଇଥିଲେ । ତନ୍ମଧ୍ୟରୁ ୪୩ ଜଣ ଅସ୍ଥିସନ୍ଧ୍ୟ, ନାସା ଗଳା କାନ ସମସ୍ୟା ଜନିତ ୨୮ ଜଣ, ଶିଶୁ ରୋଗ ଜନିତ ୩ ଜଣ, ଆଖି ସମସ୍ୟା ଜନିତ ୧୨ ଜଣ ଓ ଅନ୍ୟାନ୍ୟ ସମସ୍ୟା ଜନିତ ୧୨ ଜଣ ରୋଗୀ ଡାକ୍ତରୀ ପରାମର୍ଶ ହାସଲ କରିଥିଲେ । ପୁରୀ ଜିଲ୍ଲାରୁ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ଭିନ୍ନକ୍ଷମଙ୍କର ପରୀକ୍ଷା ନିରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ । ଅସ୍ତରଙ୍ଗ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରୋଗ୍ରାମ ଆସିଷ୍ଟାଂଟ ରାଜକିଶୋର ରାଉତ ଉପସ୍ଥିତ ରହି ଶିବିରକୁ ସୁପରିଚାଳନା କରିଥିଲେ ।

ସ୍ଥିତି ପରଖିବା ପାଇଁ କଳିଙ୍ଗା ଘାଟିରେ ପ୍ରଶାସନିକ ଅଧିକାରୀ

ଜି.ଉଦୟଗିରି,୨୨/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଥିବାବେଳେ ୨୩ ଓ ୨୪ ଦୁଇ ଦିନ କଳିଙ୍ଗା ଘାଟି ବନ୍ଦ ରହିବ ବୋଲି ସୋମବାର ଦିନ ଜିଲ୍ଲାପାଳ ଘୋଷଣା କରିଥିଲେ । ମଙ୍ଗଳବାର ଦିନ ସକାଳୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଦାଇମାଳା ଘାଟି ଏବଂ କଳିଙ୍ଗା ଘାଟିର ଭୂସ୍ଖଳନ ସ୍ଥାନ ପରିଦର୍ଶନ କରିଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଇଏଏସ (ପ୍ରୋବେସନ) ଯଶକରଣ ସିଂ, ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ପ୍ରମୁଖ କଳିଙ୍ଗା ଘାଟିର ଭୂସ୍ଖଳନ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । କଳିଙ୍ଗା ସ୍ଥିତ ପାନ୍ଥ ନିବାସ ଠାରେ ୨୩ ଓ ୨୪ ତାରିଖ ଦୁଇ ଦିନ ନାକା ବନ୍ଦୀ କରାଯିବ । ବର୍ତ୍ତମାନ ଅନ୍ଧାର କୋଟି ଓ ଭୂସ୍ଖଳନ ସ୍ଥାନରୁ ପାହାଡ଼ ପାଣି ଯାଉଥିବା ଦେଖିବାକୁ ମିଳିଛି । ଆସନ୍ତା କାଲି ଠାରୁ ଯାନ ବାହାନ ଟିକାବାଲିରୁ ଚକାପାଦ ହୋଇ ଗଞ୍ଜାମ ଜିଲ୍ଲାର ଗାଜେରୀ ମଧ୍ୟ ଦେଇ ବ୍ରହ୍ମପୁର, ଭୁବନେଶ୍ୱରକୁ ଯାତାୟାତ କରିବ ବୋଲି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ତତ୍ ସହିତ ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକୁ ପର୍ଯ୍ୟଟକ ମାନଙ୍କୁ ଯିବା ପାଇଁ ବାରଣ କରାଯାଇଛି । ବାତ୍ୟା ଓ ବର୍ଷା କମିବା ପରେ ପୁଣି ଥରେ ସ୍ଥିତି ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତି ନିଆଯିବ ବୋଲି ସୂଚନା ମିଳିଛି ।

ବାସୁଦେବପୁରରେ ମିଶ୍ରଣ ପର୍ବ, ବିଜେଡ଼ି ଓ ବିଜେପି ଦଳ ଛାଡି କଂଗ୍ରେସରେ ଶତାଧିକ କର୍ମୀଙ୍କ ଯୋଗଦାନ

ବାସୁଦେବପୁର, ୨୨/୦୯ (ଆ.ପ୍ର) : ବାସୁଦେବପୁର ପୌରପାଳିକାର ୧୫ ଓ ୧୬ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି ରାଜନୈତିକ ଚର୍ଚ୍ଚା । ଭାରତୀୟ ଜାତୀୟ କଂଗ୍ରେସରନେତା ରାହୁଲ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଓ ବିଜେପି ଛାଡ଼ି ଶତାଧିକ କର୍ମୀ ଓ କର୍ମକର୍ତା କଂଗ୍ରେସରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଉଛି । ବିଧାୟକ ଅଶୋକ କୁମାର ଦାସଙ୍କ ଉପସ୍ଥିତିରେ ଆୟୋଜିତ ମିଶ୍ରଣ ପର୍ବରେ ନୂଆ କର୍ମୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା । କଂଗ୍ରେସର ହାତ ଧରିଲେ ଶତାଧିକ କର୍ମୀ କଂଗ୍ରେସ ପତାକା ଧରି ଦଳରେ ସାମିଲ ହେଲେ ନୂଆ କର୍ମୀ ଓ କର୍ମକର୍ତା ।ବାସୁଦେବପୁର ପୌରପାଳିକାର ୧୫ ଓ ୧୬ ନମ୍ବର ୱାର୍ଡରେ ଆୟୋଜିତ ହୋଇଥିଲା ଏହି ମିଶ୍ରଣ ପର୍ବ । ବିଜେଡି ଓ ବିଜେପି ଛାଡ଼ି ବହୁ କର୍ମୀ କଂଗ୍ରେସରେ ଯୋଗ ଦେଇଥିବା ବେଳେ, ନୂଆ କର୍ମୀଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରିଥିଲେ । ନୂଆ କର୍ମୀଙ୍କ ଯୋଗଦାନକୁ ନେଇ ମିଶ୍ରଣ ପର୍ବରେ ଦେଖାଦେଇଥିଲା ଉତ୍ସାହ । ଦଳରେ ସାମିଲ ହୋଇଥିବା କର୍ମୀମାନେ କଂଗ୍ରେସ ସଂଗଠନ ସହ ମିଶି ଲୋକଙ୍କ ସେବା କରିବା ଏବଂ ଦଳୀୟ ସଂଗଠନକୁ ମଜବୁତ କରିବା ନେଇ ମତ ପ୍ରକାଶ କରିଥିଲେ । ମିଶ୍ରଣ ପର୍ବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କଂଗ୍ରେସ ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, କଂଗ୍ରେସ ପୌରପାଳିକା ସଭାପତି ବିଜୟ ମହାନ୍ତି, ଯୁବ ନଗର ସଭାପତି ଶୁଶାନ୍ତ ମହାକୁଡ଼ ଏବଂ ବ୍ଲକ କଂଗ୍ରେସ ଯୁବ ସଭାପତି ସିଦ୍ଧାର୍ଥ ଦାସ, ସେକ୍ ଲାଲୁ, ସେକ୍ ସାଫି, ଟୁଟୁ ଖାଁ, ହମସଦ ଖାଁ, ସେକ୍ ଅନ୍ୱର, ସେକ୍ ଇମରାନଙ୍କ ସମେତ ବହୁ କର୍ମୀ ମାନେ ଉପସ୍ଥିତ ଥିଲେ । ନୂଆ କର୍ମୀଙ୍କ ଯୋଗଦାନ ପରେ ବାସୁଦେବପୁରରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ନେଇ କଂଗ୍ରେସ ନେତାମାନେ ମତ ରଖିଥିଲେ । ମିଶ୍ରଣ ପର୍ବରେ ନୂଆ କର୍ମୀଙ୍କ ଯୋଗଦାନକୁ ନେଇ ଦଳୀୟ ମହଲରେ ଉତ୍ସାହ ଆଗାମୀ ଦିନରେ ଏହି ନୂଆ ଯୋଗଦାନବାସୁଦେବପୁରର କଂଗ୍ରେସ ସଂଗଠନ ଉପରେ କି ପ୍ରଭାବ ପକାଉଛି, ତାହା ଉପରେ ରହିବ ନଜର ।

ଗଭୀର ଅବପାତ ଆଶଙ୍କା : ୩ ଦିନ ଅଙ୍ଗନବାଡ଼ି ଓ ୨୨ରୁ ୨୪ ଯାଏଁ ସ୍କୁଲ ବନ୍ଦ ୨୨ରେ ହେବ ଏନଆରଟିଏସ ପରୀକ୍ଷା, ଆଶ୍ରୟସ୍ଥଳୀ ପାଇଁ ପ୍ରସ୍ତୁତ ରହିବ ସ୍କୁଲ

ପାରଳାଖେମୁଣ୍ଡି, ୨୨/୦୯ (ଆ.ପ୍ର) : ସମ୍ଭାବ୍ୟ ଗଭୀର ଅବପାତ ଓ ଏହାର ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେଇଛି । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସମେତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ୨୨ରୁ ୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୩ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ ହୋଇଛି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ପୃଥକ୍ ନିର୍ଦ୍ଦେଶ ଜାରି ହୋଇଛି । ତେବେ ୨୨ ସେପ୍ଟେମ୍ବରରେ ନିର୍ଦ୍ଧାରିତ ଏନଆରଟି ଏସ ପରୀକ୍ଷା ବାତିଲ ହୋଇନାହିଁ । ଏହା ପୂର୍ବ ନିର୍ଦ୍ଧାରିତ କେନ୍ଦ୍ରରେ ଅନୁଷ୍ଠିତ ହେବ । ପ୍ରଧାନଶିକ୍ଷକମାନେ ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ନିରାପଦ ସୁରକ୍ଷା ଏବଂ ପରିବହନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ, ଆବଶ୍ୟକ ପଡ଼ିଲେ ସ୍କୁଲ୍ ଭବନ ଗୁଡ଼ିକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକୁ ସୁଗମ ରଖିବା ସହ କ୍ଲାସରୁମ୍‌ର ଚାବି ସ୍ଥାନୀୟ ଶିକ୍ଷକ କିମ୍ବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ ରଖିବାକୁ କୁହାଯାଇଛି । ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ମୋବାଇଲ୍ ଫୋନ୍ ଚାଲୁ ରଖି ଜରୁରୀକାଳୀନ ଦାୟିତ୍ୱ ପାଇଁ ସଜାଗ ରହିବେ । ସେହିପରି ୩ ଦିନ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଲେ ମଧ୍ୟ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ନିଜ ଅଂଚଳରେ ଉପସ୍ଥିତ ରହିବେ । ବନ୍ଦ ଅବଧିରେ ହିତାଧିକାରୀଙ୍କ ପାଇଁ ନିର୍ଦ୍ଧାରିତ ରାସନ ଓ ଦୈନିକ ଖାଦ୍ୟ ଘରଦୁଆରେ ପହଂଚାଇବାକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ନିର୍ଦ୍ଦେଶ ଦେଇଛି । ଏହି ପଦକ୍ଷେପ ମାଧ୍ୟମରେ ଗଭୀର ଅବପାତଜନିତ ବର୍ଷା ସମୟରେ ଶିଶୁଙ୍କ ଯାତାୟାତଜନିତ ବିପଦକୁ ଏଡ଼ାଇବା ସହ ଆବଶ୍ୟକ ସମୟରେ ସ୍କୁଲ୍ ଭବନକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ଏବଂ ଅଙ୍ଗନବାଡ଼ି ହିତାଧିକାରୀଙ୍କୁ ଆବଶ୍ୟକ ସେବା ଯୋଗାଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଭାତ୍ମିକ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର,୨୨/୦୯ (ଆ.ପ୍ର) : ଶିକ୍ଷାଦାନର ମାନ ବଢ଼ାଇବା ସହ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ । ଏହି ଲକ୍ଷ୍ୟ ନେଇ ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ । ୧୯/୦୯/୨୬ଠାରୁ ୨୨/୦୯/୨୬ ପର୍ଯ୍ୟନ୍ତ, ବିଦ୍ୟାଭାରତୀ ପରି ଯୋଜନାରେ ସର୍ବ ଭାରତୀୟ ସ୍ତରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଅନୁମୋଦନ କ୍ରମେ ଏନସିଟିଇ ଭାରତ ସରକାରଙ୍କ ତିନିଜଣ ସହ ପ୍ରାଧ୍ୟାପକ ଯଥା ଡଃ ପାର୍ଥ ଘୋଷ ସହକାରୀ ପ୍ରାଧ୍ୟାପକ ବଙ୍କୁରା ମହାବିଦ୍ୟାଳୟ, ଡଃ ନନ୍ଦଦୁଲାଲ ମଣ୍ଡଳ, ସହକାରୀ ପ୍ରାଧ୍ୟାପକ କେନ୍ଦ୍ରୀୟ ଏକଲବ୍ୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଡଃ ନୀଳାଦ୍ରି ପ୍ରଧାନ, ସହକାରୀ ପ୍ରାଧ୍ୟାପକ ମାଲଦା ମହିଳା ମହା ବିଦ୍ୟାଳୟ ଉପସ୍ଥିତ ରହି ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟର ଶୈକ୍ଷୀକ ବ୍ୟବସ୍ଥା ବୌଦ୍ଧିକ ବ୍ୟବସ୍ଥା ଶାରୀରିକ ବ୍ୟବସ୍ଥା ସହ ପ୍ରତ୍ୟେକ ଦିନ ଦିନର ବ୍ୟବସ୍ଥା କୁ ପର୍ଯ୍ୟବେକ୍ଷଣ କରିଥିଲେ, ଉକ୍ତ ଚାରିଦିନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ପୂର୍ବୋତର ସମଗର ସଂଯୋଜ ମାନନୀୟ କ୍ଷେତ୍ରମୋହନ ଦାସ ଉପସ୍ଥିତ ରହି ଅତିଥି ଅଧିକାରୀମାନଙ୍କୁ ସହଯୋଗ କରିଥିଲେ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ରତିକାନ୍ତ ମଲ୍ଲିକ, ଉପସଭାପତି ଗଙ୍ଗାଧର ସେଠୀ, ସହ ସମ୍ପାଦକ ଭରତ କୁମାର ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଅନ୍ତେବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

ଓଡ଼ିଆ ସମ୍ବାଦପତ୍ର କ୍ୟାପିଟାଲ ପୋଷ୍ଟରର ୩୯ ତମ ପ୍ରତିଷ୍ଠା ଦିବସ ପାଳିତ



ଖୋର୍ଦ୍ଧା ଭୁବନେଶ୍ୱର,୨୨/୦୯ (ଆ.ପ୍ର) : ବରିଷ୍ଠ ସାମ୍ବାଦିକ ଓ ଆମ ଅନୁଷ୍ଠାନର ବରିଷ୍ଠ ସଂଯୋଜକ ସୁରେନ୍ଦ୍ର ସାହୁଙ୍କ ସମ୍ପାଦିତ ନିଜସ୍ୱ ଖବରକାଗଜ କ୍ୟାପିଟାଲ ପୋଷ୍ଟର୍‌ର ୩୯ ତମ ପ୍ରତିଷ୍ଠା ଓ ଜନ୍ମବାର୍ଷିକ ଉତ୍ସବ ୨୦ ତାରିଖ ରବିବାର ସନ୍ଧ୍ୟାରେ ନେହେରୁ ଯୁବ ପ୍ରତିଷ୍ଠାନ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ପ୍ରଶାସକ, କବି, ଲେଖକ ତଥା ଆମ ଅନୁଷ୍ଠାନର ସଭାପତି ସହଦେବ ଜୟସିଂହ, ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ । ନିୟାର ବରିଷ୍ଠ ସଂଯୋଜକ ଆଶିଷ ବେହେରା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ, ବରିଷ୍ଠ ସାମ୍ବାଦିକ ତଥା କ୍ୟାପିଟାଲ ପୋଷ୍ଟରର ସଂପାଦକ ସୁରେନ୍ଦ୍ର ସାହୁ ପତ୍ରିକାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସୁଗାୟିକା ଜୟଶ୍ରୀ ସାହୁ ଭଜନ ପରିବେଷଣ କରିଥିଲେ ଓ କବି ମିନତୀ ଦାସ କବିତା ପାଠ କରିଥିଲେ । ଏହି ଅବସରରେ ଶଶିପ୍ରଭା ଦାସଙ୍କ ଦ୍ୱାରା ପ୍ରସ୍ତୁତ ଜନ୍ମଦିନର ପିଠାକୁ କଟା ଯାଇ ବଂଟନ କରା ଯାଇଥିଲା । ବିଶିଷ୍ଟ ସାମ୍ବାଦିକ ଓ ଅଭିନେତା ସତୀଶ ମିଶ୍ର ମଂଚ ପରିଚାଳନା କରିଥିଲେ ଥିବା ବେଳେ ରମେଶ ନନ୍ଦ ଓ ସୁମନ୍ତ ନାୟକ ଉତ୍ସବ କାର୍ଯ୍ୟକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଅନୁଷ୍ଠାନର ସଭ୍ୟ, ସଭ୍ୟା ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ ।

କୋକସରା ବ୍ଲକରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା, ୨୨/୦୯ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି କୋକସରା ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଘାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତାରା ଜସ୍ମିନ୍ ଗୁଡ଼ିଆଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଉପ ନିର୍ଦ୍ଦେଶକ ଯୋଜନା ଏବଂ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ସିଡିଏମ ଓ ଡ଼ ହରେକୃଷ୍ଣ ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରି ଡ. ହିମାଂଚଳ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା । ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଚିକିତ୍ସା ବାବଦ ସହାୟତା ପ୍ରଦାନ କରାଗଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗଗୁଡ଼ିକର ତ୍ୱରିତ, ନ୍ୟାୟସଙ୍ଗତ ଓ ଗୁଣାତ୍ମକ ଫଇସଲା କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ହିଲ ଚେୟାର ପ୍ରଦାନ କରାଯାଇଥିଲା ।

୧୪-୧୭ ବର୍ଷ ବାଳକ ଓ ବାଳିକାଙ୍କ ଜିଲ୍ଲାସ୍ତରୀୟ କ୍ରୀଡ଼ା ଚୟନ ପ୍ରତିଯୋଗିତା ରାଜ୍ୟସ୍ତରୀୟ ତାଏକୋଣ୍ଡ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ





ପାରଳାଖେମୁଣ୍ଡି, ୨୨/୦୯ (ଆ.ପ୍ର) : ଗଜପତି ଜିଲ୍ଲାର ୧୪-୧୭ ବର୍ଷ ବୟସ ବର୍ଗର ବାଳକ ଓ ବାଳିକାମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ତାଏକୋଣ୍ଡ ଓ ମୁଷ୍ଟିଯୁଦ୍ଧ ଚୟନ ପ୍ରତିଯୋଗିତା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍. ଗିରିଧର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥ, ପାରଳା ମହାରାଜା ଓ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ତାଏକୋଣ୍ଡ ଓ ମୁଷ୍ଟିଯୁଦ୍ଧର ଚୟନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଛାତ୍ରଛାତ୍ରୀମାନଙ୍କୁ ଦୃଢ଼ ପରିଶ୍ରମ, ଶୃଙ୍ଖଳା ଓ ଅଧ୍ୟବସାୟ ମାଧ୍ୟମରେ ରାଜ୍ୟ ତଥା ଜାତୀୟସ୍ତରରେ ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍. ଗିରିଧର ଶିକ୍ଷା କ୍ଷେତ୍ର ଭଳି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଗଜପତି ଜିଲ୍ଲାର ଗୌରବ ବଜାୟ ରଖିବା ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ମୁଷ୍ଟିଯୁଦ୍ଧ କୋଚ୍ ରାମକୃଷ୍ଣ ବେଣିଆ ଓ ତାଏକୋଣ୍ଡ କୋଚ୍ କାର୍ତ୍ତିକ କୁମାର ମହାପାତ୍ର ମଂଚାସୀନ ଥିଲେ । ଜାତୀୟସ୍ତରରେ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବା ଜଗନ ବେଣିଆ ଓ ବର୍ଷିତା ଦାସଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କ ଚୟନ ନିମନ୍ତେ ତାଏକୋଣ୍ଡ ଓ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବହୁ ସଂଖ୍ୟକ କ୍ରୀଡ଼ାବିତ୍ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ । ଚୟନ ହୋଇଥିବା ତାଏକୋଣ୍ଡ କ୍ରୀଡ଼ାବିତ୍‌ମାନେ ୨୧.୦୯.୨୦୨୬ରୁ ୨୬.୦୯.୨୦୨୬ ପର୍ଯ୍ୟନ୍ତ କେନ୍ଦୁଝର ସ୍ଥିତ ଏନଏସ୍ ସରକାରୀ ପୋଲିସ ହାଇସ୍କୁଲ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ତାଏକୋଣ୍ଡ ଚାମ୍ପିୟନଶିପ୍ ୨୦୨୬-୨୭ରେ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଏଥିରେ ବହୁ ସଂଖ୍ୟକ କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ ।

ଖୋର୍ଦ୍ଧାରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ, ଜିପିଡ଼ିପିରେ ଶିଶୁ ସୁରକ୍ଷାକୁ ସାମିଲ ପାଇଁ ଜିଲ୍ଲାସ୍ତରୀୟ ପରାମର୍ଶ

ଖୋର୍ଦ୍ଧା, ୨୨/୦୯ (ଆ.ପ୍ର) : ଶିଶୁମାନଙ୍କ ଅଧିକାର, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶକୁ ଗ୍ରାମ ପଂଚାୟତ ବିକାଶ ଯୋଜନାରେ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏଚଇଚରେ ଶିଶୁ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା କାନ୍ତା ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରଧାନ, ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଭୁଟିକା ସାମାଜିକ ସଂଗଠନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବେଣୁଧର ସେନାପତି, ଅରୁଣା ସାମାଜିକ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ତଥା ଖୋର୍ଦ୍ଧାର ପୂର୍ବତନ ଉପ-ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁ ଏବଂ ସମ୍ପାଦକ ଲୋକନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସାମଗ୍ରିକ ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକୁ ଏଚଇଚରେ ଯଥାଯଥ ଭାବେ ସାମିଲ କରିବା ଉପରେ ବିସ୍ତୃତ ପରାମର୍ଶ କରାଯାଇଥିଲା ଓ ଶିଶୁ ବିବାହ, ଶିଶୁ ଶ୍ରମ, ଶିଶୁ ନିର୍ଯାତନା ଓ ଅନ୍ୟାନ୍ୟ ଶିଶୁ ସୁରକ୍ଷା ସମସ୍ୟାର ପ୍ରତିରୋଧ ପାଇଁ ପଂଚାୟତ ସ୍ତରରେ ସମନ୍ୱିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପରାମର୍ଶ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀ, ୱାନ୍ ଷ୍ଟପ୍ ସେଂଟରର କର୍ମଚାରୀ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପୋଲିସ ଅଂଶଗ୍ରହଣ କରିଥିଲେ ଓ ସେମାନେ ଶିଶୁ ସୁରକ୍ଷା ଓ ଶିଶୁ-ଅନୁକୂଳ ଗ୍ରାମ ପଂଚାୟତ ଗଠନ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଗ୍ରହଣ କରିବା ସହ ନିଜ ନିଜ ବିଭାଗର ଭୂମିକା ଓ ଦାୟିତ୍ୱ ନେଇ ମତବିନିମୟ କରିଥିଲେ । ଶିଶୁମାନଙ୍କ ଆବଶ୍ୟକତା ଓ ମତାମତକୁ ସ୍ଥାନୀୟ ବିକାଶ ଯୋଜନାରେ ସାମିଲ କରିବା ସହିତ ଶିଶୁ-ଅନୁକୂଳ ଗ୍ରାମ ପଂଚାୟତ ଗଠନ ଦିଗରେ ବିଭିନ୍ନ ବିଭାଗ ଓ ଅଂଶୀଦାରଙ୍କ ମିଳିତ ପ୍ରୟାସ ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମଟି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଏବଂ ସାମାଜିକ ଅନୁଷ୍ଠାନ "ଅରୁଣା"ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ଓ ଏଥିରେ ଶିଶୁ ସୁରକ୍ଷାକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବା, ଶିଶୁମାନଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି ଦିଗରେ ସମସ୍ତ ବିଭାଗ ଓ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର ରଞ୍ଜନ କୁମାର ଗୋଛାୟତ, ରିତାଞ୍ଜଳୀ ମହାନ୍ତି, ମନସ୍ୱିନୀ ମହାପାତ୍ର, ସଚ୍ଚିଦାନନ୍ଦ ସେଠୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସୌଦାମିନୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଭିନ୍ନକ୍ଷମ ରମେଶଙ୍କୁ ୪ ମାସ ହେଲା ମିଳୁନି ଭତା, କର୍ମଚାରୀଙ୍କ ଅବହେଳା ନା କମ୍ପ୍ୟୁଟର ତ୍ରୁଟି ତଦନ୍ତ ଦାବି

ଲଙ୍ଗଲେଶ୍ୱର, ୨୨/୦୯ (ଆ.ପ୍ର) : ସରକାରୀ କାର୍ଯ୍ୟକୁ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭୁଲ କରିବା ପାଇଁ ବର୍ତ୍ତମାନ ବିଭିନ୍ନ ବିଭାଗରେ କମ୍ପ୍ୟୁଟରୀକରଣ କରାଯାଇଛି । ତେବେ କମ୍ପ୍ୟୁଟର ଜନିତ ତ୍ରୁଟି ଦର୍ଶାଇ ଭିନ୍ନକ୍ଷମ ହିତାଧିକାରୀଙ୍କ ଖାତାକୁ ନିର୍ଦ୍ଧାରିତ ଭତାଠାରୁ ଲକ୍ଷାଧିକ ଟଙ୍କା ଅଧିକ ପ୍ରଦାନ ହେବା ଏବଂ ଅନ୍ୟପଟେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀ ମାସ ମାସ ଧରି ଭତାରୁ ବଂଚିତ ହେବା ଘଟଣା ପ୍ରଶାସନିକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ଅଭିଯୋଗ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ନେଇ ଆସିଛି । ଅଭିଯୋଗ ଅନୁଯାୟୀ, ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ୩,୫୦୦ ବର୍ଦ୍ଧିତ ଭତା ଯୋଜନା ରହିଛି । ଦେଭୋଗ ଗ୍ରାମପଂଚାୟତ ଦାନ୍ଧୁଣିଦା ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ରମେଶ ଦଳାଇ ପୂର୍ବରୁ ୟୁଡିଆଇଡି ସମସ୍ୟା ଯୋଗୁଁ ବର୍ଦ୍ଧିତ ଭତାରୁ ବଂଚିତ ଥିଲେ । ସାମାଜିକ କର୍ମୀ ରାଜକିଶୋର ପାତ୍ର ତାଙ୍କ ସମସ୍ୟା ଜାଣିବା ପରେ ପ୍ରଶାସନର ସହଯୋଗରେ ରମେଶଙ୍କୁ ଶତପ୍ରତିଶତ ଭିନ୍ନକ୍ଷମ ୟୁଡିଆଇଡି ପ୍ରମାଣପତ୍ର ପାଇବାରେ ସହାୟତା କରିଥିଲେ । ପରେ ଯୁବନେତା ସୁବାସ ନାୟକ ଆବଶ୍ୟକ ଦସ୍ତାବିଜ ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଦାଖଲ କରିଥିଲେ । ଏହାପରେ ମେ' ୨୦୨୬ରୁ ରମେଶଙ୍କୁ ୩,୫୦୦ ଭତା ଯୋଜନାରେ ସାମିଲ କରାଯାଇଥିଲା । କିନ୍ତୁ ଅଭିଯୋଗ ଅନୁଯାୟୀ, ତାଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଖାତାକୁ ୫୬,୪୦୦ ପଠାଯାଇଥିଲା । ପରେ ଘଟଣା ପଦାକୁ ଆସିବା ପରେ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଂଟ ଉଦେଶ ଦାସ ନିଜର ଭୁଲ୍ ଘୋଡ଼ାଇବାକୁ ଯାଇ ରମେଶଙ୍କୁ ଭେଟି ଭୁଲରେ ୫୨,୯୦୦ ଅଧିକ ଯାଇଥିବା କହିବା ସହ ବ୍ୟାଙ୍କରୁ ଟଙ୍କା ଉଠାଇ ନଗଦ ଆକାରରେ ଫେରାଇବାକୁ କହିଥିବା ଅଭିଯୋଗ ହୋଇଛି । ଟଙ୍କା ଫେରସ୍ତ ନକଲେ ଆଗକୁ ଭତା ମିଳିବ ନାହିଁ ବୋଲି ତାଗିଦ କରାଯାଇଥିବା ମଧ୍ୟ ଅଭିଯୋଗ ରହିଛି । କେବଳ ରମେଶ ନୁହନ୍ତି, ବେତଗଡ଼ିଆ ଗ୍ରାମପଂଚାୟତର ଭିନ୍ନକ୍ଷମ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁପୁରା ଗ୍ରାମପଂଚାୟତର ଭିନ୍ନକ୍ଷମ ହରେକୃଷ୍ଣ ଜେନାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି । ଏହି ତିନି ହିତାଧିକାରୀ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗ୍ରାମପଂଚାୟତରୁ ନଗଦ ଆକାରରେ ଭତା ପାଉଥିଲେ । ଅଭିଯୋଗ ଅନୁଯାୟୀ, ପରେ ବର୍ଦ୍ଧିତ ଭତା ଯୋଜନାରେ ସାମିଲ କରାଯିବା ସମୟରେ ଗତ ଫେବୃଆରୀ ୨୦୨୫ରୁ ମେ' ୨୦୨୬ ପର୍ଯ୍ୟନ୍ତ ବକେୟା ଭତା ଭାବେ ପ୍ରତ୍ୟେକଙ୍କ ଖାତାକୁ ୫୬,୪୦୦ ଲେଖାଏଁ ପଠାଯାଇଥିଲା । ତିନିଜଣଙ୍କ ମିଶି ମୋଟ ୧,୬୯,୨୦୦ ପ୍ରଦାନ ହୋଇଥିବାବେଳେ, ନିର୍ଦ୍ଧାରିତ ଭତା ସହ ତୁଳନା କଲେ ୧,୫୮,୭୦୦ ଅଧିକ ପ୍ରଦାନ ହୋଇଥିବା ଦାବି କରାଯାଉଛି । ଯଦି ଘଟଣାଟି କମ୍ପ୍ୟୁଟର ଜନିତ ତ୍ରୁଟି, ତେବେ ତିନିଜଣ ହିତାଧିକାରୀଙ୍କ ଖାତାକୁ ସମାନ ଭାବରେ ଅଧିକ ଅର୍ଥ କିପରି ଗଲା ? ଭତା ପ୍ରଦାନ ପୂର୍ବରୁ ତଥ୍ୟ ଯାଂଚ ଓ ଅନୁମୋଦନ କେଉଁ ସ୍ତରରେ ହୋଇଥିଲା ? ଅଧିକ ଟଙ୍କା ଫେରସ୍ତ ପାଇଁ ବିଭାଗୀୟ ନିୟମ କ'ଣ ? ହିତାଧିକାରୀଙ୍କୁ ନଗଦ ଟଙ୍କା ଫେରାଇବାକୁ କୁହାଯାଇଥିଲା କି ? ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଏବେ ଆବଶ୍ୟକ ହୋଇପଡ଼ିଛି । ଏହା ସହିତ ରମେଶ ଦଳାଇଙ୍କୁ ଗତ ୪ ମାସ ଧରି ନିୟମିତ ଭତା କାହିଁକି ମିଳୁନାହିଁ, ଉକ୍ତ ନଗଦ ଟଙ୍କା ଆଦାୟ କରିବା ଓ ଭତା ବନ୍ଦ କରିବାର କୌଣସି ଲିଖିତ ନିର୍ଦ୍ଦେଶ ରହିଛି କି ଏବଂ ଥିଲେ ତାହାର ଆଧାର କ'ଣ—ତାହା ମଧ୍ୟ ତଦନ୍ତର ବିଷୟ ହୋଇଛି । ଏନେଇ ବାଲିଆପାଳ ବ୍ଲକର ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁଙ୍କୁ ପଚାରିବାରୁ, ଘଟଣାଟି ତାଙ୍କ ଅଜାଣତରେ ପ୍ରୋଗ୍ରାମ ଆସିଷ୍ଟାଂଟ ଶ୍ରୀ ଦାସଙ୍କ ଦ୍ୱାରା ହୋଇଥିବା ସେ କହିଛନ୍ତି ଏବଂ ଏ ବିଷୟରେ ସେ ବିଡିଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପଟେ ପ୍ରୋଗ୍ରାମ ଆସିଷ୍ଟାଂଟ ଶ୍ରୀ ଦାସଙ୍କୁ ପଚାରିବାରୁ, ଏହା କମ୍ପ୍ୟୁଟର ଜନିତ ତ୍ରୁଟି ବୋଲି ସେ ପ୍ରକାଶ କରିଥିବା ଜଣାପଡ଼ିଛି । ହେଲେ ପ୍ରଶ୍ନ ଉଠୁଛି ଯଦି କମ୍ପ୍ୟୁଟର ଜନିତ ତ୍ରୁଟି ଏ ବିଷୟରେ ଶ୍ରୀ ଦାସ ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବଗତ ନ କରି କାହା ନିର୍ଦ୍ଦେଶରେ ଉକ୍ତ ହିତାଧିକାରୀ ମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ସେ ଟଙ୍କାକୁ କେବଳ ନଗଦ ଆକାରରେ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ ? ଭିନ୍ନକ୍ଷମଙ୍କ ଭତା ବନ୍ଦ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ? ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକର ବିଡ଼ିଓ ରାଧାରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏବିଷୟରେ ଅବଗତ ଅଛନ୍ତି କହିବା ସହ ପ୍ରୋଗ୍ରାମ ଆସିଷ୍ଟାଂଟ ଉଦେଶ ଦାସଙ୍କ କାର୍ଯ୍ୟକଳାପ ବିଷୟରେ ଜିଲ୍ଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଶ୍ରୀ ଦାସଙ୍କ ଭୁଲକୁ ଘଂଟ ଘୋଡାଉଛି କିଏ ? କଣ ଉଦେଶ ବାବୁ ଭିନ୍ନକ୍ଷମ ନାମରେ ଆଦାୟ ହେଉଥିବା ଟଙ୍କାକୁ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଆଢୁଆଳରେ ଭଜାଡି ଦେଉଥିଲେ ? କଣ ଏହି ଦୁର୍ନୀତିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲ୍ଲା ସ୍ତରରୁ ବ୍ଲକ ପର୍ଯ୍ୟନ୍ତ କର୍ମଚାରୀ ସାମିଲ ଅଛନ୍ତି ? ତେବେ ଭିନ୍ନକ୍ଷମ ହିତାଧିକାରୀଙ୍କ ଅଧିକାର ଓ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣାର ନିରପେକ୍ଷ ତଦନ୍ତ, ଅଧିକ ପ୍ରଦାନ ହୋଇଥିବା ଅର୍ଥ ଫେରସ୍ତ ପାଇଁ ନିୟମସମ୍ମତ ପ୍ରକ୍ରିୟା ଏବଂ ରମେଶଙ୍କ ସମେତ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭତା ପ୍ରଦାନ ପାଇଁ ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି ।

ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ନିଶା ବିରୋଧି ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୨୨/୦୯ (ଆ.ପ୍ର) : ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବାଲେଶ୍ୱର ମୁଖ୍ୟ ଶାଖା ମିଳିତ ସହଯୋଗରେ ସ୍ଥାନୀୟ ଟାଉନ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଶା ବିରୋଧି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ 'ମନା'ର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ରୂପେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଯୋଗଦେଇ ନିଶାରୂପୀ ରାକ୍ଷସ ଠାରୁ ଛାତ୍ରସମାଜ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିରୂପେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ମୁଖ୍ୟଶାଖାର ମୁଖ୍ୟ ପରିଚାଳକ ସତ୍ୟାଶିଷ ପଟ୍ଟନାୟକ ସୁସ୍ଥ ସମାଜ ଗଠନରେ ଛାତ୍ର ସମାଜ ବ୍ରତୀ ହେଲେ ଏକ ସମୃଦ୍ଧ ରାଷ୍ଟ୍ର ସମ୍ଭବ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ରୂପେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ମିନାକ୍ଷୀ ରାୟ ପିଲାମାନଙ୍କୁ ନିଶାର ଶାରୀରିକ, ମାନସିକ କୁପ୍ରଭାବ ଓ ନିଶା ସେବନ ହେତୁ ହେଉଥିବା ବିଭିନ୍ନ ରୋଗ ବିଷୟରେ ଆଲୋଚନା କରିଥିଲେ । ଉପଦେଷ୍ଟା ସୁବ୍ରତ କର 'ମନା'ର ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦିକା ମମତା ମହାପାତ୍ର ପିଲାମାନଙ୍କୁ ସମୃଦ୍ଧ ରାଷ୍ଟ୍ରନିର୍ମାଣରେ ନିଜକୁ ନିୟୋଜିତ କରିବା ପାଇଁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ପିଲାମାନଙ୍କୁ ନିଶାର କୁପ୍ରଭାବ କିପରି ପାରିବାରିକ ଓ ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରୁଛି ସେ ବିଷୟରେ ଆଲୋଚନା କରିଥିଲେ । ଉପସଭାନେତ୍ରୀ ଅର୍ଚ୍ଚନା ନନ୍ଦୀ ଫକୀରମୋହନଙ୍କ ପେଟେଣ୍ଟ ମେଡିସିନ୍ ଗଳ୍ପର ଉଦାହରଣ ଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନିଶାଠାରୁ ଦୂରରେ ରହିବା ପାଇଁ ସତ୍ୟପାଠ କରାଇଥିଲେ । ବୈଠକର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁମତି ରାଉତ ମଂଚ ଆହ୍ୱାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁ ସ୍ୱାଗତ ଭାଷଣ ରଖିଥିଲେ । ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଧାର୍ମିକା ତୁଳସୀ ରଣା ଓ ଛାତ୍ର ସୌମ୍ୟରଞ୍ଜନ ଜେନା ନିଶାବିରୋଧି ବକ୍ତବ୍ୟ ରଖିଥିବାହେତୁ ଅତିଥିମାନେ 'ମନା' ତରଫରୁ ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଏଥିରେ ପ୍ରଫୁଲ୍ଲ କୁମାର ଦାସ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଡ. ଦୟାନିଧି ମହାପାତ୍ର, ପ୍ରଭାକର ସାହୁ (ଖ), ଭାସ୍କର ଚନ୍ଦ୍ର ମିଶ୍ର, କ୍ରିଷ୍ଣା ସାହା, ବସନ୍ତ ପ୍ରଧାନ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଦେବସ୍ମିତା ଦାସ, ସୁସ୍ମିତା ପଣ୍ଡା, ଗୋପୀନାଥ ପାଢ଼ୀ ତନୁଶ୍ରୀ କର, ଚକ୍ରଧର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ମନ୍ଦାରସାହି ପଂଚାୟତରେ ସଫେଇ କାର୍ଯ୍ୟକ୍ରମ

ଭୋଗରାଇ, ୨୨/୦୯ (ଆ.ପ୍ର) : ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଂଚାୟତରେ ସ୍ୱଚ୍ଛତା ହିଁ ସେବା -୨୦୨୬ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଂଚ ମମତା ସାହୁଙ୍କ ନେତୃତ୍ୱରେ ପଂଚାୟତର ଶହେରୁ ଅଧିକ ପୁରୁଷ ଓ ମହିଳା ମାନଙ୍କୁ ନେଇ ପଂଚାୟତ ପରିସର ସହିତ ପାର୍ଶ୍ୱରେ ଥିବା ମାର୍କେଟ କମ୍ପ୍ଲେକ୍ସ ଓ କାଳାହି ହାଟରେ ସଫେଇ କରି ବ୍ଲିଚିଂ ପାଉଡର ସିଂଚନ କରିଥିଲେ । ସରପଂଚ ଶ୍ରୀମତୀ ସାହୁଙ୍କ ସମେତ, ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ,ପିଇଓ ସୁସ୍ମିତା ସିଂ,ଏଡିଓ ରମେଶ ଗିରି,ନାଏବ ସରପଂଚ ସୁଦର୍ଶନ ଗିରି ପ୍ରମୁଖଙ୍କ ସମେତ ୧୫ ଜଣ ୱାର୍ଡସଭ୍ୟ,ଏଏନଏମ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏଥିରେ ସାମିଲ ହୋଇଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗବେଷଣା-ଦକ୍ଷତା ବୃଦ୍ଧି ପାଇଁ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଆରମ୍ଭ



ନୀଳଗିରି, ୨୨/୦୯ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବ୍ୟବସାୟ ପରିଚାଳନା ବିଭାଗ ଓ ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ୨୨ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ "ସଂରଚନାତ୍ମକ ସମୀକରଣ ପ୍ରତିରୂପଣ: ଏଏମଓଏସ ଓ ସ୍ମାର୍ଟପିଏଲଏସର ପ୍ରୟୋଗ" ଶୀର୍ଷକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଅଧ୍ୟାପକ-ଅଧ୍ୟାପିକା ଓ ଗବେଷକମାନଙ୍କୁ ଆଧୁନିକ ପରିସଂଖ୍ୟାନଭିତ୍ତିକ କୌଶଳ ଏବଂ ଏହାର ଗବେଷଣାତ୍ମକ ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ପାରଙ୍ଗମ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଉଦଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗବେଷଣାକେନ୍ଦ୍ରିକ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଅଧ୍ୟାପକ ଓ ଗବେଷକମାନଙ୍କୁ ଆଧୁନିକ ବିଶ୍ଳେଷଣାତ୍ମକ ପଦ୍ଧତି ଆୟତ କରି ପ୍ରମାଣଭିତ୍ତିକ ଓ ସୁଦୃଢ଼ ଗବେଷଣାକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ । ସ୍ନାତକୋତ୍ତର ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିକ୍ଷାଗତ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଅଧ୍ୟାପକ ଓ ଗବେଷକମାନଙ୍କ ମଧ୍ୟରେ ଉନ୍ନତ ଗବେଷଣା କୌଶଳ ଓ ପଦ୍ଧତିଗତ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ମଧ୍ୟ ସମସାମୟିକ ଗବେଷଣାରେ ଉନ୍ନତ ବିଶ୍ଳେଷଣାତ୍ମକ ଉପକରଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଦେବବ୍ରତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଉଦଘାଟନୀ ଅଧିବେଶନର ଶୁଭାରମ୍ଭ କରିଥିଲେ । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଉମା ଶଙ୍କର ମିଶ୍ର, ଡକ୍ଟର ସଚିନ ମୋଗଦିଲ, ଡକ୍ଟର ପି. ମୁରୁଗନ, ପ୍ରଫେସର ସ୍ମୃତି ମିଶ୍ର, ଡକ୍ଟର ଶାରଦା ପ୍ରସାଦ ସାହୁ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଡକ୍ଟର ସୌମେନ୍ଦ୍ର ପାତ୍ର ଏବଂ ପ୍ରଫେସର ପଦ୍ମଲିତା ରାଉତରାୟ ପ୍ରମୁଖ ବିଶେଷଜ୍ଞ ବକ୍ତା ଭାବେ ଯୋଗଦେଇ ସଂରଚନାତ୍ମକ ସମୀକରଣ ପ୍ରତିରୂପଣର ତାତ୍ତ୍ୱିକ ଆଧାର ଓ ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ଆଲୋଚନା କରିବେ । ୩୦ରୁ ଅଧିକ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତଥ୍ୟ ବିଶ୍ଳେଷଣ, ପ୍ରତିରୂପ ନିର୍ମାଣ ଓ ଫଳାଫଳର ବ୍ୟାଖ୍ୟା ସମ୍ପର୍କରେ ନିଜ ଦକ୍ଷତାକୁ ସୁଦୃଢ଼ କରିବାର ସୁଯୋଗ ପାଇବେ । ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଆର୍ତ୍ତବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁଭାରମ୍ଭ ହେଲା 'ଉତ୍କଳ ଡାଏଲଗ୍ସ' : ଧାରଣା, ଯୁକ୍ତି ଏବଂ ଆଲୋଚନାର ନୂଆ ମଂଚ

ଭୁବନେଶ୍ୱର, ୨୨/୦୯ (ଆ.ପ୍ର) : ଉତ୍କଳ ବିଶ୍ୱବିଦ୍ୟାଳୟର ଆର୍‌ଆଣ୍ଡଡି ପଦକ୍ଷେପ 'ଉତ୍କଳ ଡାଏଲଗ୍ସ : ଆଇଡିଆ ଆର୍ଗୁମେଂଟ୍ ବିଅଣ୍ଡ୍'ର ପ୍ରଥମ ଅଧିବେଶନ ଏମ୍‌କେସିଜି ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଇତିହାସ, ଦର୍ଶନ ଓ ଅହିଂସାକୁ ନେଇ ବିଦ୍ୱାନ ଓ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଚିନ୍ତନଶୀଳ ଆଲୋଚନା ହୋଇଥିଲା । ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ, ଲସ୍ ଆଞ୍ଜେଲସ୍ (ୟୁସିଏଲ୍ଏ)ର ଇତିହାସ ବିଭାଗର ପ୍ରଫେସର ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ବିନୟ ଲାଲ୍ 'ଅହିଂସା, ହିଂସା ଓ ସ୍ୱେସ୍‌ର କବିତ୍ୱ: ଗାନ୍ଧି, ରବେନ୍ ଆଇଲାଣ୍ଡ୍ ଏବଂ ମାନବଜାତିର ରୂପାନ୍ତରଣ' ବିଷୟକ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ପ୍ରଫେସର ଲାଲ୍‌ଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର କିଶୋର କେ. ବସା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ଆର୍‌ଆଣ୍ଡଡି ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ଲାଲ୍ ଅହିଂସା ଓ ହିଂସାର ଐତିହାସିକ ଏବଂ ଦାର୍ଶନିକ ଦିଗ ଉପରେ ଆଲୋକପାତ କରିବା ସହ ଗାନ୍ଧି ଓ ରବେନ୍ ଆଇଲାଣ୍ଡର ଐତିହାସିକ ପ୍ରେକ୍ଷାପଟ ଏବଂ ସେଗୁଡ଼ିକର ମାନବୀୟ ଚିନ୍ତନ ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବକ୍ତବ୍ୟ ପରେ ଏକ ଆଲୋଚନାତ୍ମକ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଫେସର ଲାଲ୍ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନ ଓ ମତାମତର ଉତ୍ତର ଦେଇଥିଲେ । 'ଉତ୍କଳ ଡାଏଲଗ୍ସ'ର ଶୁଭାରମ୍ଭ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସାମୟିକ ଓ ବୌଦ୍ଧିକ ପ୍ରସଙ୍ଗ ଉପରେ ଚିନ୍ତନ, ତର୍କ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ନୂଆ ମଂଚର ଶୁଭାରମ୍ଭ ହେଲା ବୋଲି କୁହାଯାଉଛି ।

ଜଳେଶ୍ୱର ବିଜେପିରେ ଦେଖା ଗଲାଣି ଗୋଷ୍ଠୀ କନ୍ଦଳ



ଜଳେଶ୍ୱର, ୨୨/୦୯ (ଆ.ପ୍ର) : ପଦାରେ ପଡି ହାଟରେ ଗଡ଼ିଲା ଜଳେଶ୍ୱର ବିଜେପିର ଗୋଷ୍ଠୀ କନ୍ଦଳ, ଗତ ସୋମବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜଳେଶ୍ୱର ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ବିଜେପିର ଜଣେ ସଦସ୍ୟ ରବୀନ୍ଦ୍ର ପାତ୍ରଙ୍କୁ ଜଳେଶ୍ୱର ବ୍ଲକ ଅଫିସରେ ଲାଲି ଆଖି ଦେଖେଇ ଗାଳି ଗୁଲଜ କରିବାର ଭିଡିଓ ଭାଇରାଲ ପରେ ରାଜନୀତି ଉଷ୍ମତା ବଢ଼ି ବାରେ ଲାଗିଛି । ଆଜି ଅପରାହ୍ନ ପାଖାପାଖି ୪ଟା ସମୟରେ ବିଜେପି ମହିଳା ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ ଜଳେଶ୍ୱର ବ୍ଲକରେ ପହଂଚି ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହିତ ଜଳେଶ୍ୱର ଅଂଚଳର ମୌଳିକ ସମସ୍ୟା ବିଷୟରେ ଆଲୋଚନା କରି ଫେରିଥିଲା ବେଳେ ସାଂସଦ ପ୍ରତିନିଧିଙ୍କ କର୍ମକର୍ତା ମାନେ ତାଙ୍କୁ ତାଚ୍ଛଲ୍ୟ କରିଥିବା ଦେଖିବାକୁ ମିଳିଥିଲା । ବାଲେଶ୍ୱର ଜିଲ୍ଲା ସମ୍ପାଦକ ଉତ୍ତର ବିଜେପିର କାଳିଚରଣ ଦାସ ସେ ଜଣେ ଉଡ଼ିପଡ଼ା କହିବା ସହ ବିଭିନ୍ନ କଟୁ ମନ୍ତବ୍ୟ ଦେଇ ଥିଲେ ଏପରିକି ତାଙ୍କର ଦୁଇଦୁଇଟି ନାମ ରହିଥିବା କହିବା ସହ ଜଳେଶ୍ୱରରେ ଆସି ଗୋଷ୍ଠୀ କନ୍ଦଳ ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ ।

ସୋମନାଥପୁର ସ୍ଥିତ ଟ୍ୟାଙ୍କ ଲୋରି ୱାର୍କର୍ସ ୟୁନିଅନ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ



ନୀଳଗିରି, ୨୨/୦୯ (ଆ.ପ୍ର) : ଏଠାରୁ ମାତ୍ର ୫ କିମି ଦୂର ସୋମନାଥପୁର ସ୍ଥିତ ଟ୍ୟାଙ୍କ ଲୋରି ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ପକ୍ଷରୁ ବିଶ୍ୱକର୍ମା ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୟୁନିଅନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଆଜି ଥିଲା ଶେଷ ଦିନ । ଆଜି ଶେଷ ଦିନରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପୂଜାକୁ ଅଧିକ ସୁନ୍ଦର କରିବା ପାଇଁ ୟୁନିଅନର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କମିଟିର ବହୁ ସଭ୍ୟମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିଥିବା ପନ୍ଦର ଜଣ ସଭ୍ୟଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ସଭାରେ ଇଣ୍ଡିଆନ୍ ଅୟେଲ ଡିପୋ ମ୍ୟାନେଜର ମୁକ୍ତି ସେଠୀ, ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଟ୍ୟାଙ୍କ ଲ୍ୟାରୀ ମାଲିକ ସଂଘ ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ସୋମନାଥପୁର ଶାନ୍ତି କମିଟି ର ସଭାପତି ଧୀରେନ୍ଦ୍ର ମହାପାତ୍ର, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ରବି ରାଉତ, ଟ୍ୟାଙ୍କ ଲରୀ ମାଲିକ ସଂଘ ର ସଭ୍ୟ କ୍ଷୀରୋଦ କୁମାର ମଲ୍ଲିକ ଉପସ୍ଥିତ ରହି ଡ୍ରାଇଭର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୂଜାକୁ ସରସ ସୁନ୍ଦର କରିବା ପାଇଁ ସେକ୍ ମୋବାରକ, ଅମର ରାଉତ, ମଦନ ବେହେରା,ଦିଲ୍ଲୀପ ଖୁଂଟିଆ, ନରେନ୍ଦ୍ର ନାୟକ, ଶୈଳେଶ ଠାକୁର,ଦିପୁ ଜେନା, ଶମ୍ଭୁ ଜେନା,ସନାତନ ବେହେରାଙ୍କ ସମେତ ପନ୍ଦର ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶେଷରେ ଟ୍ୟାଙ୍କ ଲୋରୀ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଂଚଳିକ କୃଷକ ମଂଚ ନୀଳଗିରି ପକ୍ଷରୁ ବିଭିନ୍ନ ଦାବୀ ନେଇ ୧୮ କିମି ପଦଯାତ୍ରା



ନୀଳଗିରି, ୨୨/୦୯ (ଆ.ପ୍ର) : ଆଂଚଳିକ କୃଷକ ମଂଚ ନିଷ୍ପତିରେ ୨୨ ତାରିଖ ସେପ୍ଟେମ୍ବର ସକାଳ ପାଖାପାଖି ୧୦ ଘଟିକା ସମୟରେ ନୀଳଗିରି ଠାରୁ ଅଠର କିଲୋମିଟର୍ ଦୂର ବଉଳଗଡ଼ିଆରୁ କୃଷକ ମଂଚ ନୀଳଗିରି ତରଫରୁ ପଦ ଯାତ୍ରା ଆରମ୍ଭ ହୋଇ ଥିଲା । ପଦ ଯାତ୍ରାର ନେତୃତ୍ୱ କୃଷକ ମଂଚର ଉପଦେଷ୍ଟା ତଥା ସି ପି ଆଇ ରାଜ୍ୟ କାର୍ଯ୍ୟ କାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ନେଇଥିଲେ । ପଦ ଯାତ୍ରା ପ୍ରାରମ୍ଭ ରେ କୃଷକ ମଂଚ ଉପ ସଭାପତି ଉମାକାନ୍ତ ମଲିକ୍, ସମ୍ପାଦକ ନିହାର ରଞ୍ଜନ ଜେନା, ପରିଚାଳକ ବିଜୟ ସ, ସକ୍ରିୟ ସଭ୍ୟ ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଅବସର ଶିକ୍ଷକ ରବି ଜେନା, ଡାକ ସେବା ଅବସରପ୍ରାପ୍ତ କର୍ମଚାରୀ ରାଧା ଶ୍ୟାମ ଦାଶ, ସମାଜ ସେବୀ ହରେକୃଷ୍ଣ ପଣ୍ଡିତ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ସୀତାରାମ ଦାସ, କମଳା କାନ୍ତ ବାରିକ ପୂର୍ବତନ ସମବାୟ ସମିତି ସଭାପତି, ଉପେନ୍ଦ୍ର ପାତ୍ର ରବୀନ୍ଦ୍ର ନାୟକ, ରବୀନ୍ଦ୍ର ରାଉତ ଦୀପକ ନାୟକ ନାରୀ ନେତ୍ରୀ ଗାୟତ୍ରୀ ପଣ୍ଡା ବାସନ୍ତୀ ନାୟକ, ଜୟନ୍ତୀ ମହାପାତ୍ର, ଦମୟନ୍ତୀ ମହାପାତ୍ର ଜୟନ୍ତୀ ବେହେରା ସମେତ ଶତାଧିକ ପୁରୁଷ ମହିଳା, ନୀଳଗିରିରେ ପହଂଚି ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଦାବିପତ୍ର ଦେବା ପୂର୍ବରୁ ଉମାକାନ୍ତ ମଳିକଙ୍କ ସଭାପତିତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ବକ୍ତବ୍ୟରେ ପ୍ରକାଶ କଲେ କି ଅଜିର ପଦଯାତ୍ରା ପୂର୍ବରୁ ୨୫ ଥର ବିକ୍ଷୋଭ, ରାସ୍ତାରୋକ, ଧର୍ମଘଟ ଓଡିଶା ବିଧାନସଭା ସମ୍ମୁଖରେ ଧାରଣା ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି । ହେଲେ ସରକାର ଏହି ଅଂଚଳ ବାସୀଙ୍କର ନୀଳଗିରି ବଉଳ ଗଡିଆ ରାସ୍ତାର ଦୁଃଖ ବୁଝିବା ପରିବର୍ତ୍ତେ ଇକୋ ସେନସିଟିଭ ଜୋନର ଆଇନଗତ ଭୟବାହ ପଦକ୍ଷେପ ଜଙ୍ଗଲ ବିଭାଗ ଦ୍ୱାରା ନେବା ଫଳରେ ଔପଦା ବ୍ଲକର ପିଣ୍ଡାବସା ବିଦ୍ୟାଳୟ ର ସରକାରୀ ଅର୍ଥ ବିନିଯୋଗ କରାଇ ନ ଦେବା ସ୍ଥାୟୀ ପଟ୍ଟା ଜମିରେ ଘର କରିଥିବା ଅଧିବାସୀ ମାନଙ୍କୁ ଉଚ୍ଛେଦ କରିବା, ରାଣୀ ପୋଖରୀକୁ ବିଜୁଳି ସଂଯୋଗରୁ ବିଛିନ୍ନ କରିବା ଘଟଣା ହେବା ଫଳରେ ସାଧାରଣ ୨୦୪ ଗୋଟି ରାଜସ୍ୱ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଅନ୍ୟ ବକ୍ତା ବକ୍ତବ୍ୟ ରଖି କହିଲେ କି ୨୦୪ ଗୋଟି ଗ୍ରାମ ମଧ୍ୟରେ ୧୭୦ ଟି ଅଙ୍ଗନବାଡି, ୧୩୦ ଟି ପ୍ରାଥମିକ ବିଦ୍ୟାଳୟ, ୩୦ ଟି ଉଚ୍ଚ ବିଦ୍ୟାଳୟ, ୩ ଗୋଟି ମହାବିଦ୍ୟାଳୟ, ୮ ଟି ସ୍ୱାସ୍ଥ୍ୟ କେନ୍ଦ୍ର, ୪ ଗୋଟି ଆର ଆଇ ଅଫିସ, ସମେତ ୧୯ ନମ୍ବର ରାଜ୍ୟ ରାଜପଥ, ନୀଳଗିରି ବଉଳଗଡିଆ ରାସ୍ତା, ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବ ପୀଠ ପର୍ଯ୍ୟଟନ ସ୍ଥଳୀ ପଂଚଲିଙ୍ଗେଶ୍ୱର, ବିଶେଶ୍ୱର ମହାଦେବ ଭଳି ବହୁ ଦେବା ଦେବୀ ମନ୍ଦିର ଅନ୍ତର୍ଭୁକ୍ତ ଅଟେ । ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ନ ହେଲେ ଲକ୍ଷାଧିକ ସାଧାରଣ ଲୋକ ନୀଳଗିରି ଲୋକ ସଂଖ୍ୟାର ଦଳିତ ଜନଜାତିର ଲୋକେ ବାସ ଚ୍ୟୁତ ହେବେ । ଏଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିବା ପାଇଁ ବକ୍ତବ୍ୟରେ ଗଣମାଧ୍ୟମକୁ ଅନୁରୋଧ କରିଥିଲେ । ଅନ୍ୟତମ ବକ୍ତା ବିଜୟ ସ ନୀଳଗିରି ବିଧାୟକ ନୀଳଗିରି ବଉଳଗଡିଆ ରାସ୍ତାର ପୁନଃ ନିର୍ମାଣ ପାଇଁ କୌଶଳ ପୂର୍ଣ୍ଣ ବାଧା ସୃଷ୍ଟି କରୁଛନ୍ତି । ଅନ୍ୟତମ ବକ୍ତା ଅନିରୁଦ୍ଧ ବେହେରା ବକ୍ତବ୍ୟ ରଖିଥିଲେ କି ସାଂସଦଙ୍କ ଟ୍ୱିଟର ଜଣା ପଡୁଥିଲା ଝୁଲନ୍ତା ପୋଲ ନିର୍ମାଣର ତ୍ରୁଟି ପୂର୍ଣ୍ଣ ଥିବା ରାଜ୍ୟ ସରକାରଙ୍କୁ ଦାୟୀ ରଖିଥିବା ବେଳେ ନୀଳଗିରି ବଉଳ ଗଡିଆ ରାସ୍ତାର ବିକଳାଙ୍ଗ ଦୃଶ୍ୟ ଉପସ୍ଥାପନା କରିବା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଫାଟ ଥିବାର ସୂଚନା ଦେଉଥିବା କହିଥିଲେ । ୧୮ କିମି ଧରି ପୋଲିସ ସାଥି ମାନେ ସହଯୋଗ କରିଥିବାରୁ ମଂଚ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...
ଶିକ୍ଷା ଓ ଶିକ୍ଷିତ

ସଂକୁଚିତ ମନୋଭାବ, ଦୁର୍ବଳ ଭବିଷ୍ୟଦ୍ରଷ୍ଟା ବିଚାର ହେତୁ ପ୍ରଚଳିତ ପ୍ରଥା ସହିତ ନିଜକୁ ସମାନ୍ତରାଳ କରି ଯେକୌଣସି ମତେ ଜୀବନ ଅତିବାହିତ କରିବା ଲକ୍ଷ ରଖିଥିବା ମଣିଷ ସମସ୍ତେ । ବ୍ୟବସ୍ଥାପିତ ଶିକ୍ଷଣୀୟ ବିଷୟ ମଧ୍ୟରୁ ନିଜକୁ ସୁହାଇଲା ଭଳି ନିର୍ଦ୍ଧାରିତ ବିଷୟ ଉପରେ ଆଧାରିତ ଶିକ୍ଷା ଅର୍ଜନ କରି ସାମାଜିକ ମାନ୍ୟତା ସହିତ ରୋଜଗାର ପନ୍ଥା ଅନ୍ୱେଷଣ ତଥା ସେଇଥିରେ ନିଜ ଜୀବନକୁ ସାର୍ଥକ କରିବା ଲକ୍ଷ ରହିଥାଏ ସମସ୍ତଙ୍କର। ଶିକ୍ଷା ଅର୍ଜନ କରି ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରିବା ଭଳି ବିଚାର ଧାରା ଦେଖିବା ବିରଳ ଆଜି ସମୟର ବ୍ୟବସାୟୀକ ଶିକ୍ଷା ପଦ୍ଧତିରେ। ତଥାପି ସେହି ବ୍ୟବସାୟୀଙ୍କ ଶିକ୍ଷା ପଦ୍ଧତିକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣୀୟତା ଦେଖିବାକୁ ମିଳୁଛି ଯାହାର ରୁଚି ଏକ ଭିନ୍ନ ଦିଗରେ ହୋଇଥାଏ। ଶିକ୍ଷାକୁ ପରିପାର୍ଶ୍ୱିକ ଜ୍ଞାନର ଉତ୍ସ ଭାବେ ବ୍ୟବହାର କରି ରୋଜଗାରକୁ ଭିନ୍ନ ଦିଗରେ ପରିଚାଳିତ କରିବା ପ୍ରକୃତ ମାନବିକ ଧର୍ମ ଯାହା ଭାରତୀୟ ଶିକ୍ଷା ନୀତି, ସଂସ୍କାର ଶିଖାଇଥାଏ । ବର୍ତ୍ତମାନ କିନ୍ତୁ ଆଉ ସେସବୁ କାହାକୁ ଭଲ ଲାଗିବ ନାହିଁ, କାରଣ ସାମାଜିକ ପରିସ୍ଥିତି, ପରିବେଶ କେବଳ ପାଶ୍ଚାତ୍ୟ ଭାବଧାରାରେ ପ୍ରଚଳିତ ଦେଖିବାକୁ ମିଳୁଛି ଆମ ଦେଶରେ । ଆମ ଦେଶ ଶାସନ , ପ୍ରଶାସନରେ ନିଯୁକ୍ତ ଶିକ୍ଷିତଙ୍କ ମଧ୍ୟରୁ କେତେଜଣ ଜ୍ଞାନୀ, ମାନବିକ ଚେତନାଶୀଳ ମଣିଷ ରହିଛନ୍ତି ସେସବୁ ସମସ୍ତଙ୍କୁ ଜଣା। ଭାରତୀୟ ସଂସ୍କାର ରହିତ ସେହି ଅମାନବୀୟ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ସଂରକ୍ଷିତ ଅଜ୍ଞାନ ଶିକ୍ଷିତଙ୍କ ଅମାନୁଷିକ, ଅସାମାଜିକ କାର୍ଯ୍ୟଧାରା ଏବଂ ଅହଂଭାବ ହେତୁ ଆମ ଦେଶରେ ଘଟୁଥିବା ଅସାମାଜିକ, ଭ୍ରଷ୍ଟାଚାର ଜନିତ ରାଷ୍ଟ୍ରୀୟ ଦୁର୍ଗତି ବିଷୟ ପ୍ରାୟତଃ ଅନେକ ଲୋକଙ୍କୁ ବୁଝା ପଡୁଛି । କିନ୍ତୁ ପରିବେଶ, ପରିସ୍ଥିତି କାରଣରୁ କୌଣସି ପରିବର୍ତ୍ତିତ ନୂତନ ସଂସ୍କାର ମୂଳକ ପଦକ୍ଷେପ ନେବା ସମ୍ଭବ ହେଉନାହିଁ । ରାଜତନ୍ତ୍ରର କଠୋରତା ମଧ୍ୟରେ ଗଣତନ୍ତ୍ରର ସମ୍ଭାଷଣ ଆମକୁ ଏକ କୌତୁହଳ ପୂର୍ଣ୍ଣ ସମାଜରେ ଅବସ୍ଥାପିତ କରିଛି ଏମିତି, ଯେ ତାହାର ପ୍ରତିକାର କରାଯିବା ବାଟ ମିଳୁନାହିଁ କାହାକୁ ।

ଜୀବନର ଅଭିନୟ
।। ଦୁଷ୍ମନ୍ତ କୁମାର ସାହୁ ।।

ସମାଜରେ ଆମେ ବହୁ ପ୍ରକାର ମନୁଷ୍ୟଙ୍କୁ ଦେଖୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଆମ ମନ ମିଶେ ତ ଆଉ କେତେକଙ୍କ ସହିତ ଆମ ମନ ମିଶେନାହିଁ । ଆମର ଶତ୍ରୁତା ହୋଇଥାଏ ମନ ନ ମିଶୁଥିବା ଲୋକଟି ସହିତ, ହୁଏତ ସେ ଆମର ମିତ୍ରତା ଅଥବା ସମ୍ପର୍କ ଚାହିଁ ପାରୁ ନଥାଏ! ଆଉ ଯେଉଁମାନଙ୍କ ସହିତ ମନ ଫାଟିଯାଏ, ଘୃଣା ଏବଂ ଅସୂୟା ସ୍ୱାଭାବିକ ଭାବେ ତିଆରି ହୋଇଯାଏ । ଏପରି ଜୀବନ ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି । ତେବେ ମୂଳକଥାକୁ ଟିକିଏ ଭାବନ୍ତୁ ନା ବାସ୍ତବରେ ମଣିଷ ଭିତରେ ଏପରି ଭାବନା କାହିଁକି ଆସିଥାଏ ? ମନ ମେଳ ନ ହେବା ବା ନ ମିଶିବାର କାରଣ କ'ଣ ? ଆମ୍ଭେମାନେ ଅନେକ ସମୟରେ ଦୃଢ଼ ଓ ଦମ୍ଭ ସାମର୍ଥ୍ୟ ଦେଖାଉଥାଉ ଯେ ଆମେ ଅନେକ ଅସାଧ୍ୟ ସାଧନ କରିପାରିଛୁ । କିନ୍ତୁ ଆମ୍ଭେମାନେ ମୂଳ ଲକ୍ଷ୍ୟ ଠାରୁ ଯେ ଦୂରେଇ ଯାଇ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କୁ ସଂଯମ କରିବାରେ ବିଫଳ ହୋଇଥାଉ ଏବଂ ଏହାକୁ ଲୁଚାଇବାକୁ ଚେଷ୍ଟା କରୁ । ମନଟି ଅତ୍ୟନ୍ତ ଚଗଲା, ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସିପାରିବ ଯଦିଓ ଏହା ବଡ଼ ଆୟାସସାଧ୍ୟ । (ଶ୍ରୀମଦ୍ ଭାଗବତ ଗୀତା - ୬/୩୪,୩୫)

ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କର ଦିବ୍ୟ ସମ୍ଭାଷଣରେ ମଣିଷର ତିନୋଟି ରୂପକଥା ବ୍ୟାଖ୍ୟା କରିଛନ୍ତି । ସେହିଭଳି ସଂସାରକୁ ଆମେ ଯେତେବେଳେ ଦେଖୁଛେ ସାଧାରଣତଃ ମଣିଷମାନେ ହେଉଛନ୍ତି ତିନି ପ୍ରକାରର ବୋଲି ଉପଲବ୍ଧି ହୁଏ । ଏହା ନିଃସନ୍ଦେହ ଯେ ମଣିଷ ସମଜାତୀୟ ମଣିଷକୁ ହିଁ ଭଲ ପାଇଥାଏ । ଦର୍ଶନଶାସ୍ତ୍ର ଅନୁସାରେ ପ୍ରଥମ ଶ୍ରେଣୀର ମଣିଷଟି ହେଉଛି ପଶୁଜୀବନଧାରୀ । କିନ୍ତୁ ଜୀବନରେ ନୀତି, ନୈତିକତା, ଆଦର୍ଶ ଶୃଙ୍ଖଳାକୁ ଭଲ ଭାବରେ ଧରିଥିବା ମଣିଷ ହେଉଛନ୍ତି ଦ୍ୱିତୀୟ ଶ୍ରେଣୀର । ଯୋଗ, ଯଜ୍ଞ, ସାଧନାର ଉଚ୍ଚସ୍ତର ସ୍ଥାନରେ ପହଂଚି ଯାଇଥିବା ମନୁଷ୍ୟମାନେ ହେଉଛନ୍ତି ତୃତୀୟ ଶ୍ରେଣୀର । ଆମେ ଉଲ୍ଲେଖ କରିଥିବା ପ୍ରଥମ ଶ୍ରେଣୀର ମଣିଷମାନେ ଯେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ତାହା ନୁହେଁ; ସେମାନେ ଆଖିଠାରୀ ଈଶ୍ୱର ବିଶ୍ୱାସ କରନ୍ତି । ସେମାନେ ସର୍ବଦା ନିଜର ସ୍ୱାର୍ଥ ସାଧନ ଦିଗକୁ ଦେଖିଥାନ୍ତି । ପଶୁର ସ୍ୱଭାବ ଓ ପ୍ରବୃତି ଯେପରି ସ୍ୱାର୍ଥ ଓ ଶ୍ରେଷ୍ଠ ହୋଇଥାଏ, ସେହିପରି ଏହି ମଣିଷମାନେ ଆଚରଣ କରିଥାନ୍ତି ।

ବର୍ତ୍ତମାନର ସାଧାରଣ ମଣିଷର ଜୀବନଟିକୁ ଭଲ ଭାବେ ଦେଖନ୍ତୁ । ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ପଶୁ ଜାତି ପରି କାର୍ଯ୍ୟସବୁ କରୁଛି । କେତେକ କ୍ଷେତ୍ରରେ ଦେଖାଯାଉଛି କିଛି ମଣିଷଙ୍କ କାର୍ଯ୍ୟ ବଣୁଆ ହାତୀ ପରି ଖାଇପିଇ, ଧସ୍ତାଧସ୍ତି ହୋଇ, ଦୌଡ଼ ଧପଡ଼ କରି ଆରଣ୍ୟକ ଜୀବନ ଯାପନ ସମ୍ପାଦନ କରୁଛି । କିନ୍ତୁ ସେ ପଶୁରାଜ ସିଂହ ସଦୃଶ ନିର୍ଭୟ ଓ ଅପରାଜେୟ ପ୍ରଭୁ ପରି ନିଜର ଯଶ ପ୍ରଚାର କରି ପାରୁନାହିଁ । ଅପରପକ୍ଷରେ ସେ ଆତ୍ମବଳରେ ବଳୀୟାନ୍ ହୋଇ ଭୟଶୂନ୍ୟ ଭାବରେ ବିହାର କରିବା ଉଚିତ ।

ଈଶ୍ୱରଙ୍କ ସେବା ଓ ପୂଜାକୁ ପଛରେ ପକାଇ ସଂସାରର ବିଷୟ ଭୋଗରେ ମାତି ଯାଆନ୍ତି ଏମାନେ । ପଶୁଜୀବନଧାରୀ ମନୁଷ୍ୟମାନଙ୍କର ଶେଷ ଗତି ହେଉଛି ନର୍କ । ଏମାନେ ଜୀବନର ଅନ୍ତଃକାଳରେ ନର୍କଯନ୍ତ୍ରଣା ହିଁ ଭୋଗିଥାଆନ୍ତି । ଏହି ପଶୁ ଜୀବନ ଜିଉଁଥିବା ମଣିଷ କେବଳ ଅର୍ଥ ଏବଂ ସ୍ୱାର୍ଥ ପଛରେ ହିଁ ଦୌଡ଼ିଥାଏ । ସେ ଯେତେବେଳେ ବୟସର ସନ୍ଧ୍ୟାକାଳରେ ପହଂଚିଯାଏ ତା'ର ଜୀବନଟି ହୋଇଯାଏ ଏକାନ୍ତ । କାହାରି ସାହଚର୍ଯ୍ୟ ବା ସହାୟତା ଏବଂ ସ୍ନେହ ଆଦୌ ମିଳିନଥାଏ ତାକୁ । କିନ୍ତୁ ଦ୍ୱିତୀୟ ପ୍ରକାରର ନୈତିକ ମାନବୀୟ ମୂଲ୍ୟବୋଧକୁ ଜୀବନର ଧର୍ମ ଓ କର୍ମଭାବରେ ଗ୍ରହଣ କରିଥାନ୍ତି ଯେଉଁମାନେ, ସେମାନେ ଈଶ୍ୱର ଭାବସମ୍ପନ୍ନ । ନୈତିକ ଚିନ୍ତନ ସହ ଜନମଙ୍ଗଳ କାର୍ଯ୍ୟ ପାଇଁ ସେମାନଙ୍କର ସବୁବେଳେ ସଯତ୍ନ ଓ ଦାୟିତ୍ୱ ରହିଥାଏ । ସେମାନେ ନିଜେ ସର୍ବନିମ୍ନ ସୁଖରେ ରହି ଅନ୍ୟମାନଙ୍କୁ ନିଜ ସୁଖରେ ସାମିଲ କରିଥାନ୍ତି । ଏହି ନୀତି ନୈତିକତାର ମନୁଷ୍ୟ ସମାଜର ସର୍ବାଙ୍ଗୀନ ମଙ୍ଗଳ ଇଚ୍ଛା କରିଥାଏ । ସଂସାରରୁ ସୁଖ ଖୋଜିବା, ଏହି ସୁଖକୁ ପୁଣି ଈଶ୍ୱରଙ୍କ ଦ୍ୱାରା ପ୍ରାପ୍ତ ହେଉଛି ବୋଲି ଜାଣିବା ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଷୟରୁ ସୁଖ ସଂଗ୍ରହକରିବା ଉଦ୍ଦେଶ୍ୟରେ ଏହି ଲୋକମାନେ ପୂଜାର୍ଚ୍ଚନା କରିଥାଆନ୍ତି । ଅନ୍ତିମ ସମୟରେ ଏମାନଙ୍କୁ ସ୍ୱର୍ଗସୁଖ ପ୍ରାପ୍ତି ହୁଏ । ପୁଣ୍ୟ ଶେଷ ହେଲେ ପୁନର୍ବାର ଫେରିଆସନ୍ତି ମାତୃଗର୍ଭକୁ । କିନ୍ତୁ ତୃତୀୟ ଶ୍ରେଣୀର ମନୁଷ୍ୟ ଜୀବନ ସର୍ବୋତ୍କୃଷ୍ଟ । ସେମାନେ ଏକ ପ୍ରକାର ସଂସାରରେ ଥାଇ ମଧ୍ୟ ଯୋଗୀ ଜୀବନ ନିର୍ବାହ କରିଥାନ୍ତି । ପ୍ରଚଣ୍ଡ ଈଶ୍ୱର ବିଶ୍ୱାସ, ଧର୍ମଶାସ୍ତ୍ର ଅନୁଗାମୀ, ଆସନ ପ୍ରାଣାୟମ, ଯୋଗ ସାଧନା ଦ୍ୱାରା କାମନାକୁ ସୀମାଙ୍କନ କରି ସେମାନେ ଇନ୍ଦ୍ରିୟମାନଙ୍କୁ ଦମନ କରିପାରିଥାନ୍ତି । ସେମାନେ ନାଁ ସୁଖରେ ନାଁ ଦୁଃଖରେ, କାତର ଅବା ଅଧୀର ଆଦୌ ହୁଅନ୍ତି ନାହିଁ । ସେମାନଙ୍କର ପ୍ରତିଟି ଚିନ୍ତନ ହେଉଛି ନିଜର ଇଷ୍ଟଦେବ ବା ପରମ ପୁରୁଷଙ୍କ ପାଦପଦ୍ମ ପ୍ରାପ୍ତି । ଏହିଭଳି ଆଧ୍ୟାତ୍ମିକ ଜଗତର ସର୍ବଶ୍ରେଷ୍ଠ ଶୀର୍ଷରେ ପହଂଚିଥିବା ବ୍ୟକ୍ତିମାନଙ୍କୁ ସମସ୍ତେ 'ମହାମାନବ', 'ମହାପୁରୁଷ' ଭାବେ ପୂଜିତ ଓ ଅଭିହିତ କରିଥାନ୍ତି ।

ଏମାନେ ଆଜ୍ଞା ଚକ୍ରରେ ମନ- ପବନ ଓ ଚିତକୁ ସ୍ଥିରକରି ସ୍ଥିତପ୍ରଜ୍ଞ ହୋଇଯାଆନ୍ତି । ସୁତରାଂ ଏମାନେ ପ୍ରତ୍ୟକ୍ଷରେ ଜଗତର କଲ୍ୟାଣ କଲାପରି ଜଣା ନଗଲେ ମଧ୍ୟ ଏହି ଯୋଗଜୀବନଧାରୀ ମନୁଷ୍ୟମାନଙ୍କର ଦୈବୀ ପ୍ରଭାବ ସୂକ୍ଷ୍ମ ଭାବରେ ପରୋକ୍ଷରେ ପଡ଼ିଥାଏ । ଜୀବନକୁ ଆନନ୍ଦମୟ, ଅନ୍ୟମାନଙ୍କ ପାଇଁ ପ୍ରେରଣୀୟ ଓ ପୂଜ୍ୟ ହୋଇଥିବା ଏହି ବର୍ଗର ଯୋଗୀ ଜୀବନଧାରୀମାନେ ପରମାତ୍ମାଙ୍କ ସହିତ ବିଲୀନ ହୋଇଯାଆନ୍ତି । ଦେହ ବନ୍ଧନରୁ ସେମାନେ ମୁକ୍ତ ହୋଇଥାଆନ୍ତି । ସେମାନଙ୍କର ପୁନର୍ଜନ୍ମ ଯାହା ଜନ୍ମମୃତ୍ୟୁର ଚକ୍ର ଭାବେ ବୁଝାଇଥାଏ ତାହା ସେମାନଙ୍କୁ ଭୋଗ କରିବାକୁ ପଡ଼ିନଥାଏ । ସେମାନେ ଅମୃତ ପୁରୁଷ ହୋଇଯାଆନ୍ତି ଯୁଗ ଯୁଗ ପାଇଁ ।

ପୁରୀ

ରାଷ୍ଟ୍ରକବି ରାମଧାରୀ ସିଂହ 'ଦିନକର'
।। ଡ଼ଃ. ଅରୁନ୍ଧତୀ ଦେବୀ ।।

ଭାରତର ପ୍ରସିଦ୍ଧ ହିନ୍ଦୀ କବି, ପ୍ରାବନ୍ଧିକ, ଦେଶପ୍ରେମୀ ଓ ବିଦ୍ୱାନ ଥିଲେ ରାମଧାରୀ ସିଂହ ଦିନକର । ସୁପରିଚିତ ଆଧୁନିକ ହିନ୍ଦୀ କବିଙ୍କ ମଧ୍ୟରେ ସେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଜଣେ ବିଦ୍ରୋହୀ କବି ରୂପେ ତାଙ୍କର ଖ୍ୟାତି ରହିଛି । ବୀର ରସ କବିତାର ସେ ଥିଲେ ସ୍ରଷ୍ଟା । ବିହାର ପ୍ରାନ୍ତର ବେଗୁସରାୟ ଜିଲ୍ଲାର ସିମରିଆ ଘାଟ ତାଙ୍କ ଜନ୍ମସ୍ଥଳୀ । ରାମଧାରୀ ପାଟନା ବିଶ୍ୱବିଦ୍ୟାଳୟରେ ଇତିହାସ, ଦର୍ଶନଶାସ୍ତ୍ର ଓ ରାଜନୀତି ବିଜ୍ଞାନ ଅଧ୍ୟୟନ କରିଥିଲେ । ସଂସ୍କୃତ, ବଙ୍ଗଳା, ଇଂରାଜୀ ଓ ଉର୍ଦ୍ଦୁ ମଧ୍ୟ ଅଧ୍ୟୟନ କରିଥିଲେ । ସ୍ୱାଧୀନତା ପୂର୍ବର ବିଦ୍ରୋହୀ କବିର ପରିଚୟ ପାଇଥିବା ରାମଧାରୀ ସ୍ୱାଧୀନତା ପରେ ରାଷ୍ଟ୍ରକବି ନାମରେ ଲୋକପ୍ରିୟ ହେଲେ । ଗୋଟିଏ ପଟେ ତାଙ୍କର କବିତାରେ ବିଦ୍ରୋହ, ଆକ୍ରୋଶ ଓ କ୍ରାନ୍ତିର ଆହ୍ୱାନ ରହିଥିବାବେଳେ ଅନ୍ୟପକ୍ଷେ କୋମଳ ଶୃଙ୍ଗାର ଭାବନାର ଅଭିବ୍ୟକ୍ତି ବାରିହୁଏ । ଏହି ଦୁଇ ପ୍ରବୃତିର ଚରମ ଉତ୍କର୍ଷ ତାଙ୍କ କୁରୁକ୍ଷେତ୍ର ଓ ଉର୍ବଶୀରେ ଦେଖିବାକୁ ମିଳେ । ଉର୍ବଶୀ ପାଇଁ ରାମଧାରୀଙ୍କୁ ଭାରତୀୟ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେହିପରି କୁରୁକ୍ଷେତ୍ର ବିଶ୍ୱର ୧୦୦ ସର୍ବଶ୍ରେଷ୍ଠ କାବ୍ୟ ମଧ୍ୟରେ ୭୪ତମ ସ୍ଥାନ ଅଧିକୃତ କରିଥିଲା ।

ସାମାଜିକ ଓ ଆର୍ଥିକ ସମାନତା ଏବଂ ଶୋଷଣ ବିରୋଧରେ ସେ କବିତା ରଚନା କରୁଥିଲେ । ଜଣେ ପ୍ରଗତିବାଦୀ ଓ ମାନବବାଦୀ କବି ରୂପେ ସେ ଐତିହାସିକ ଚରିତ୍ର ଓ ଘଟଣାଗୁଡ଼ିକୁ ଓଜସ୍ୱୀ ଶବ୍ଦ ଦ୍ୱାରା ମଣ୍ଡିତ କରିଥିଲେ । ତାଙ୍କ ମହାନ ରଚନା ମଧ୍ୟରେ ରଶ୍ମିରଥୀ ଓ ପର୍ଶୁରାମ୍‌କୀ ପ୍ରତୀକ୍ଷା ସାମିଲ । ଭୂଷଣ ପରେ ତାଙ୍କୁ ବୀର ରସର ସର୍ବଶ୍ରେଷ୍ଠ କବିର ମାନ୍ୟତା ମିଳିଲା । ତାଙ୍କର ବିଭିନ୍ନ ରଚନାବଳୀ ଭାରତର ଅନେକ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଉଛି । କେବଳ ଜଣେ ଲେଖକ ବା ଦେଶପ୍ରେମୀ ଭାବେ ସେତିକି ନୁହେଁ ବରଂ ସେ ଜଣେ ସମାଜସେବୀ ଭାବେ, ସମାଜର ତଳ ପାହାଚରେ ଥିବା ଲୋକମାନଙ୍କ ପାଇଁ ତାଙ୍କ ସମୟ ଅତିବାହିତ କରୁଥିଲେ । ଅନେକ ଦାତବ୍ୟ ଓ ସାମାଜିକ ସଂଗଠନ ସହ ସେ ଜଡ଼ିତ ଥିଲେ । ୧୯୫୯ରେ ପଦ୍ମ ବିଭୂଷଣ ଦ୍ୱାରା ରାମଧାରୀଙ୍କୁ ସମ୍ମାନିତ କରାଯାଇଥିଲା । ୧୯୬୮ରେ ରାଜସ୍ଥାନ ବିଦ୍ୟାପୀଠ ତାଙ୍କୁ ସାହିତ୍ୟ ଚୂଡ଼ାମଣିରେ ସମ୍ମାନିତ କରିଥିଲେ । ୧୯୦୮ ସେପ୍ଟେମ୍ବର ଆଜିର ଦିନ କବି ରାମଧାରୀ ଜନ୍ମ ଗ୍ରହଣ କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ହଜାର ବର୍ଷର ସହର : ଅସୁରକ୍ଷିତ ସରକାରୀ ସଂପତ୍ତି !!
।। ଡାକ୍ତର ରବି ରଞ୍ଜନ ସାହୁ ।।

ହଜାର ବର୍ଷର ସହର ଭାବେ କଟକର ପରିଚିତି କେବଳ ଓଡ଼ିଶା ଭିତରେ ନୁହେଁ ଭାରତ ଓ ଭାରତ ବାହାରେ ମଧ୍ୟ । ପୃଥିବୀରେ ଦୁଇ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଅଂଚଳରେ ଏପରି ବିକଶିତ ଓ ପ୍ରାଚୀନତମ ସହର କ୍ୱଚିତ ରହିଛି । ଦିନକୁ ଦିନ ସହରର କାୟା ବଢୁଛି । ଅନେକ ବିଭିନ୍ନ ଜିଲ୍ଲାର ଏପରିକି ରାଜ୍ୟର ଲୋକମାନେ କଟକରେ ଘରଦ୍ୱାର କରି ପିଢ଼ି ପିଢ଼ି ଧରି ରହିଲେଣି । ଜନସଂଖ୍ୟା ଯେଉଁପରି ଭାବେ ଦିନକୁ ଦିନ ସହରକୁ ବଢ଼ାଉଛି ଏହି କ୍ରମରେ ବେସରକାରୀ ଜମିର ଚାହିଦା ବଢ଼ିବା ସ୍ୱାଭାବିକ । ତେବେ ଦୁର୍ଭାଗ୍ୟର କଥା ସରକାରୀ ଜମି ଉପରେ କିଛି ଯୋଜନାବଦ୍ଧ, ଅସାମାଜିକ ତଥା ଜମି ମାଫିଆ କଳେବଳେ କୌଶଳେ ଏହାକୁ କରାୟତ କରି ଅତି ଉଚ୍ଚମୂଲ୍ୟରେ ଅନ୍ୟମାନଙ୍କୁ ବିକ୍ରି କରୁଛନ୍ତି । କଥା କେବଳ ସେତିକି ନୁହେଁ ସରକାରୀ ଜମିକୁ ଗୋଟିଏ ଜମି ଅନେକ ଲୋକଙ୍କ ନାଁରେ ରେଜିଷ୍ଟ୍ରି ହେଉଥିବାର ଏବଂ ସେ ଲୋକମାନଙ୍କର ହଇରାଣ ହୋଇ କୋର୍ଟ କଚେରୀ ଦୌଡୁଥିବାର ଖବର ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି । ଅର୍ଥ ଓ ସମୟ ଉଭୟକୁ ହରାଇ ଜଣେ ଜଣେ ଲୋକ ନିଃସ୍ୱ ହୋଇଯାଉଛନ୍ତି, ପରିବାର ଉଚ୍ଛନ୍ନ ହୋଇଯାଉଛି ଏବଂ ଗୋଟିଏ ଗୋଟିଏ କ୍ଷେତ୍ରରେ ଟଙ୍କା ହରାଇଥିବା ଲୋକଟି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେବାପରେ କଟକରେ ଅନେକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ତେବେ ଅସଲ ଅଘଟଣକୁ ସରକାର ଓ ପ୍ରଶାସନ ସମ୍ଭବତଃ ଭୁଲି ଯାଉଛନ୍ତି । ଗତ କେତେ ବର୍ଷ ହେଲା ସହରାଂଚଳରେ ଜମିର ମୂଲ୍ୟ ବଢ଼ିଯିବାରୁ ସରକାରୀ ଜମି ଉପରେ ନ୍ୟସ୍ତସ୍ୱାର୍ଥ ଜମି ମାଫିଆଙ୍କର ନଜର ପଡ଼ିଛି । ଯେ କୌଣସି ଜାଗାରେ ସରକାରୀ ଜମି ଅଛି ତାକୁ କଳେବଳେ କୌଶଳେ ଦଖଲ କରିବା ଏବଂ ତାକୁ ବେଆଇନ ଭାବେ ସାଧାରଣ ଲୋକଙ୍କୁ ବିକ୍ରି କରିବାର ବହୁ ଦୃଷ୍ଟାନ୍ତ ରହିଛି । ଏହି କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ପୁଲିସ ସଂପୃକ୍ତି ରହି ଆର୍ଥିକ ଫାଇଦା ଉଠାଉଛନ୍ତି । ଭାତ ହାଣ୍ଡିରୁ ଗୋଟିଏ ପରି ଏବେ ଗୋଟିଏ ଜମି ସଂପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି । କଟକ ସହର ଖାନନଗରସ୍ଥିତ ନେତାଜୀ ବସ ଟର୍ମିନାଲ ପାଇଁ ରାଜ୍ୟ ସରକାର ଅନେକ ଜମି ଗ୍ରହଣ କରିଥିଲେ ଏବଂ ପ୍ରାୟ ପାଖାପାଖି ପାଂଚ ଏକର ଜମି ବଳି ପଡ଼ିଥିଲା ତାହା ଫାଙ୍କା ପଡ଼ିଥିଲା । ସେଇ ସବୁ ଜମିକୁ ରାଜ୍ୟ ସରକାର ଅନାବାଦି ଘୋଷଣା କରିଛନ୍ତି । ତେବେ ଅନାବାଦି ଜମିର ମାଲିକ ହେଲେ ରାଜ୍ୟ ସରକାର । ଏହି ଜମିକୁ ଆବାଦ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ତାକୁ ତାରବାଡ଼ ଦେଇ ଘେର କରିଥିଲେ ଏବଂ ଗେଟ ଲଗାଇ ଥିଲେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଜମିକୁ କିଛି ଜମି ମାଫିଆ ନିଜ ଦଖଲକୁ ନେଇ କନା ଘେରେଇ ଗୃହ ନିର୍ମାଣ କରୁଛନ୍ତି । ଏ ଦିଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମର ଅଧିକାରୀମାନେ କିପରି ଜାଣି ପାରୁନାହାଁନ୍ତି ତାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି । ଏହି ମୂଲ୍ୟବାନ ଜମିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ । ନଗର ଉନ୍ନୟନ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ ।

ସରକାରୀ ଜମିର ସୁରକ୍ଷା ଏବଂ ଏହାକୁ ହାତେଇ ଥିବା ଲୋକମାନଙ୍କ ବିରୁଦ୍ଧରେ ବିଭିନ୍ନ ହାଇକୋର୍ଟ ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ କଠୋର ଆଇନଗତ ଚେତାବନୀ ଓ କାର୍ଯ୍ୟାନୁଷ୍ଠାନର ରାୟର ନଜିର ରହିଛି । ତେବେ ସରକାରୀ ସମ୍ପତି ଯେଉଁଠି ଲୁଟ ହେଉଛି ଏ ସମ୍ପର୍କରେ ମାମଲା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ କ୍ୱଚିତ କ୍ଷେତ୍ରରେ କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥାଏ । ତେବେ ଏ କ୍ଷେତ୍ରରେ ଆବେଦନକାରୀଙ୍କ ଜୀବନ ମଧ୍ୟ ବାଜିରେ ପଡ଼ିଥାଏ । ସରକାର ନିଜ ଜମି ହରାଇ କହିବାକୁଗଲେ ନିଜ ଗୋଡ଼ରେ ହିଁ କୁରାଢ଼ି ମାରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମତଃ ଆଇନର ସମ୍ମାନ ରହୁନି, ଦ୍ୱିତୀୟତଃ ସରକାରୀ ଜମି ଅସାମାଜିକଙ୍କ ହାତକୁ ଯିବା ଦ୍ୱାରା ସ୍ଥାନୀୟ ଅଂଚଳରେ ଶାନ୍ତି ବ୍ୟାଘାତ ହୁଏ, ଏହା ସହିତ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ଆଇନଗତ ଅରାଜକତା ଦେଖାଯାଏ । ସବୁଠାରୁ ବଡ଼ କଥା ହେଉଛି ସରକାର ନିଦାଦିଷ୍ଟ ସାଜି ଥିବାରୁ ରାଜସ୍ୱ ମଧ୍ୟ ହରାଉଥାନ୍ତି । ଉତରପ୍ରଦେଶ, ଆସାମ, ମହାରାଷ୍ଟ୍ର, ଗୁଜୁରାଟ ପରି ବିଭିନ୍ନ ରାଜ୍ୟରେ ସ୍ଥାନୀୟ ସରକାର ସରକାରୀ ସମ୍ପତିକୁ ହାତେଇ ଥିବା ଲୋକମାନଙ୍କ ପାଇଁ ଯେପରି ବୁଲଡୋଜର ନ୍ୟାୟ ଆପଣାଉଛନ୍ତି ସମ୍ଭବତଃ ଓଡ଼ିଶା ପାଇଁ ସେହିପରି କଠୋରରୁ କଠୋରତମ ଆଇନ ଦରକାର । ଗୋଟିଏ କ୍ଷେତ୍ରରେ ନିଜ ଜୀବନ କାଳ ଭିତରେ ଅନେକ କଷ୍ଟ କରି ଜାଗା ଖଣ୍ଡିକ ପାଇଁ ବେସରକାରୀ ଜମି କିଣିବା ପାଇଁ ଜଣେ ଅକ୍ଷମ ହେଉଥିବାବେଳେ ସରକାରୀ ଜମିକୁ ନିଜ ଦଖଲକୁ ନେଇ ସେ ପୁଣି କେଉଁ ଉପାନ୍ତ ବା ଅଗମ୍ୟ ଅଂଚଳ ନୁହେଁ କଟକ ପରି ସହରର ମୁଖ୍ୟ ଅଂଚଳ କୁହାଯାଉଥିବା ଖାନନଗର ପରି ସ୍ଥାନର ! ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ ।

ସଭାପତି, କଟକ ମହାନଗର ନାଗରିକ ମହାସଭା
ଦୂରଭାଷ : ୯୪୩୭୭୩୧୦୧୭୧

ଭଗବାନ ବିଷ୍ଣୁଙ୍କ ବାମନ ଅବତାର
।। ଜ୍ୟୋତ୍ସ୍ନା ମହାପାତ୍ର ।।

ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ ବିଷ୍ଣୁଙ୍କ ବାମନ ଅବତାରର ଜନ୍ମ କିମ୍ବା ବାମନ ଦ୍ୱାଦଶୀ ମଧ୍ୟ କୁହାଯାଏ । କଶ୍ୟପ ମୁନି ଓ ଅଦିତିଙ୍କ ପୁତ୍ର ଭାବେ ବାମନ ଜନ୍ମ ହୋଇଥିଲେ । ସେ ଦ୍ୱାଦଶ ଆଦିତ୍ୟ । ତେଣୁ ଇନ୍ଦ୍ରଙ୍କ ସାନଭାଇ । ଦକ୍ଷିଣ ଭାରତରେ ସେ ଉପେନ୍ଦ୍ର ଭାବେ ଖ୍ୟାତ । ସେ ବିଷ୍ଣୁଙ୍କ ପଂଚମ ଅବତାର । ସେ ମାନବ ରୂପରେ ପ୍ରକଟ ହୋଇଥିବା ବିଷ୍ଣୁଙ୍କ ପ୍ରଥମ ଅବତାର । ପ୍ରହ୍ଲାଦଙ୍କ ନାତି ତଥା ବିରୋଚନଙ୍କୁ ପୁତ୍ର ମହାଦାନୀ ଅସୁର ରାଜା ବଳି ତ୍ରିଲୋକ ଅଧିକାର କରି ନେଇଥିଲେ । ବାମନ ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ବଳି ତାହା ଦେବାକୁ ସମ୍ମତି ହୁଅନ୍ତେ ସେ ବିଶାଳ ରୂପ ଧାରଣ କରିଥିଲେ । ପ୍ରଥମ ପାଦ ସାରା ଭୂଲୋକକୁ ବ୍ୟାପଗଲା ଏବଂ ଦ୍ୱିତୀୟ ପାଦ ସ୍ୱର୍ଗଲୋକକୁ, ତୃତୀୟ ପାଦ ଥାପିବା ପାଇଁ କୌଣସି ଭୂମି ନରହିବାରୁ ବଳି ରାଜା ନିଜର ମସ୍ତକ ଦେଖାଇ ଦେଇଥିଲେ । ବାମନ ତାଙ୍କୁ ଠେଲି ପାତାଳ ଲୋକକୁ ପଠାଇ ଦେଇଥିଲେ ଏବଂ ମହାବଳି ଉପାଧି ପ୍ରଦାନ କରିଥିଲେ । ପୁଣି ଏହି ଦିନରେ ପାଳିତ ହୁଏ, ଓଡ଼ିଆ ନବବର୍ଷ ବା ସୁନିଆ । ଏହି ଦିନରେ ଗଜପତି ମହାରାଜାଙ୍କର ସ୍ୱତନ୍ତ୍ର ଅଭିଷେକ ଉତ୍ସବ ପାଳନ ହେବା ସହ ପ୍ରଚଳିତ ପରମ୍ପରା ଅନୁଯାୟୀ ମହାରାଜା ନବବର୍ଷ ଘୋଷଣା କରନ୍ତି । ଏହା ଏକଦା ରାଜା ଓ ଜମିଦାରଙ୍କ ଶାସନ ସହ ସଂପର୍କିତ ଥିଲା । ସୁନିଆରେ ପ୍ରଜାମାନେ ଖଜଣା ପୈଠ କରୁଥିଲେ । ଜଳ ଓ ଜମି ପଟ୍ଟାର ନବୀକରଣ ହେଉଥିଲା । ଉତ୍କଳୀୟ ପରମ୍ପରାର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ନୀତିରେ ପୁରୀ ରାଜପରିବାର ଏକ ଅବିଚ୍ଛିନ୍ନ ଅଙ୍ଗ । ଗଜପତି ମହାରାଜ ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବେ ପରିଚିତ । ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି । ସମଗ୍ର ଉତ୍କଳର ମଉଡ଼ମଣି । ରାଜା ମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଏହି ରାଜ ପରିବାରର ଏକ ଅନନ୍ୟ ପରମ୍ପରା ହେଉଛି ସୁନିଆ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀର ପୁଣ୍ୟ ବାମନ ଜନ୍ମ ତିଥିରେ ପାଳିତ ହୋଇଥାଏ ଏ ସୁନିଆ ପର୍ବ । ଶହ ଶହ ବର୍ଷ ଧରି ପ୍ରଚଳିତ ହୋଇ ଆସିଥିବା ଏହି ପରମ୍ପରା ଉତ୍କଳୀୟ ମହାନ ସଂସ୍କୃତି ଓ ପରମ୍ପରାର ଏକ ଶ୍ରେଷ୍ଠ ଉଦାହରଣ । ସୁନିଆ ହେଉଛି ଓଡ଼ିଶାର ରାଜକୀୟ ନବ ବର୍ଷ । ଏହି ଦିନ ଗଜପତି ମହାରାଜାଙ୍କର ନୂତନ ଅଙ୍କ ପ୍ରଚଳନ ଏକ ଉତ୍ସବ ରୂପେ ପାଳିତ ହୋଇଥାଏ । ଗଜପତିଙ୍କ ସୁନିଆ ପାଇଁ ଶ୍ରୀଜଗନ୍ନାଥ ମନ୍ଦିରରୁ ଆସିଥାଏ ହରି ବଲ୍ଲଭ ଟାଟ । ସେଥିରେ ଅଣାଯାଇଥିବା ମହାପ୍ରସାଦ ଓ ଚନ୍ଦନ ଗଜପତିଙ୍କ ମସ୍ତକରେ ଲାଗିକରାଯାଏ । ରାଜଗୁରୁ ଏହି ଟାଟକୁ ଗଜପତିଙ୍କ ମସ୍ତକରେ ସ୍ପର୍ଶ କରାନ୍ତି । ମହାନତ କରି ତାହାକୁ ସମ୍ମାନ ଜଣାନ୍ତି ଗଜପତି ମହାରାଜ । ହରିବଲ୍ଲଭ ଟାଟକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ବୋଲି କୁହାଯାଏ । ଏହା ପରେ ମହାରାଜା ନୂତନ ଅଙ୍କ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦିଅନ୍ତି । ରାଜଗୁରୁଙ୍କ ଦ୍ୱାରା ଅଭିମନ୍ତ୍ରିତ ଶ୍ରୀଫଳ, ଗୁଆ, ପଇତା, ନୂତନ ବସ୍ତ୍ର, ଅକ୍ଷତ ରାଜାଙ୍କୁ ଅର୍ପଣ କରାଯାଏ । ରାଜନଅର ଆଗରେ ପାରମ୍ପରିକ ତେଲିଙ୍ଗି ବାଦ୍ୟ ବାଜେ । ବୀର କାହାଳୀ ବଜାଯାଏ । ଓଡ଼ିଆ ଜନଜୀବନ ଓ ସର୍ବୋପରି ଉତ୍କଳୀୟ ଆଧ୍ୟାତ୍ମିକ ଚେତନାରେ ସୁନିଆର ସ୍ଥାନ ସ୍ୱତନ୍ତ୍ର ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧

ସଂସ୍କୃତି ଓ ପରମ୍ପରାରେ ଜନଜାତି
।। ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ ।।

ଆଦିବାସୀମାନେ ପ୍ରକୃତିର ଉପାସକ । ସେମାନେ ବୃକ୍ଷ, ନଈ, ଝରଣା, ପାହାଡ଼, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଆଦି ପ୍ରାକୃତିକ ଏବଂ ସ୍ୱର୍ଗୀୟ ବସ୍ତୁର ଉପାସନା କରିଥାନ୍ତି । ଶାଳ ଓ ମହୁଲ ହେଉଛି ଆଦିବାସୀଙ୍କ ସବୁଠୁ ପ୍ରିୟ ଓ ପୂଜ୍ୟ ବୃକ୍ଷ । ଆଦିବାସୀମାନେ ବିଭିନ୍ନ ପର୍ବପର୍ବାଣୀରେ ଶାଳ, ମହୁଲ ଗଛକୁ ପୂଜା କରିଥାନ୍ତି । ସେମାନେ ସୂର୍ଯ୍ୟ ଦେବତା, ଧରଣୀପେନୁ, ଚନ୍ଦ୍ର ଦେବତା, ପାହାଡ଼ ଦେବତା (ସରୁ ପେନୁ), ନଈ, ଝରଣାକୁ ପୂଜା କରିଥାନ୍ତି । ଗୋଷ୍ଠୀ ଜୀବନ ସେମାନଙ୍କର ବଂଚିବାର ମୂଳମନ୍ତ୍ର । ସେମାନେ ଯାହା କିଛି କରନ୍ତି ଏକାଠି ନିଷ୍ପତି ନେଇ କରନ୍ତି । ଆଦିବାସୀମାନେ ଏକାଠି ଗୀତ ଗାଇ, ନାଚି, ଖେଳି ଜୀବନକୁ ଉପଭୋଗ କରନ୍ତି । ସେମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି । କନ୍ଧମାଳ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଅଂଚଳର କନ୍ଧ ଜନଜାତିର ଲୋକେ ଚୈତ୍ର ଓ ବୈଶାଖ ମାସରେ ପାହାଡ଼ ପୂଜା, ମେରିଆ ପୋଡ଼ ଯାତ୍ରା ଓ ବର୍ଷାଦିନେ ଟାକୁପର୍ବ, ବିହନ ପରବ ଯାହାକୁ ଦୁର୍ଲାଙ୍ଗ ଯାତ୍ରା କୁହାଯାଏ । ଶୀତ ଦିନେ ପୁଣିକାଲୁ, ଆଦିବାସୀଙ୍କ ଭାଷାରେ ଅଣକା ଯାତ୍ରା, ପାଳନ କରନ୍ତି । ସେହିଭଳି କେନ୍ଦୁଝରର ଜୁଆଙ୍ଗ ଜନଜାତିମାନେ ବାଙ୍କୁର ପର୍ବ, ଆଷାଢ଼ୀ ପର୍ବ, ଅଖଣି ପର୍ବ ଅର୍ଥ ଶିକାର ପର୍ବ, କୁସୁମ ନୂଆଖିଆ, ଆମ୍ବ ନୂଆଖିଆ, ମାଘପୋଡ଼ି ପର୍ବ ପାଳନ କରନ୍ତି । ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦିବାସୀମାନେ ନୂଆଖାଇ ପର୍ବ, କରମା ପର୍ବ, ବାହାବଙ୍ଗା ଅର୍ଥ ଶାଳଫୁଲ ପର୍ବ, ସହରାଇ ପର୍ବ, ମାଘେ ପରବ, ଗୋରୁଗାଈ ପୂଜା, ଉଦା ପର୍ବ ଆଦି ପାଳନ କରନ୍ତି । କୋରାପୁଟର ପରଜା ଆଦିବାସୀମାନେ ନୂଆଖିଆ ପର୍ବ, ପୁଷ୍ପପୁନି ପର୍ବ, ଦିଆଲି ପର୍ବ, ଚଇତି ପରବ, କାନ୍ଦୁଲଜା ପରବ, ବାଲିଯାତରା, ବିଜପୁଟୁନି ପରବ, ଭୀମା ପୂଜା ଆଦି ଅନେକ ପର୍ବପର୍ବାଣୀ ପାଳନ କରନ୍ତି ।

ଜାନଜାତିଙ୍କ ପର୍ବ ପର୍ବାଣିକୁ ମୁଖ୍ୟତଃ ଛଅ ବିଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲେ - କୃଷିଭିତିକ ପର୍ବ, ପାରମ୍ପରିକ ପର୍ବ, ସାମାଜିକ ପର୍ବ, ଶିକାରଭିତିକ ପର୍ବ, ରୋଗ ଓ ବ୍ୟାଧି ନିରାକରଣ ପର୍ବ, ଗ୍ରାମ ସଂସ୍କାରମୂଳକ ପର୍ବ । ଆଦିବାସୀମାନେ ପାଳନ କରୁଥିବା ଅଧିକାଂଶ ପର୍ବ କୃଷିଭିତିକ ପର୍ବ । ଚୈତ୍ର ଓ ବୈଶାଖ ମାସ ବେଳକୁ ଆଦିବାସୀଙ୍କ ହାତରେ କିଛି କାମ ନଥାଏ । ଚାଷକାର୍ଯ୍ୟ ଶେଷ ହୋଇ ଅମଳ ବି ସରିଯାଇଥାଏ । ସେହି ସମୟରେ ଆଦିବାସୀମାନେ ଶିକାର ପର୍ବ ଅର୍ଥ ବେଂଟଯାତ୍ରା ପାଳନ କରନ୍ତି । ଦଳ ଦଳ ହୋଇ ଆଦିବାସୀଯୁବକମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି ଏବଂ ଜୀବଜନ୍ତୁ ଶିକାର କରି ଆଣନ୍ତି । ମାତ୍ର ଏବେ ବନ୍ୟପ୍ରାଣୀ ନିୟମ କଡ଼ାକଡ଼ି ହୋଇଯାଇଥିବାରୁ ଏବେ ଶିକାର ପର୍ବ ଆଉ ବ୍ୟାପକ ଭାବେ ନ ହୋଇ ପ୍ରତୀକାତ୍ମକ ଭାବେ ପାଳନ କରାଯାଉଛି । ଆଦିବାସୀଙ୍କ ସାମାଜିକ ଉତ୍ସବ ମଧ୍ୟରେ ବିବାହ, ଜନ୍ମ ଓ ମୃତ୍ୟୁ ସମ୍ପର୍କିତ କର୍ମକର୍ମାଣୀ ପ୍ରମୁଖ । ଆଦିବାସୀ ସମାଜରେ ବିଭିନ୍ନ ପ୍ରକାର ବିବାହ ଦେଖିବାକୁ ମିଳିଥାଏ । କେନ୍ଦୁଝରର ଜୁଆଙ୍ଗ ଓ ପାଉଡ଼ିଭୂୟାଁ ସମାଜରେ କମଣ୍ଡରିଆ କନିଆ ବିଭା ଯାହାକୁ ସ୍ୱୀକୃତ ବିବାହ କୁହାଯାଏ । ଟାଙ୍କେଇ ଓଟି ବିଭା ଯାହାକୁ ଆଦିବାସୀଙ୍କ ଭାଷାରେ ସ୍ୱୀକୃତ ବିବାହ କୁହାଯାଏ, ସେହିପରି ଡିଗର କନିଆ ବିଭା ଅର୍ଥ ବଳପୂର୍ବକ ଅପହରଣ ବିବାହ କୁହାଯାଏ, ମନମାନି ବିଭା ଯାହାର ଅର୍ଥ ହେଉଛି ଆଜିକାଲିକା ସମୟର ପ୍ରେମ ବିବାହ, ସେହିପରି ସୁଲୁମ କନିଆ ବିଭା ଅର୍ଥ ପ୍ରେମ ବିବାହ, ଉଠୁଙ୍ଗ କନିଆ ବିଭା ଅର୍ଥ କନ୍ୟା ଗର୍ଭବତୀ ହୋଇଯିବା ପରେ ବିବାହ, ଓ୍ୱାଡ଼ି କନିଆ ବିଭା ଅର୍ଥ ବାଲ୍ୟ ବିବାହ, ଆଦିବାସୀ ସମ୍ପ୍ରଦାୟରେ ଦୁର୍ଭା କନିଆ ବିବାହ ପ୍ରଥା ରହିଛି ଯାହାର ଅର୍ଥ ବିଧବା ବିବାହ, ସେହିପରି ଏହି ଜନଜାତିଙ୍କର ଅନ୍ୟ ଏକ ବିବାହ ପ୍ରଥା ହେଉଛି ଡାକି କନିଆ ବିବାହ ଯାହାର ଅର୍ଥ ଛାଡ଼ପତ୍ର ପରେ ପୁନର୍ବାର ବିବାହ ଆଦି ବିବାହ ଦେଖିବାକୁ ମିଳିଥାଏ ।

ସେହିଭଳି କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଆଦିବାସୀଙ୍କ ମଧ୍ୟରେ ମଗା ବିଭା ଯାହାର ଅର୍ଥ ସ୍ୱୀକୃତ ବିବାହ, ସେହିପରି କନିଆ ଝିକା ବିଭା ଯାହାର ଅର୍ଥ ଝିଅକୁ ଅପହରଣ କରି ଆଣିବା ପରେ ବିବାହ, ଅନ୍ୟଏକ ବିବାହ ହେଉଛି ଉଦୁଲିଆ ବିଭା ଯାହାର ଅର୍ଥ ଝିଅକୁ ଅପହରଣ କରିବା ପରେ ବିବାହ, ପଇସାମୁଣ୍ଡି ବିଭା ଅର୍ଥ ପ୍ରେମ ବିବାହ, ପସନାମୁଣ୍ଡି ବିଭା ଅର୍ଥ ପୂର୍ବକାଳର ସ୍ୱୟଂବର ପଦ୍ଧତିର ବିବାହ ଦେଖିବାକୁ ମିଳିଥାଏ ।

ଓଡ଼ିଶାର ତମାମ ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ । ଜନଜାତି ସଂଖ୍ୟା ଦୃଷ୍ଟିରୁ ଦେଖିଲେ ମଧ୍ୟପ୍ରଦେଶ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ବୃହତମ ଜନଜାତି ବହୁଳ ରାଜ୍ୟ । ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ରାଜ୍ୟରେ ଜନଜାତି ଗୋଷ୍ଠୀ ହେଉଛନ୍ତି ୬୪ ପ୍ରକାରର । ସେମାନଙ୍କ ଭିତରୁ ବିଶେଷ ଭାବେ ଦୁର୍ବଳ ଓ ଅନୁନ୍ନତ ଶ୍ରେଣୀର ଜନଜାତି ଗୋଷ୍ଠୀ କୁହାଯାଉଥିବା ୧୩ଟି ଗୋଷ୍ଠୀ ରହିଛନ୍ତି । ଏହି ବଣଜଙ୍ଗଲ ଭିତରେ ସବୁଜ ପରିବେଶକୁ ନେଇ ଗୋଷ୍ଠୀଗତ ଜୀବନ ଜୀଇଁବା ହେଉଛି ଏମାନଙ୍କର ବଡ଼ ପରିଚୟ । ଆଜିର ବ୍ୟସ୍ତବହୁଳ ଓ ସ୍ୱାର୍ଥସର୍ବସ୍ୱ ଦୁନିଆରେ ଯେଉଁଠି ଯୌଥ ପରିବାର ଛୋଟ ହୋଇଯାଉଛି, ପରିବାର ପରିବାର ଲୋକଙ୍କ ଠାରୁ ଦୂରେଇ ଯାଉଛନ୍ତି ସେଠି ଏହି ଜନଜାତି ସମାଜ ଶିକ୍ଷା ଦିଅନ୍ତି ଯେ ପ୍ରକୃତି ସହିତ ମଣିଷ ମାନଙ୍କର କିପରି ଭାବପୂର୍ଣ୍ଣ ସମ୍ପର୍କ ରହିଛି ।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଳିଗୁଡ଼ା, କନ୍ଧମାଳ
ଦୂରଭାଷ : ୭୦୦୮୭୫୨୩୧୬

ପଲିଥିନ କାରବାର ବନ୍ଦ ନେଇ ବିଭିନ୍ନ ଦୋକାନରେ ଏନଏସି କର୍ତ୍ତୃପକ୍ଷଙ୍କ ଚଢାଉ,୩୫୦୦ ଟଙ୍କା ଜୋରିମାନା ଆଦାୟ

ଖଣ୍ଡପଡ଼ା, ୨୨/୦୯ (ଆ.ପ୍ର) : ଖଣ୍ଡପଡ଼ା ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନର ବହୁଳ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏନଏସି କର୍ମଚାରୀମାନେ ମଙ୍ଗଳବାର ଖଣ୍ଡପଡ଼ା ସହରର ମୁଖ୍ୟ ବଜାର ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଅଚାନକ ଚଢାଉ କରି କିଛି ପରିମାଣର ପଲିଥିନ ଜବତ କରିବା ସହ ବିଭିନ୍ନ ଦୋକାନ ମାଲିକଙ୍କ ଠାରୁ ଜୋରିମାନା ବାବଦରେ ୩୫୦୦ ଟଙ୍କା ଆଦାୟ କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ ରାଜ୍ୟ ସରକାର ପଲିଥିନ କାରବାର ଉପରେ କଟକଣା ଲଗାଇବା ଓଲ୍ଟ ରେ ଏହାକୁ ବେଆଇନ ବୋଲି ଘୋଷଣା କରିଥିଲେ ହେଁ ଖଣ୍ଡପଡ଼ା ସହର ସମେତ ଆଖପାଖ ଅଂଚଳର ବଜାରରେ ପଲିଥିନର ଅବାଧ କାରବାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି । ତେବେ ପଲିଥିନ କାରବାର ସଂପୂର୍ଣ୍ଣ ବନ୍ଦ ନେଇ ନିୟମିତ ଭାବେ ପ୍ରଶାସନ ପକ୍ଷରୁ ଏଭଳି ଚଢାଉ ଅଭିଯାନ ଜାରି ରଖିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ଖଣ୍ଡପଡା ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ଚାରିଛକ ବଜାର ଗଣେଶଙ୍କ ଭସାଣି

ନିମାପଡା, ୨୨/୦୯ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ଆଜି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚାରିଛକ ବଜାର କମିଟି ପକ୍ଷରୁ ପବିତ୍ର ପ୍ରାଚୀ ନଦୀରୁ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପିତ କରାଯାଇଥିଲା । ୧୯୭୨-୭୩ ମସିହା ଠାରୁ ବଜାର କମିଟିର ବ୍ୟବସାୟୀ ସଦାଶିବ ମହାପାତ୍ର (ଟୁନିଆଁ) କର୍ତ୍ତା ଭାବେ ଏହି ଜଳ କଳସ ମାଧବ ପ୍ରାଚୀ ନଦୀରୁ ଆଣିଥାନ୍ତି । ସାତ ଦିନ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବସରେ ପ୍ରବଚନ ଦ୍ୱିତୀୟ ଦିବସରେ ମାଳିକା ପ୍ରବଚନ ତୃତୀୟ, ଚତୁର୍ଥ ଦିବସରେ ପାଲ୍ଲା, ପଂଚମ ଦିବସରେ ମନୋରମା ବେହେରାଙ୍କ ସଂକୀର୍ତ୍ତନ ଓ ଷଷ୍ଠ ଦିବସରେ ପ୍ରବଚନ ହୋଇଥିଲା । ଦ୍ୱିତୀୟ ଦିବସରେ ପ୍ରବଚନ ଓ ପଂଚମ ଦିବସରେ ମନୋରମା ବେହେରାଙ୍କ ସଂକୀର୍ତ୍ତନ ଅତି ଉଚ୍ଚ କୋଟିର ହୋଇଥିଲା । ଆଜି ପାରମ୍ପରିକ ବାଜା ବଜାଇ ଶ୍ରୀ ଗଣେଶଙ୍କୁ ନିକଟସ୍ଥ ପ୍ରାଚୀ ନଦୀକୁ ନିଆଯାଇ ବିସର୍ଜନ କରାଯାଇଛି । ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ସାମିଲ ହୋଇଥିଲେ । ଡିଜେ ଏବଂ ବାଣ ଉପରେ ପୋଲିସ କଟକଣା ଜାରୀ କରିଛି । ରାତ୍ର ୧୦ ଟା ସୁଦ୍ଧା ଠାକୁର ମାନଙ୍କର ଭସାଣି କାର୍ଯ୍ୟ ସରିବ । ବୋଲି ସ୍ଥାନୀୟ ପୋଲିସ ନିର୍ଦ୍ଦେଶ ଥିବାରୁ ତାହାକୁ ମାନି ଆଜି ଅପରାହ୍ନ ରେ ଭସାଣି କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଥାନା ଅଧିକାରୀ ଶୋଭାରାଜ ପ୍ରିୟଦର୍ଶୀ ମହାନ୍ତି ସଦଳ ବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଥିଲେ ।

ବୋଡ଼େନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର
୫୦ଟି ଅଭିଯୋଗ ପଞ୍ଜିକୃତ, ଦୁଇ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା

ନୂଆପଡ଼ା, ୨୨/୦୯ (ଆ.ପ୍ର) : ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣାଣି କରାଯାଇ ତାହାର ତ୍ୱରିତ ସମାଧାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଅଭିଯୋଗକାରୀମାନଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବାକୁ କହିଥିଲେ । ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରଗୁଡ଼ିକରେ ଗ୍ରହଣ କରାଯାଇଥିବା ଅଭିଯୋଗର ଫଇସଲା ସ୍ଥିତି ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଫଇସଲା କରି ଅଭିଯୋଗକାରୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ଅବସରରେ ଲିଟିସର୍ଗି ଗ୍ରାମର ମୋହନ ଜଗତ ଓ ଆକରୁ କୁଳଦୀପଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତାର ଚେକ୍ ପ୍ରଦାନ କରାଯାଇଥିଲା । ସାଧାରଣ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା । ଡୁମେରବାହାଲ ଗ୍ରାମର ୯୮ ବର୍ଷୀୟ କମଲେ ନିଆଲ ମଧ୍ୟ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ଅବସରରେ ସ୍ୱଚ୍ଛ ସାଥି ମାନଙ୍କୁ ଶାଢ଼ୀ ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ ପ୍ରାନ୍ତୀୟ ଅଜିଜ୍ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ମିତ୍ର ଓ ବ୍ଲକ ଉପାଧ୍ୟକ୍ଷ ସଂଗୀତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସିମ୍, ରୋଶନ କୁମାର ଜେନା, ବୋଡ଼େନ ବିଡିଓ ଚିନ୍ମୟ ସାଗର ଓ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

ଶିଶୁଙ୍କ ଉଚ୍ଚତା-ଓଜନ ଯାଂଚ କରିବେ ବଣାଇଗଡ଼ କଲେଜର ୧୬ ଜଣ ଏନଏସଏସ ସ୍ୱେଚ୍ଛାସେବୀ

ବଣାଇ, ୨୨/୦୯ (ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଓ ଲହୁଣୀପଡ଼ା ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ସର୍ଭେ ଓ ଶିଶୁ ବିକାଶ ମୂଲ୍ୟାୟନ କାର୍ଯ୍ୟ ପାଇଁ ବୋଣାଇଗଡ଼ କଲେଜର ୧୬ ଜଣ ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ସୁପୋଷିତ ଓଡ଼ିଶା ମିଶନ ଅଧୀନରେ ଅନୁଷ୍ଠିତ ହେଉଛି । ସୁପୋଷିତ ଓଡ଼ିଶା ମିଶନ ଅଧୀନରେ ପ୍ରଥମ ପର୍ଯ୍ୟାୟର ଅଙ୍ଗନବାଡ଼ି କେନ୍ଦ୍ର ମୂଲ୍ୟାୟନ ୨୧ ସେପ୍ଟେମ୍ବରରୁ ୧୬ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବାବେଳେ, ବଣାଇଗଡ଼ କଲେଜକୁ ଆବଂଟିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ୨୨ ସେପ୍ଟେମ୍ବରରୁ ୩ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଏହି ସର୍ଭେ ଓ ମୂଲ୍ୟାୟନ କାର୍ଯ୍ୟ ସମ୍ପାଦନ କରାଯିବ ।

ନିୟୋଜିତ ଏନଏସଏସ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ନିର୍ଦ୍ଧାରିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୃଦ୍ଧି ମନିଟରିଂ ସହିତ ନିର୍ଦ୍ଧାରିତ ମାପ ଓ ତଥ୍ୟ ସଂଗ୍ରହ କରୁଛନ୍ତି । ଏହା ମାଧ୍ୟମରେ ଶିଶୁମାନଙ୍କର ବୃଦ୍ଧି ଓ ପୋଷଣ ସ୍ଥିତି ସମ୍ପର୍କିତ ତଥ୍ୟକୁ ବ୍ୟବସ୍ଥିତ ଭାବେ ଆକଳନ କରିବାରେ ସହାୟତା ମିଳିବ । ସ୍ୱେଚ୍ଛାସେବୀମାନେ ମିଶନର ନିର୍ଦ୍ଧାରିତ ନିୟମାବଳୀ ଓ କାର୍ଯ୍ୟସୂଚୀ ଅନୁସାରେ କ୍ଷେତ୍ରସ୍ତରରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏଥିପାଇଁ ସେମାନଙ୍କୁ ଆବଶ୍ୟକ Growth Monitoring Device (GMD) କିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମ NSS Programme Officer ଜୟନ୍ତ ବେହେରାଙ୍କ ମାର୍ଗଦର୍ଶନରେ ଏବଂ Assistant NSS Programme Officer ବିଜୟ ବେହେରାଙ୍କ ସହଯୋଗରେ ପରିଚାଳିତ ହେଉଛି । ଏହି ଅଭିଯାନକୁ ସଫଳ କରିବାରେ ବୋଣାଇଗଡ଼ କଲେଜର ଅଧ୍ୟକ୍ଷ ଡ଼. ଜେନାମଣି ସାହୁଙ୍କ ମାର୍ଗଦର୍ଶନ ଓ ସହଯୋଗ ରହିଛି ।

ଆଦର୍ଶ ବିଦ୍ୟାଳୟରୁ ଲୁହା ଛଡ଼ ଚୋରି: ଅଭିଯୁକ୍ତ ଗିରଫ

ଦଶପଲ୍ଲା, ୨୨/୦୯ (ଆ.ପ୍ର) : ଦଶପଲ୍ଲା ଥାନା ଅନ୍ତର୍ଗତ ଦ୍ୱାରଗାଁଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରୁ ଲୁହା ଛଡ଼ ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ଦଶପଲ୍ଲା ଥାନା ଅନ୍ତର୍ଗତ ଦ୍ୱାରଗାଁର ବିରା ଓରଫ ବିଚଂବି ବରାଡ ବୋଲି ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଆଦର୍ଶ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ପାଇଁ ରଖାଯାଇଥିବା ଲୁହା ଛଡ଼ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତି କରି ଦଶପଲ୍ଲା ଥାନା କେସ୍ ନଂ ୨୬୫/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିଲା । ତଦନ୍ତ ପରେ ପୁଲିସ ଅଭିଯୁକ୍ତ ବିଚଂବିକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି ।

ଦଶପଲ୍ଲା ବ୍ଲକର ପଂଚାୟତସ୍ତରୀୟ ଜନଶୁଣାଣି ଶିବିର

ଦଶପଲ୍ଲା, ୨୨/୦୯ (ଆ.ପ୍ର) : ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ସରକାରଙ୍କ ଏକ ଅନନ୍ୟ ପଦକ୍ଷେପ ହେଉଛି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର । ଏହି ଶିବିର ମାଧ୍ୟମରେ ସାଧାରଣ ଲୋକେ ସିଧାସଳଖ ପ୍ରଶାସନ ନିକଟରେ ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଇଥାନ୍ତି । ସରକାରଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ବ୍ଲକ ପ୍ରଶାସନ ସିଧା ସଳଖ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବା ସହ ତାହାର ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି । ଏହି କ୍ରମରେ ଦଶପଲ୍ଲା ବ୍ଲକର ଉପାନ୍ତ ଅଂଚଳ ଭାବେ ପରିଚିତ ନୂଆଗାଁ ପଂଚାୟତ ପରିସରରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଦଶପଲ୍ଲା ବିଡିଓ ଶରତ କୁମାର ମଲ୍ଲିକ, ଦଶପଲ୍ଲା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି-ଅଭିଯୋଗ ଶୁଣିଥିଲେ । ଏହି ଜନଶୁଣାଣି ଶିବିରରେ ସମୁଦାୟ ୬୧ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ଭତା ସମ୍ପର୍କିତ ୧୩ଟି, ଆବାସ ଯୋଜନା ସମ୍ପର୍କିତ ୧୨ଟି, ବସୁନ୍ଧରା ଯୋଜନା ସମ୍ପର୍କିତ ୨୬ଟି, ବିଦ୍ୟାଳୟ ସମ୍ପର୍କିତ ୪ଟି ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ୬ଟି ଅଭିଯୋଗ ରହିଥିଲା । ଦୁର୍ଗମ ଅଂଚଳର ଲୋକଙ୍କ ନିକଟରେ ପ୍ରଶାସନ ପହଂଚି ସେମାନଙ୍କ ସମସ୍ୟା ଶୁଣିବା ଓ ତ୍ୱରିତ ସମାଧାନର ପ୍ରୟାସ କରିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହି ଜନଶୁଣାଣି ଶିବିରକୁ ନେଇ ସନ୍ତୋଷ ପ୍ରକାଶ ପାଇଛି ।

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ କଲେ ମହାପ୍ରଭୁଙ୍କ ଦର୍ଶନ

ପୁରୀ, ୨୨/୦୯ (ଆ.ପ୍ର) : ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ଟି ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ ଓ ସହାୟକଙ୍କ ସହ ମୋଟ ୧୦୩୦ ଜଣ ସୋମବାର ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ । କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରୁ ଏହି ଶ୍ରଦ୍ଧାଳୁ ମାନେ ଆସିଥିଲେ । ପର୍ଯ୍ୟଟନ ବିଭାଗ ସହାୟତା ଓ ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ରେ ଆସିଥିବା ଶ୍ରଦ୍ଧାଳୁ ମାନେ ବୃନ୍ଦାବତୀ ନିବାସ ଠାରେ ପହଂଚି ଥିଲେ । ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରଦ୍ଧାଳୁ ମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରଦ୍ଧାଳୁ ମାନଙ୍କର ସମସ୍ତ ସୁବିଧା ସହ ରହିବା, ଖାଇବା, ଦର୍ଶନ କରିବାରେ କୌଣସି ସମସ୍ୟା ନ ରୁହେ ସେଥି ପ୍ରତି ଦାୟିତ୍ୱ ରେ ଥିବା ଅଧିକାରୀ ଓ କର୍ମଚାରୀ ଉତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶ୍ରଦ୍ଧାଳୁ ମାନେ ପୁରୀରେ ପହଂଚିବା ପରେ ଜଳଖିଆ ଖାଇ ମନ୍ଦିର ଦର୍ଶନ କରି ମଧ୍ୟାହ୍ନ ରେ ମଧ୍ୟାହ୍ନ ଭୋଜନ ଖାଇ ବିଶ୍ରାମ ନେଇଥିଲେ । ପୁନଶ୍ଚ ଅପରାହ୍ନରେ ଚା, ବିସ୍କୁଟ ଇତ୍ୟାଦି ଜଳଖିଆ ଖାଇ ସଂଧ୍ୟାରେ ମହାପ୍ରସାଦ ସେବନ କରି ନିଜ ନିଜ ଅଂଚଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ହୋଇ ଥିବାରୁ ସେମାନେ ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେହେରା, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ତପସ୍ୱିନୀ ଭଞ୍ଜ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନର ବ୍ୟବସ୍ଥା କରାଇଥିଲେ । ଏହି ପର୍ଯ୍ୟାୟରେ ୧୩ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ।

ଜି.ଉଦୟଗିରି ବ୍ଲକରେ ଟିଚ କନ୍ଧମାଳ ଅନୁଷ୍ଠିତ

ଜି.ଉଦୟଗିରି, ୨୨/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ ଓ ଏନଏସି ଅନ୍ତର୍ଗତ ବିଭିନ୍ନ ସ୍କୁଲରେ ଟିଚ କନ୍ଧମାଳ କନ୍ଧମାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ମାନେ ବିଦ୍ୟାଳୟ ପରିଚାଳନା ଓ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ସମ୍ବନ୍ଧରେ ବୁଝିଥିଲେ । ସୋମବାର ସକାଳ ୧୦ ଘଂଟିକା ସମୟରେ ଜିଲ୍ଲାପାଳ ବେଦଭୂଷଣ ସିର୍କି ଉଚ୍ଚ ବିଦ୍ୟାଳୟ ରେ ପହଂଚିବା ପରେ ବିଦ୍ୟାଳୟ ସଭାପତି ଅରୁଣ କୁମାର ଷଡଙ୍ଗୀ ଓ ପ୍ରଧାନ ଶିକ୍ଷକ ଶାନ୍ତନୁ ନାୟକ ଜିଲ୍ଲାପାଳ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଛାତ୍ରୀଛାତ୍ରଙ୍କ ସହ ବସି ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀକୁ ଅନୁସରଣ କରିଥିଲେ । ଦଶମ ଶ୍ରେଣୀଛାତ୍ରୀ ଛାତ୍ରଙ୍କୁ ପାଠ ପଢ଼ାଇ ଥିଲେ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହ ବିଦ୍ୟାଳୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରମେଶ ପ୍ରସାଦ ଯୋଗ ଦେଇଥିଲେ । ବିଦ୍ୟାଳୟ ତରଫରୁ ତାଙ୍କୁ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଆରକ୍ଷୀ ଅଧିକ୍ଷକ ନବମ ଦଶମ ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼େଇଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା ସମ୍ବନ୍ଧରେ ଅର୍ତ୍ପକ୍ଷଙ୍କ ସହ ଆଲୋଚନା କରି ଫେରିଥିଲେ । ସେହିପରି ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟକୁ ଜିଲ୍ଲା ଉପ ନିର୍ଦ୍ଦେଶିକା ସ୍ମିତା ମହାନ୍ତି, ଉଦ୍ୟାନ ବିଭାଗ,ସରୋଜ କୁମାର ସାହୁ ଜି.ଉଦୟଗିରି ଉଦ୍ୟାନ ବିଭାଗ ଅଧିକାରୀ ଯୋଗ ଦେଇ ଛାତ୍ରୀ ଛାତ୍ର ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଲିଙ୍ଗାରଡ ଉଚ୍ଚ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷା ଦେଇଥିଲେ । ସେହିପରି କଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ପିଡି ଶମ୍ଭୁନାଥ ନନ୍ଦୀ ପାଠ ପଢ଼ାଇଥିଲେ । କୁର୍ମିଙ୍ଗିଆ ୟୁପି ସ୍କୁଲରେ ଘୁ ଉଦୟଗିରି ତହସିଲଦାର ସମ୍ବିତ୍ ମିଶ୍ର ପହଂଚି ପାଠ ପଢ଼ାଇଥିଲେ । ରଟିଙ୍ଗିଆ ପଂଚାୟତ ହାଇସ୍କୁଲରେ ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା ଏବଂ ଏସିଏଫ୍ ଆଶିଷ କୁମାର କହଁର ପାଠ ପଢ଼ାଇଥିଲେ । ଆଦର୍ଶିନ ଜନତା ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ, ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଟିଆଙ୍ଗିଆକୁ ଜି.ଉଦୟଗିରି ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ଓ ଡିଏସଡବ୍ଲ୍ୟୁଓ ଉପସ୍ଥିତ ରହି ପାଠ ପଢ଼ାଇଥିଲେ । ଜିଲ୍ଲାପାଳଙ୍କ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବାରେ ଏହା ସହାୟକ ହେବ ବୋଲି ସୂଚନା ମିଳିଛି ।

ଜଗତସିଂହପୁର ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଜଗତସିଂହପୁର, ୨୨/୦୯ (ଆ.ପ୍ର) : ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟରଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଜଗତସିଂହପୁର ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍)-୨୦୨୬ ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ ସୋନାଲ ସଦଭାବନା କକ୍ଷରେ ଆୟୋଜିତ ସଭାରେ, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଡେପୁଟି କଲେକ୍ଟର ନିର୍ବାଚନ, sveep ନୋଡାଲ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ସମୟରେ ଜଗତସିଂହପୁର ଜିଲ୍ଲାରେ ମୋଟ ୯୬୪୩୦୧ ଜଣ ଭୋଟର ଥିଲେ । ସଂଶୋଧନ ପ୍ରକ୍ରିୟା ସମୟରେ ୬୫୬୫୯ ଜଣଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି । ବର୍ତ୍ତମାନ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ସଂଖ୍ୟା ୯୦୬୮୬୮ ଜଣ ହୋଇଛି । ତନ୍ମଧ୍ୟରୁ ୧୦୧ ପାରାଦ୍ୱୀପ ନିର୍ବାଚନମଣ୍ଡଳୀରେ ମୋଟ ୨୦୩୪୮୯ ଜଣ, ୧୦୨ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ମୋଟ ୨୩୭୬୫୫ ଜଣ, ୧୦୩ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀରେ ମୋଟ ୨୫୫୨୨୩ ଜଣ, ୧୦୪ ଜଗତସିଂହପୁର ନିର୍ବାଚନମଣ୍ଡଳୀରେ ମୋଟ ୨୧୦୫୦୧ ଜଣ ଭୋଟରଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି । ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ଜିଲ୍ଲାରେ ୪୭୨୭୮୭ ଜଣ ପୁରୁଷ, ୪୩୩୯୯୫ ଜଣ ମହିଳା ଏବଂ ୮୬ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯଥା ୧୦୧ ପାରାଦ୍ୱୀପର ERO ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,୧୦୨ ତିର୍ତ୍ତୋଲ ର ଉଜଳ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଜ୍ୟୋତି ଶଙ୍କର ରାୟ, ୧୦୪ ଜଗତସିଂହପୁର ର ଉଜଳ ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ , ଡେପୁଟି କଲେକ୍ଟର ନିର୍ବାଚନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଭୋଟରଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରେ ନିଜର ନାମ ଓ ଭୋଟର ବିବରଣୀ ଯାଂଚ କରିନେବାକୁ ଅନୁରୋଧ କରାଯାଇଛି । ଭୋଟର ତାଲିକାରେ କୌଣସି ତ୍ରୁଟି କିମ୍ବା ସଂଶୋଧନର ଆବଶ୍ୟକତା ଥିଲେ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ଅନୁସାରେ ଆବେଦନ କରାଯାଇପାରିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକା ସମ୍ପର୍କରେ ସଚେତନ ରହିବା ସହ ନିଜର ଭୋଟର ବିବରଣୀ ଯାଂଚ କରିନେବାକୁ ଆହ୍ୱାନ କରାଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ , ୨୦୨୬ର ଚୂଡ଼ାନ୍ତ ଭୋଟର ତାଲିକା ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରରେ ପ୍ରଦର୍ଶିତ କରାଯାଇଛି । ଏହା ୨୧.୦୯.୨୦୨୬ରୁ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓଏଣ୍ଡ)ଙ୍କ କାର୍ଯ୍ୟାଳୟରେ ସାଧାରଣ ଜନତାଙ୍କ ପରିଦର୍ଶନ ପାଇଁ ମଧ୍ୟ ଉପଲବ୍ଧ ରହିବ । ଚୂଡ଼ାନ୍ତ ଭୋଟର ତାଲିକାର ନକଲ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ପ୍ରଦାନ କରାଯାଇଛି । ଏହା ସହିତ ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚନ କମିଶନ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ୍‌ଗୁଡ଼ିକରେ ଯଥା: https://voters.eci.gov.in ଏବଂ https://ceoodisha.nic.in ମଧ୍ୟ ଉପଲବ୍ଧ ହୋଇଛି ।

ଦୂରଦୂରାନ୍ତରୁ ଆସିଲେ ଲୋକେ, ଶୁଣାଣି ବେଳେ ମୋବାଇଲରେ ଅଧିକାରୀ: ଉଠିଲା ପ୍ରଶ୍ନ

କୋରାପୁଟ, ୨୨/୦୯ (ଆ.ପ୍ର) : କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ତେବେ ଶିବିର ଚାଲିଥିବା ସମୟରେ କେତେକ ଅଧିକାରୀ ମୋବାଇଲ ଫୋନରେ କଥା ହେବା ଓ ମୋବାଇଲ ବ୍ୟବହାରରେ ବ୍ୟସ୍ତ ଥିବା ନେଇ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଜିଲ୍ଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିବା ସମୟରେ ଏଭଳି ଦୃଶ୍ୟ ଉପସ୍ଥିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିବା କୁହାଯାଉଛି । ଦୂରଦୂରାନ୍ତରୁ ନିଜ ସମସ୍ୟା ନେଇ ଲୋକମାନେ ଅଭିଯୋଗ ଶୁଣାଣି ଶିବିରକୁ ଆସିଥାନ୍ତି । ନିଜ ଅଭିଯୋଗ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ନିକଟରେ ରଖି ଏହାର ସମାଧାନ ଆଶା କରିଥାନ୍ତି । ଏଭଳି ଏକ ଜନସମ୍ପର୍କ କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କ ସକ୍ରିୟ ଉପସ୍ଥିତି ଓ ଅଭିଯୋଗ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଗତ କିଛିଦିନ ମଧ୍ୟରେ ଦିଶା ବୈଠକ ଓ ଜିଲ୍ଲା ପରିଷଦ ବୈଠକ ଭଳି ବିଭିନ୍ନ ସରକାରୀ ବୈଠକରେ କେତେକ ଅଧିକାରୀ ମୋବାଇଲ ଫୋନ ବ୍ୟବହାର କରୁଥିବା ଦୃଶ୍ୟକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ଏ ସମ୍ପର୍କିତ କିଛି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଦେଖାଯାଇଥିଲା । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଏଭଳି ଦୃଶ୍ୟ ନିଜ ମୋବାଇଲରେ କଏଦ କରିଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏପରି ପରିସ୍ଥିତିରେ ସରକାରୀ ବୈଠକ ଓ ଅଭିଯୋଗ ଶୁଣାଣି ଭଳି ଗୁରୁତ୍ୱପୂର୍ଣ୍ଣ ଜନସମ୍ପର୍କ କାର୍ଯ୍ୟକ୍ରମ ସମୟରେ ଅଧିକାରୀମାନେ ଅଧିକ ସତର୍କ, ସକ୍ରିୟ ଓ ଦାୟିତ୍ୱଶୀଳ ରହିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଆରମ୍ଭ

SEITHO ARAMBHA

ବର୍ଷାକୁ ଖାତିର ନ କରି ଶ୍ରୀକ୍ଷେତ୍ରରୁ ଏକାମ୍ର କ୍ଷେତ୍ର ବିଶାଳ ପଦଯାତ୍ରା

ଟାଙ୍ଗୀ ଚୌଦ୍ୱାର, ୨୨/୦୯ (ଆ.ପ୍ର) : ଓଡିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସେପ୍ଟେମ୍ବର ୨୨ ତାରିଖ ମଙ୍ଗଳବାର ଶ୍ରୀଜଗନ୍ନାଥଙ୍କ ପରମ ପାବନ ଶ୍ରୀକ୍ଷେତ୍ର ପୁରୀରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଐତିହାସିକ ଭବ୍ୟ ପଦଯାତ୍ରା ଆରମ୍ଭ କରାଯାଇଛି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଭୁଙ୍କର ଆଜ୍ଞାମାଳ ନେଇ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ବାସଭବନ ପର୍ଯ୍ୟନ୍ତ ଏହି ବିଶାଳ ପଦଯାତ୍ରା ପ୍ରାରମ୍ଭ କରାଯାଇଛି । ଯାହା ପାଖାପାଖି ୨ କିମି ଲମ୍ବା ପର୍ଯ୍ୟନ୍ତ ବ୍ୟାପିଥିଲା ଏଥିରେ ୩୦୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ମାନେ ଭାଗ ନେଇଥିଲେ । ସୂଚନା ଯୋଗ୍ୟ ଯେ ୨୦୦୮ ରୁ ୨୦୧୮ ସରକାରୀ ଅନୁଦାନ ନୀତି ପାଇଁ ସଂଘ ଦୀର୍ଘ ଦିନରୁ ଦାବି କରିଆସୁଛି । ବହୁବାର ସରକାରଙ୍କ ସହ ଆଲୋଚନା କରାଯାଇଛି । ଗତ ମୌସୁମୀ ଅଧିବେଶନରେ ସଂଘର ଆମରଣ ଅନଶନ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଖୁବଶୀଘ୍ର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷକ ଅଧ୍ୟାପକମାନଙ୍କର ଦାବିକୁ ଅନୁଶୀଳନ କରିବା ପାଇଁ ସରକାରଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗଢ଼ା ଯାଇଥିଲା । ମାତ୍ର ଦୁଃଖ ଏବଂ ପରିତାପର ବିଷୟ ସରକାର କମିଟିର ଦ୍ୱାହି ଦେଇ ଅଧ୍ୟାପକ କର୍ମଚାରୀମାନଙ୍କର ଦାବିକୁ ଅଣଦେଖା କଲେ । ଉଚ୍ଚସ୍ତରୀୟ କମିଟି ତାର ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ ଦାବି ପୂରଣ କଲେ ନାହିଁ । ତେଣୁ ସଂଘ ପରିଶେଷରେ କୋଟି ଓଡିଆର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଅଶିର୍ବାଦ ଭିକ୍ଷା କରି ତାଙ୍କର ପାବନ ଶରଧାବାଳିରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ବିଶାଳ ଐତିହାସିକ ପଦଯାତ୍ରା କରୁଛି । ଯଦି ମୁଖ୍ୟମନ୍ତ୍ରୀ ମହୋଦୟ ଦାବି ପୂରଣ ପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ସଂଘ ଆମରଣ ଅନଶନକୁ ଓହ୍ଲାଇବା ପାଇଁ ଚରମ ନିଷ୍ପତି ନେବ ବୋଲି ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି । ଏହି ପଦଯାତ୍ରାରେ ସଂଘର ସଦସ୍ୟ ଚୌଦ୍ୱାର ମହାବିଦ୍ୟାଳୟର ଅଧ୍ୟାପିକା ଝୁନୁରାଣି ଦାସ, କର୍ମଚାରୀ ଅଶୋକ କୁମାର ଦାସ, ପରେଶ ବେହେରା, ସୂର୍ଯ୍ୟକାନ୍ତ ସାହୁ, ଲୋପାମୁଦ୍ରା ରାଉତରାୟ, ସସ୍ମିତା ଆଚାର୍ଯ୍ୟ, ଶ୍ରୀକାନ୍ତ ନାୟକ, ପ୍ରଭାସିନୀ ଜେନା ଓ ରଶ୍ମିରଞ୍ଜନ ମଙ୍ଗରାଜ ପ୍ରମୁଖ ସାମିଲ ହୋଇ ସରକାରଙ୍କୁ କଡା ସମାଲୋଚନା କରିବା ସହ ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ ସରକାରଙ୍କୁ ଗୁହାରୀ କରିଛନ୍ତି ।

ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଏନ୍‌ଆରଟି ଏସ୍ ପରୀକ୍ଷା ଅନୁଷ୍ଠିତ

ଖୋର୍ଦ୍ଧା, ୨୨/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଏନ୍‌ଆରଟି ଏସ୍ ପରୀକ୍ଷା ମଙ୍ଗଳ ବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସୁପରିଣ୍ଟେଣ୍ଡେଣ୍ଟ, ସୌମ୍ୟରଞ୍ଜନ ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଏବଂ ବେଗୁନିଆ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ସେଠୀ ପର୍ଯ୍ୟବେକ୍ଷକ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଠାରେ ପରୀକ୍ଷା ଦେବାକୁ ଥିବା ୧୯୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୯ ଜଣ ଉପସ୍ଥିତ ଥିଲେ । ପରୀକ୍ଷାର୍ଥୀ ମାନେ ୯ ଘଟିକାରେ ପରୀକ୍ଷା କୋଠରୀରେ ପ୍ରବେଶ କରିଥିଲେ । ପରୀକ୍ଷା ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହୋଇ ୧୨ ଘଟିକାରେ ସମାପ୍ତ ହୋଇଥିଲା । ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାମନ୍ତରାୟ, ରିଶ୍ମିରେଶ୍ମି ପାଇକରାୟ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ଆଶା ମୁର୍ମୁ, ମୋହିନୀ କାନ୍ତି ଦାସ, ସୁନୀତା ପୃଷ୍ଟି ଓ ଶିକ୍ଷକ ପ୍ରଭାତ କୁମାର ନିଶଙ୍କ, ସୂର୍ଯ୍ୟକାନ୍ତ ମହାପାତ୍ର, ଶ୍ରୀକାନ୍ତ ପଣ୍ଡା, ହିମାଂଶୁ ଭୂଷଣ ସ୍ୱାଇଁ ନିରୀକ୍ଷକ ରୂପେ କାର୍ଯ୍ୟ କରିଥିଲେ । କନିଷ୍ଠ ସହାୟିକା କିରଣବାଳା ଜେନାଙ୍କ ସମେତ ବିଂଟି ନାରାୟଣ ସାହୁ, ସନ୍ତୋଷ କୁମାର ଗୁମାନସିଂ, ବିଶ୍ୱ ରଞ୍ଜନ ପରିଡ଼ା ପରୀକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ । ୩ ଜଣ ପୋଲିସ କର୍ମଚାରୀ ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ହୋଇଥିଲେ । ଶୃଙ୍ଖଳାର ସହିତ ଉକ୍ତ ପରୀକ୍ଷା କାର୍ଯ୍ୟ ସମାପନ ହୋଇଥିଲା ।

ବାକି ଟଙ୍କା ମାଗିବାରୁ ହତ୍ୟା ଧମକ, ଜିଲ୍ଲାପାଳ ଓ ଏସପିଙ୍କୁ ଅଭିଯୋଗ କଲେ ମହିଳା

ଜଗତସିଂହପୁର, ୨୨/୦୯ (ଆ.ପ୍ର) : କୁଜଙ୍ଗ ଥାନା ଅନ୍ତର୍ଗତ ଜୟସଂଖପୁର ଗ୍ରାମରେ ଜଣେ ରେଳବାଇ କର୍ମଚାରୀ ସେହି ଗ୍ରାମର ଜଣେ ମହିଳାଙ୍କ ଠାରୁ ଷାଠିଏ ହଜାର ଟଙ୍କା ଧାର ନେଇଥିଲେ । ରେଳବାଇ କର୍ମଚାରୀ ମାସକ ଭିତରେ ମହିଳାଙ୍କୁ ସମସ୍ତ ଟଙ୍କା ଫେରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା । ମାସକ ପରେ ଟଙ୍କା ନ ଫେରାଇବାରୁ ମହିଳା ଜଣକ ବାରମ୍ବାର ବାକିଆ ଟଙ୍କା ମାଗିବାରୁ ରେଳବାଇ କର୍ମଚାରୀ ଜଣଙ୍କ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳ ଏବଂ ଏସପିଙ୍କ ନିକଟରେ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି । ଖବର ନେବାରେ ଜଣାଯାଇଛି । କୁଜଙ୍ଗ ଜୟଶଙ୍ଖପୁର ଗ୍ରାମର ଟୁଟନ ବେହେରାଙ୍କ ସ୍ତ୍ରୀ ପୂଜା ବେହେରା ଗତ ଜାନୁଆରୀ ମାସରେ ସେହି ଗ୍ରାମର ରେଳବାଇ କର୍ମଚାରୀ ସଂଗ୍ରାମ ବେହେରାଙ୍କୁ ଷାଠିଏ ହଜାର ଟଙ୍କା ଧାର ସୂତ୍ର ରେ ଦେଇଥିଲେ । ସଂଗ୍ରାମ ମାସକ ମଧ୍ୟରେ ସମସ୍ତ ଧାର ଟଙ୍କା ଫେରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଫେରାଇ ନଥିଲେ । ପୂଜା ବାରମ୍ବାର ସଂଗ୍ରାମଙ୍କୁ ବାକିଆ ଟଙ୍କା ମାଗିଥିଲେ । ଏହାକୁ କେନ୍ଦ୍ର କରି ସଂଗ୍ରାମ ପୂଜାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପୂଜା ଏ ସମ୍ପର୍କରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ ହେଲେ ତଦନ୍ତ ଅଧିକାରୀ ମହିଳାଙ୍କ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ । କୁଜଙ୍ଗ ଥାନାରୁ ନିରାଶ ହେବାପରେ ଶେଷରେ ନ୍ୟାୟ ପାଇବା ନିମନ୍ତେ ପୂଜା ଜଗତସିଂହପୁର ଜିଲ୍ଲାପାଳ ଏବଂ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଦଶପଲ୍ଲା ପୋଲିସ ଓ ଏମଭିଆଇ ପକ୍ଷରୁ ଗାଡି ଯାଂଚ କଡାକଡି

ଦଶପଲ୍ଲା, ୨୨/୦୯ (ଆ.ପ୍ର) : ନୟାଗଡ ଜିଲ୍ଲା ଦଶପଲ୍ଲା ପୋଲିସ ଏବଂ ଏମ ଭି ଆଇ ମିଳିତ ଭାବେ ଦଶପଲ୍ଲା ଥାନା ସମ୍ମୁଖରେ ହେଲମେଟ ଓ ଗାଡି କାଗଜ ପତ୍ର ଯାଂଚ କଡାକଡି କରାଯାଇଛି । ତେବେ ରାସ୍ତା ରେ ମଟର ସାଇକେଲ ରେ ଗଲାବେଳେ ସମ୍ପୂର୍ଣ୍ଣ ଟ୍ରାଫିକ ନିୟମ ମାନିବା ସହିତ ହେଲମେଟ ପିନ୍ଧିବା, ମୋବାଇଲ ବ୍ୟବହାର ନ କରିବା ପୁଣି ଚାରିଚକିଆ କିମ୍ବା ବଡ ଗାଡି ରେ ଡ୍ରାଇଭର ସିଟବେଲ୍ଟ ନିହାତି ଜରୁରୀ ଓ ଗାଡି ମଟର ଚଳାଇଲା ବେଳେ ମଦ୍ୟ ପାନ ସମ୍ପୂର୍ଣ୍ଣ ନିଷେଧ ହେବା ଜରୁରୀବୋଲି କୁହାଯାଇଥିଲା ।

କୁର୍ମିଙ୍ଗିଆରେ ହାତୀ ଆତଙ୍କ ଘର ଘର ବୁଲି ଭାଙ୍ଗୁଛି କବାଟ

ଜି.ଉଦୟଗିରି, ୨୨/୦୯ (ଆ.ପ୍ର) : ଜି.ଉଦୟଗିରି ଅଂଚଳରେ ଦିନକୁ ଦିନ ଗୋଠଛଡ଼ା ହାତୀର ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିଦିନ ଏହି ହାତୀଟି କିଛି ନା କିଛି କ୍ଷୟକ୍ଷତି କରି ନିଜର ଉପସ୍ଥିତି ଜାହିର କରୁଥିବା ବେଳେ ଏବେ ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜାଇ ଦେଇଛି । ସୋମବାର ରାତିରେ କଳିଙ୍ଗା ପଂଚାୟତ ଅନ୍ତର୍ଗତ କୁର୍ମିଙ୍ଗିଆ ଗ୍ରାମ ବିଲେଇମାହା ରାସ୍ତା ପାର୍ଶ୍ୱରେ ଥିବା କେତେକ ଘର କବାଟ ଠେଲି ହାତୀଟି ଭିତରକୁ ପଶିବା ପାଇଁ ଚେଷ୍ଟା କରିଥିଲା । ବିଲେଇମାହା ସ୍ଥିତ ଲବ ନାୟକଙ୍କ ଘର କବାଟ ଭିତରପଟୁ ବନ୍ଦ ରହିଥିବା ବେଳେ ହାତୀଟି ପ୍ରବଳ ଧକ୍କା ମାରିଥିଲା । ଫଳରେ କବାଟର ଭିତର ଗେଡ଼ା ଭାଙ୍ଗିଯାଇ ଦ୍ୱାର ଖୋଲି ଯାଇଥିଲା । ସୌଭାଗ୍ୟ ବଶତଃ ସେହି ସମୟରେ ଘରେ କେହି ନଥିଲେ । ଏଥିସହିତ କବାଟର ଆକାର ଛୋଟ ଥିବାରୁ ହାତୀଟି ଘର ଭିତରକୁ ପଶିପାରି ନଥିଲା, ଯାହା ଫଳରେ ଏକ ବଡ଼ ଧରଣର ଅଘଟଣରୁ ରକ୍ଷା ପାଇଛି ସେହି ପରିବାର । ଏହାପରେ ହାତୀଟି ସେଠାରୁ ଆଗକୁ ଯାଇ ଅଂଚଳର ଅନ୍ୟ କେତେକ ଲୋକଙ୍କ ଘର ବୁଲି କ୍ଷୟକ୍ଷତି କରିଥିବା ଜଣାପଡ଼ିଛି । ଖାଦ୍ୟ ସନ୍ଧାନରେ ଆସି ହାତୀଟି ପ୍ରତିଦିନ ବ୍ୟାପକ ଫସଲ ନଷ୍ଟ କରୁଥିବା ବେଳେ ଏବେ ଘର ଭିତରେ ପଶିବାକୁ ଚେଷ୍ଟା କରୁଥିବାରୁ ସମଗ୍ର ଅଂଚଳରେ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ସନ୍ଧ୍ୟା ହେବା ମାତ୍ରେ ଗ୍ରାମବାସୀ ଭୟଭୀତ ହୋଇ ଘର କବାଟ ବନ୍ଦ କରି ରହୁଛନ୍ତି । ନିଜ ଘର ଭିତରେ ମଧ୍ୟ ସୁରକ୍ଷିତ ନଥିବା ଅନୁଭବ କରି ଲୋକେ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି । ଏହି ଗୋଠଛଡ଼ା ହାତୀକୁ ତୁରନ୍ତ ଘଉଡ଼ାଇବା ସହ ସ୍ଥାନୀୟ ଲୋକଙ୍କ ଧନ ଓ ଜୀବନ ସୁରକ୍ଷିତ କରିବା ପାଇଁ ବନ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ବାଲିଗୁଡ଼ା: ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀ ହତ୍ୟା ମାମଲା ସିବିଆଇ ତଦନ୍ତ କରିବାକୁ ସରକାରଙ୍କୁ ଅନୁରୋଧ କଲେ ମଧୁ ବାବା

ବାଲିଗୁଡା, ୨୨/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀ ହତ୍ୟା ମାମଲାର ତଦନ୍ତ କେଉଁ ଠି ନା କେଉଁଠି ଚାପି ହୋଇ ଯାଇଥିଲା । ତଦନ୍ତ କରିଥିବା କ୍ରାଇମବ୍ରାଂଚ ବହୁ ତଥ୍ୟ ଓ ତଥ୍ୟ ସମ୍ବଳିତ ଦସ୍ତାବିଜ କୋର୍ଟରେ ପ୍ରଦାନ କରିନଥିବା ଅଭିଯୋଗ ଆଣିଛନ୍ତି ଏତଲା ଦେଇଥିବା ଅଭିଯୋଗ କାରି । ଦୀର୍ଘ ୧୮ ବର୍ଷ ଘଟଣା ଘଟିଥିବା ବେଳେ ବହୁ ଆସାମୀ ପିଠି ଯାଇଛନ୍ତି । ବର୍ତ୍ତମାନ ମାନ୍ୟବର କୋର୍ଟ କେସର ଟ୍ରାଇଲ ଆରମ୍ଭ କରିଛନ୍ତି । ପ୍ରତକ୍ଷ ଦର୍ଶୀ ତଥା ମୁଖ୍ୟ ସାକ୍ଷୀ ସ୍ୱାମୀ ଜୀଙ୍କ ଶିଷ୍ୟ ସ୍ୱାମୀ ମାଧବ ଚୈତନ୍ୟ ଓରଫ ମଧୁ ବାବା କୋର୍ଟ ହଜାର ହେବ ପରେ ସେହି ଜନ୍ମାଷ୍ଟମୀ କାଳ ରାତ୍ରିର କଳା କାହାଣୀ ମାନ୍ୟବର ବିଚାରପତିଙ୍କ ଶମ୍ମୁଖରେ ଗୋଟି ଗୋଟି କାରି କହିଛନ୍ତି । ଅନ୍ୟପଟେ ମାଓ ନେତା ସବ୍ୟସାଚି ପଣ୍ଡା ମଧ୍ୟ ଭିସି (ଭର୍ଚୁଆଲ ମାଧ୍ୟମରେ) କୋର୍ଟରେ ହଜାର ହୋଇଥିଲେ । ସେଠାରେ ମଧୁ ବାବା କହିଛନ୍ତି ଅଗଷ୍ଟ ୨୨ ତାରିଖରେ ଜଲେଶପଟ୍ଟା ସଂସ୍କୃତ କନ୍ୟାଶ୍ରମକୁ ପାହାଡିଆ ପ୍ରଜାକୋର୍ଟରୁ ପାହାଡିଆ ବୃନ୍ଦ ଲେଖା ଥିବା ଏକ ଧମକ ପୂର୍ଣ୍ଣ ଚିଠି ଆସିଥିଲା ଓ ମୃତୟନ ହୋଇଥିବା ପୁଲିସ ନିକଟକୁ ବାଂଶଧାରା ଡିଭିଜନ କମିଟି ଲେଖା ଥିବା ଚିଠି ରେ ମାଓ ନେତା ଅଜାଦ ର ଦସ୍ତଖତ ରହିଥିବା ଆଉ ଏକ ଧମକ ପୂର୍ଣ୍ଣ ଚିଠି ଆସିଥିଲା । ଠିକ ଦିନକ ପରେ ଆଶ୍ରମରେ ପସି ସ୍ୱାମୀ ଜୀଙ୍କ ସମେତ ୫ ଜଣଙ୍କୁ ହତ୍ୟା କରଯାଇଥିଲା । ୫ ରୁ ୧୦ ମିନିଟ ମଧ୍ୟରେ ଏକେ ୪୭ ଓ ୩୦୩ ରାଇଫଲ ମାଧ୍ୟମରେ ୨୦୦ ରାଉଣ୍ଡରୁ ଊର୍ଦ୍ଧ୍ୱ ଗୁଳି ଚାଳନା କରଯାଇଥିଲା । ଯାହା ସ୍ପଷ୍ଟ ଯେ ଏକେ ୪୭ ଓ ୩୦୩ ରାଇଫଲ ପୁଲିସ ନିକଟରେ ଥାଏ ନତୁବା ମାଓବାଦୀଙ୍କ ନିକଟରେ ରହିଥାଏ ଏଥିରୁ ଆମେ ସ୍ପଷ୍ଟ ହେଲୁ ଯେ ମାଓ ବାଦୀ ମାନେ ଏଭଳି କାଣ୍ଡ ଘଟାଇ ଥାଇ ପାରନ୍ତି । ଠିକ କିଛି ଦିନ ପରେ ମାଓ ନେତା ସବ୍ୟସାଚୀ ପଣ୍ଡା ଗଣ ମାଧ୍ୟମ ଶମ୍ମୁଖରେ ସ୍ୱାମୀ ଜୀଙ୍କୁ ହତ୍ୟା କରିଥିବା କହିଥିଲେ । କିନ୍ତୁ ଆଜି ଯେଉଁ ଭଳି ଭାବରେ ବୟାନ ବଦଳାଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମଧୁ ବାବା । ଆହୁରି କହିଛନ୍ତି କ୍ରାଇମ ବ୍ରାଂଚ ଜାରି କରିଥିବା ସ୍କେଚ ମ୍ୟାପ କୋର୍ଟରେ ଦାଖଲ ହୋଇ ନହିଁ ଓ ସେମାନଙ୍କ ନିକଟରୁ ନେଇଥିବା ବୟାନ ରେକର୍ଡରେ ନହିଁ । ତେବେ କ୍ରାଇମ ବ୍ରାଂଚ ଘଟଣାକୁ କେଉଁ ଠି ଚପାଇଦେବାକୁ ଷଡଯନ୍ତ୍ର କରିଥିଲା । ଆଜି ଏହା ପ୍ରମାଣିତ ହୋଇଛି । ବର୍ତ୍ତମାନ ସରକାରଙ୍କ ନିକଟରେ ଅନୁରୋଧ କରୁଛୁ ତତ୍କାଳୀନ ସରକାର ସ୍ୱାମୀ ଜୀଙ୍କ ହତ୍ୟା କାରୀ ଓ ହତ୍ୟା ଷଡଯନ୍ତ୍ର କାରୀଙ୍କୁ ଘଂଟ ଘୋଡାଉଥିଲେ ଏହା ଆମେ ଅନୁମାନ କରୁଛୁ ଏଣୁ ଏହାର ପୁନରବାର ତଦନ୍ତ ପାଇଲକୁ ଖୋଲନ୍ତୁ ନହେଲେ ଏହାକୁ ସିବିଆଇକୁ ତଦନ୍ତ ଭାର ଦିଅନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି । ସ୍ୱାମୀ ଜୀଙ୍କ ଅନୁଗାମୀ ମାନେ ଦୀର୍ଘ ବର୍ଷ ହେବ ନ୍ୟାୟ ଅପେକ୍ଷାରେ ରହିଛନ୍ତି ।

ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଳକା ଆଶ୍ରମର କର୍ମଶାଳା

ଜଗତସିଂହପୁର, ୨୨/୦୯ (ଆ.ପ୍ର) : ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ପାରାଦ୍ୱୀପଗଡ ସ୍ଥିତ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳାରେ ଜୀବନରେ ନିଜେ ନିଶା ସେବନ ନକରି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଶତାଧିକ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଛନ୍ତି । ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଏକ ସଶକ୍ତ ଓ ସମୃଦ୍ଧ ଯୁବ ଶକ୍ତି ନିର୍ମାଣ ପାଇଁ ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଅବିରତ ଭାବେ ଆୟୋଜନ କରାଯାଉଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ତଥା ବିଶିଷ୍ଟ ଚିକିତ୍ସକ ଡ଼ା କୁଳମଣୀ ସାମଲ ଯୋଗଦେଇ ନିଶାର କୁପ୍ରଭାବ ବିଷୟରେ ବିଶଦ ଭାବରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ନିଶା କିପରି ଧୀରେ ଧୀରେ ପିଲାମାନଙ୍କୁ କବଳାୟିତ କରେ ସେ ବିଷୟରେ ସଚେତନ କରାଇ, ନିଶାମୁକ୍ତ ଜୀବନ ଧାରଣ କରିବା ପାଇଁ ଶପଥ ପାଠ କରାଇଥିଲେ । ମୁଖ୍ୟ ବକ୍ତା ଭାବରେ କୁଜଙ୍ଗ ବାର ଆସୋସିଏସନର ସଭାପତି ସଞ୍ଜୟ କୁମାର ବେହେରା ଯୋଗଦେଇ ନିଶା ଜୀବନର ପରମ ଶତ୍ରୁ ବୋଲି ପିଲାମାନଙ୍କୁ ବୁଝାଇବା ସହିତ ନିଶା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଳକା ଆଶ୍ରମର ସଂଯୋଜିକା ସ୍ନେହମୟୀ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ବେହେରା ଓ ଜିଲ୍ଲା ସଂଯୋଜକ ନରେନ୍ଦ୍ର ନାଥ ସ୍ୱାଇଁ ଉପସ୍ଥିତ ଥିଲେ । ଏହି କର୍ମଶାଳାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହିତ ପରିଚାଳନା କରିଥିଲେ ।

ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଗ୍ରାମ ବାସୀଙ୍କ ଦାବି ପତ୍ର ପ୍ରଦାନ

ଏରସମା, ୨୨/୦୯ (ଆ.ପ୍ର) : ଏରସମା ବ୍ଲକ୍ ଅନ୍ତର୍ଗତ ଜଳଉ ଗ୍ରାମ ନିକଟରେ,ଟାଟା ପାୱାର ଦ୍ୱାରା ନିର୍ମାଣାଧୀନ ପାୱାର ପ୍ଲାଂଟକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ୯ ଦଫା ଦାବିକୁ ଅଣଦେଖା କରାଯାଉଥିବାର ଅଭିଯୋଗ କରି, ଗ୍ରାମବାସୀ ମାନଙ୍କ ପକ୍ଷରୁ ଆଜି ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଗ୍ରାମ ବାସୀ ମାନେ ଏଠାରେ ଅଭିଯୋଗ କରିଛନ୍ତି ଯେ,ଗ୍ରାମ ନିକଟସ୍ଥ ସଂରକ୍ଷିତ ଗୋଚର ଜମିରେ ପାୱାର ପ୍ଲାଂଟ ନିର୍ମାଣ ପ୍ରସ୍ତାବ ପରେ, ଚାରଣ ଭୂମିର ଅଭାବ ଯୋଗୁ ଗୃହପାଳିତ ପଶୁ ଓ ଗ୍ରାମ ବାସୀ ମାନେ କ୍ଷତିଗ୍ରସ୍ତ ହେବାକୁ ଯାଉଥିବାରୁ ଗ୍ରାମ ବାସୀଙ୍କ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା । କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଗ୍ରାମର ସାମୁହିକ ଉନ୍ନତି କରାଗଲେ କମ୍ପାନୀକୁ ଗ୍ରାମବାସୀମାନେ ବିରୋଧ କରିବେ ନାହିଁ ବୋଲି ମଧ୍ୟ ନିଷ୍ପତି ନିଆଯାଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ମଧ୍ୟସ୍ଥତାରେ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ଜଳଉ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବା ସହିତ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରଭୃତି ୯ ଦଫା ଦାବି ପୂରଣ ପାଇଁ ନିଷ୍ପତି ନିଆଯାଇଥିଲା । ମାତ୍ର କମ୍ପାନୀର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିଲେ ମଧ୍ୟ, କର୍ତ୍ତୃପକ୍ଷ ଏଯାବତ୍ ଦାବି ଗୁଡ଼ିକ ପୂରଣ ନକରି ଗ୍ରାମବାସୀଙ୍କୁ ଅଣଦେଖା କରି ଚାଲିଥିବାର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଆଜି ଜଳଉ ଗ୍ରାମ କମିଟିର ମୁଖ୍ୟ ନିମାଇଁ ରାଉତ, ଅଭିରାମ ନାୟକ ଓ ନୃସିଂହ ଛାଟୋଇଙ୍କ ନେତୃତ୍ୱରେ ଗ୍ରାମ ବାସୀ ମାନେ ନିର୍ମାଣାଧୀନ ପାୱାର ପ୍ଲାଂଟ ଗେଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ, ପ୍ଲାଂଟର ବରିଷ୍ଠ ଯନ୍ତ୍ରୀ ସ୍ନେହାଂଶୁ ପଣ୍ଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

ସାପ୍ତାହିକ ହାଟରେ ମୌଳିକ ସୁବିଧା ଅଭାବ ନେଇ ପ୍ରଶ୍ନ

ଟିକସ ଆଦାୟ ହେଉଛି, ହେଲେ ଶୌଚାଳୟ ଓ ପାନୀୟଜଳ କେଉଁଠି ?

କୋରାପୁଟ, ୨୨/୦୯ (ଆ.ପ୍ର) : କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳର ସାପ୍ତାହିକ ହାଟ ଉପରେ ନିର୍ଭର କରନ୍ତି ହଜାର ହଜାର ଲୋକ । ଦୁର୍ଗମ ପାହାଡ଼ିଆ ଅଂଚଳର ଚାଷୀମାନେ ନିଜ ଉତ୍ପାଦିତ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ହାଟକୁ ଆସି ବିକ୍ରି କରିଥାନ୍ତି । ସେହିପରି ଗ୍ରାମାଂଚଳର ଲୋକଙ୍କ ପାଇଁ ଆବଶ୍ୟକ ସାମଗ୍ରୀ କିଣାକିଣିର ମୁଖ୍ୟ ମାଧ୍ୟମ ହେଉଛି ଏହି ସାପ୍ତାହିକ ହାଟ । ତେବେ ହାଟରେ ବ୍ୟବସାୟୀ, ଚାଷୀ ଓ ଗ୍ରାହକଙ୍କ ପାଇଁ ମୌଳିକ ସୁବିଧାର ଅଭାବ ଥିବା ଅଭିଯୋଗ ହେଉଛି । ବିଶେଷକରି ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ନଥିବାରୁ ମହିଳା ବ୍ୟବସାୟୀ ଓ ଗ୍ରାହକମାନେ ଅସୁବିଧା ଭୋଗୁଥିବା କହିଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ହାଟରେ ବିଭିନ୍ନ ପ୍ରକାର ଟିକସ ଆଦାୟ ହେଉଥିବା ବେଳେ ତା' ଅନୁପାତରେ ମୌଳିକ ସୁବିଧା ଯୋଗାଇ ଦିଆଯାଉନାହିଁ । ଏପରିକି ଏକ ସାମଗ୍ରୀ ଉପରେ ଏକାଧିକ ସ୍ତରରେ ଟିକସ ଆଦାୟ ହେଉଥିବା ନେଇ ମଧ୍ୟ କେତେକ ବ୍ୟବସାୟୀ ପ୍ରଶ୍ନ ଉଠାଇଛନ୍ତି । ତେବେ ଏହି ଅଭିଯୋଗର ସରକାରୀ ସ୍ତରରେ କି ପ୍ରକାର ନିୟମ ରହିଛି, ତାହା ସ୍ପଷ୍ଟ ହେବା ଆବଶ୍ୟକ । ବର୍ଷାଦିନେ ହାଟ ପରିସରରେ ନାଳନର୍ଦ୍ଦମାର ଅପରିଷ୍କାର ପାଣି ଜମିବା ଓ ଅଳିଆ ଆବର୍ଜନା ଯୋଗୁଁ ସମସ୍ୟା ବଢୁଥିବା ଅଭିଯୋଗ ରହିଛି । ଅନ୍ୟପଟେ ଖରାଦିନେ ଖୋଲା ଆକାଶ ତଳେ ତୀବ୍ର ଖରାରେ ବସି ବ୍ୟବସାୟ କରିବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ଜୟପୁର ବ୍ଲକର କୁମୁଲିପୁଟ ଓ ଶନିବାର ହାଟ ସମେତ ବୋରିଗୁମ୍ମା ବ୍ଲକର ରଣସପୁର, କାଠରଗଡ଼ା, ବୋରିଗୁମ୍ମା, କୁମୁଲି, ନୂଆଗାଁ, ପଡ଼ାପଦର ଓ କାମତା ଭଳି ବିଭିନ୍ନ ସାପ୍ତାହିକ ହାଟରେ ମଧ୍ୟ ପାନୀୟଜଳ ଓ ଶୌଚାଳୟ ସୁବିଧା ନଥିବା ନେଇ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ମହିଳା ବ୍ୟବସାୟୀ ଗୁରୁବାସୀ ଦିଶାରୀ, ପୂର୍ଣ୍ଣିମା ନାୟକ, ଗୌରୀ ହରିଜନ, କନକ ପେଂଟିଆ ଓ ଭଗବତୀ ପେଂଟିଆଙ୍କ ସମେତ ଅନ୍ୟମାନେ କହିଛନ୍ତି ଯେ, ହାଟରେ ଶୌଚାଳୟ ନଥିବାରୁ ବିଶେଷକରି ମହିଳାମାନେ ଅଧିକ ଅସୁବିଧାରେ ପଡୁଛନ୍ତି । ପାନୀୟଜଳର ସୁବିଧା ହେଲେ ହାଟକୁ ଆସୁଥିବା ଲୋକଙ୍କୁ ବହୁତ ଆଶ୍ୱସ୍ତି ମିଳିବ ବୋଲି ସେମାନେ କହିଛନ୍ତି । ଏହି ପ୍ରସଙ୍ଗରେ ନିୟନ୍ତ୍ରିତ ବଜାର କମିଟି, ଜୟପୁରର ସମ୍ପାଦକ ତୁଷାର କୁମାର ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ ଏ ବିଷୟରେ କର୍ମଚାରୀମାନଙ୍କ ସହ ଆଲୋଚନା କରି ତଥ୍ୟ ନେବେ ବୋଲି କହିଥିବା ଜଣାପଡ଼ିଛି । ଏବେ ପ୍ରଶ୍ନ ଉଠୁଛି ହାଟରୁ ନିୟମିତ ଭାବେ ଟିକସ ଓ ଅନ୍ୟାନ୍ୟ ଦେୟ ଆଦାୟ ହେଉଥିବା ବେଳେ ହାଟକୁ ଆସୁଥିବା ଚାଷୀ, ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ପାନୀୟଜଳ, ଶୌଚାଳୟ ଓ ପରିଷ୍କାର ପରିବେଶ ଭଳି ମୌଳିକ ସୁବିଧା କେବେ ଉପଲବ୍ଧ ହେବ ? ଖବର ପ୍ରସାରଣ ପରେ ସମ୍ପୃକ୍ତ ବିଭାଗ ଏ ଦିଗରେ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

ନୂଆପଡ଼ାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ନୂଆପଡ଼ା, ୨୨/୦୯ (ଆ.ପ୍ର) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍)-୨୦୨୬ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଚୂଡ଼ାନ୍ତ ତାଲିକାରେ ଜିଲ୍ଲାରେ ମୋଟ ୪ ଲକ୍ଷ ୯୦ ହଜାର ୩୪୪ ଜଣ ଭୋଟର ସ୍ଥାନ ପାଇଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ-ତଥା-ଜିଲ୍ଲାପାଳ ମଧୁସୂଦନ ଦାଶ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଥିଲେ । ଏହି ଅବସରରେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ-ତଥା-ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ-ତଥା-ଉପଜିଲ୍ଲାପାଳ ସୁମୀ ସୋରେନ ଓ ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଶେଖ ନସିମ୍ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଏସଆଇଆର୍-୨୦୨୬ ପ୍ରକ୍ରିୟା ଓ ଚୂଡ଼ାନ୍ତ ଭୋଟର ତାଲିକା ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ତା. ୨୦.୦୫.୨୦୨୬ରୁ ଆରମ୍ଭ ହୋଇଥିଲା । ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଜିଲ୍ଲାରେ ମୋଟ ୫,୦୫,୨୭୬ ଜଣ ଭୋଟର ଥିଲେ । ସମସ୍ତ ଭୋଟରଙ୍କୁ ଗଣନା ଫର୍ମ ପ୍ରଦାନ କରାଯାଇଥିବା ବେଳେ ମୋଟ ୪,୮୮,୪୪୬ଟି ଗଣନା ଫର୍ମ ସଂଗ୍ରହ କରାଯାଇଥିଲା । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅବସରରେ ଜିଲ୍ଲାର ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯାଇ ମତଦାନ କେନ୍ଦ୍ର ସଂଖ୍ୟା ୬୬୦ରୁ ୭୧୬କୁ ବୃଦ୍ଧି କରାଯାଇଥିଲା । ଗଣନା ପର୍ଯ୍ୟାୟ ଶେଷ ହେବା ପରେ ତା. ୦୫.୦୭.୨୦୨୬ରେ ୪,୮୮,୪୪୬ ଜଣ ଭୋଟରଙ୍କୁ ନେଇ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଦାବି ଓ ଆପତ୍ତି ଗ୍ରହଣ ସହ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ସେଗୁଡ଼ିକର ଫଇସଲା କରାଯାଇଥିଲା । ଏସଆଇଆର୍ ପ୍ରକ୍ରିୟାରେ ମୋଟ ୮୩,୮୪୭ଟି ନୋଟିସ୍ ଜାରି ହୋଇଥିବା ବେଳେ ସମସ୍ତ ୮୩,୮୪୭ଟି ମାମଲାର ଶୁଣାଣି କରାଯାଇଥିଲା । ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ଶେଷ ହେବା ପରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ୨,୪୪,୪୯୪ ଜଣ ପୁରୁଷ, ୨,୪୫,୮୧୭ ଜଣ ମହିଳା ଓ ୩୩ ଜଣ ତୃତୀୟ ଲିଙ୍ଗର ଭୋଟର ରହିଛନ୍ତି । ଜିଲ୍ଲାରେ ୩୩୬ ଜଣ ପୁରୁଷ ଓ ୮ ଜଣ ମହିଳାଙ୍କୁ ମିଶାଇ ମୋଟ ୩୪୪ ଜଣ ସେବା ଭୋଟର ଅଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ପ୍ରତି ୧,୦୦୦ ଜଣ ପୁରୁଷ ଭୋଟରଙ୍କ ପିଛା ୧,୦୦୫ ଜଣ ମହିଳା ଭୋଟର ରହିଛନ୍ତି । ଜିଲ୍ଲାର ନିର୍ବାଚକ-ଜନସଂଖ୍ୟା ଅନୁପାତ ୬୯.୪ ପ୍ରତିଶତ ରହିଛି । ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ନିଷ୍ପତିରେ କୌଣସି ବ୍ୟକ୍ତି ଅସନ୍ତୁଷ୍ଟ ହେଲେ, ସମ୍ପୃକ୍ତ ଆଦେଶ ବିରୋଧରେ ୧୫ ଦିନ ମଧ୍ୟରେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ର ଧାରା ୨୪(କ) ଏବଂ ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ର ନିୟମ ୨୭ ଅନୁଯାୟୀ ଜିଲ୍ଲା ନିର୍ବାଚନ ଅଧିକାରୀ-ତଥା-ଜିଲ୍ଲାପାଳଙ୍କ ନିକଟରେ ପ୍ରଥମ ଅପିଲ୍ କରାଯାଇପାରିବ । ପ୍ରଥମ ଅପିଲର ନିଷ୍ପତିରେ ଅସନ୍ତୁଷ୍ଟ ହେଲେ, ସମ୍ପୃକ୍ତ ଆଦେଶ ତାରିଖଠାରୁ ୩୦ ଦିନ ମଧ୍ୟରେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ର ଧାରା ୨୪(ଖ) ଏବଂ ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ର ନିୟମ ୨୭ ଅନୁଯାୟୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରାଯାଇପାରିବ । ସମସ୍ତ ଭୋଟରଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରେ ନିଜ ନାମ ଓ ବିବରଣୀ ଯାଂଚ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ନାମ ଅନ୍ତର୍ଭୁକ୍ତି ପାଇଁ ଫର୍ମ-୬, ଭୋଟର ବିବରଣୀର ସଂଶୋଧନ କିମ୍ବା ସ୍ଥାନାନ୍ତରଣ ପାଇଁ ଫର୍ମ-୮ ଏବଂ ନାମ ବାଦ୍ ପାଇଁ ଫର୍ମ-୭ ଦାଖଲ କରାଯାଇପାରିବ । ଭୋଟରମାନେ ନିର୍ବାଚନ ଆୟୋଗଙ୍କ Voters' Services Portal ମାଧ୍ୟମରେ ନିଜ ନାମ ଯାଂଚ କରିବା ସହ ଆବଶ୍ୟକ ଆବେଦନ ଅନଲାଇନ୍‌ରେ ଦାଖଲ କରିପାରିବେ । ଏସଆଇଆର୍-୨୦୨୬ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପନ୍ନ କରିବାରେ ସହଯୋଗ କରିଥିବା ଜିଲ୍ଲାର ସମସ୍ତ ନାଗରିକ, ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୃତଜ୍ଞତା ଜଣାଯାଇଛି । ଏହାସହ ଉକ୍ତ ପ୍ରକ୍ରିୟାରେ ନିଷ୍ଠା ଓ ଦାୟିତ୍ୱର ସହ କାର୍ଯ୍ୟ କରିଥିବା ସମସ୍ତ ଇଆରଓ, ଏଇଆରଓ, ବିଏଲଓ, ବିଏଲଓ ସୁପରଭାଇଜର, ବିଏଲଏ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ଅବଦାନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ର ଚୂଡ଼ାନ୍ତ ଭୋଟର ତାଲିକା ସମସ୍ତ ମତଦାନ କେନ୍ଦ୍ରରେ ପ୍ରଦର୍ଶିତ କରାଯାଇଛି । ଏଥିସହ ୨୧.୦୯.୨୦୨୬ ଠାରୁ ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସାଧାରଣ ଜନତାଙ୍କ ପରିଦର୍ଶନ ଓ ଅବଲୋକନ ପାଇଁ ଉପଲବ୍ଧ ରହିବ । ଏହାର ନକଲ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ପ୍ରଦାନ କରାଯିବ । ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚନ କମିଶନଙ୍କ ଭୋଟର ସେବା ପୋର୍ଟାଲ୍ voters.eci.gov.in ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବସାଇଟ୍ ceoodisha.nic.inରେ ମଧ୍ୟ ଉପଲବ୍ଧ ରହିବ ।

ଆରମ୍ଭ
SEITHO ARAMBHA

ଲଗାଣ ବର୍ଷାରେ ବେହାଲ ସେମିଳିଗୁଡ଼ା-ନନ୍ଦପୁର: ଘରେ ପଶିଲା ପାଣି, ରାସ୍ତାରେ ଜଳସ୍ରୋତ

କୋରାପୁଟ, ୨୨/୦୯ (ଆ.ପ୍ର) : ଲଗାଣ ବର୍ଷାରେ କୋରାପୁଟ ଜିଲ୍ଲାର ସୁନାବେଢ଼ା, ସେମିଳିଗୁଡ଼ା ଓ ନନ୍ଦପୁର ଅଂଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ମଙ୍ଗଳବାର ସକାଳୁ ଲଗାତାର ବର୍ଷା ଲାଗି ରହିବା ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଜଳମଗ୍ନ ହୋଇଥିବା ବେଳେ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ ବର୍ଷାଜଳ ପଶିଯାଇଛି । ଫଳରେ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସୁନାବେଢ଼ା ପୌରପାଳିକାର ୨୫ ନମ୍ବର ୱାର୍ଡ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଡ୍ରେନ୍ ଅବରୋଧ ହୋଇଥିବାରୁ ବର୍ଷାଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରିନଥିଲା । ଫଳରେ ଏକାଧିକ ଦୋକାନ ଭିତରକୁ ପାଣି ପଶିଯାଇ ଜିନିଷପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି । ଡ୍ରେନ୍ ଅବରୋଧ କରି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏଭଳି ସମସ୍ୟା ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେମିଳିଗୁଡ଼ା ପୌରାଂଚଳର ୧୯ ନମ୍ବର ୱାର୍ଡ ଅଧୀନ କୈଳାସନଗର ଓ ଶିଶୁମନ୍ଦିର ଅଂଚଳରେ ପ୍ରାୟ ୩ ଫୁଟ ଉଚ୍ଚରେ ବର୍ଷାଜଳ ରାସ୍ତା ଉପରେ ପ୍ରବାହିତ ହୋଇଥିଲା । ବର୍ଷାଜଳ ଘର ଭିତରକୁ ପଶିଯିବାରୁ ଅନେକ ପରିବାର ହଇରାଣ ହୋଇଥିଲେ । ସେହିପରି ୧୮ ନମ୍ବର ୱାର୍ଡରେ ନାଳ ଜାମ୍ ହୋଇଯିବାରୁ ସାହୁ କମ୍ପ୍ଲେକ୍ସ ମଧ୍ୟ ଜଳବନ୍ଦୀ ହୋଇପଡ଼ିଥିଲା । ସୁନାବେଢ଼ା ଓ ସେମିଳିଗୁଡ଼ା ଅଂଚଳରେ ମଙ୍ଗଳବାର ପ୍ରାୟ ୧୦୦ ମିମି ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି । ଲଗାଣ ବର୍ଷା ଯୋଗୁଁ ସହରର ବଜାର ଓ ରାସ୍ତାଘାଟ ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଥିଲା । ଖବର ପାଇ ସୁନାବେଢ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ବିଭିନ୍ନ ଜଳବନ୍ଦୀ ଘର ଓ ଦୋକାନ ପରିଦର୍ଶନ କରିଥିଲେ । ଏଥିସହ ଅବରୋଧ ହୋଇଥିବା ଡ୍ରେନ୍ ଗୁଡ଼ିକୁ ତୁରନ୍ତ ସଫା କରି ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ନନ୍ଦପୁର ଅଂଚଳରେ ମଧ୍ୟ ସକାଳୁ ପ୍ରବଳ ବର୍ଷା ଲାଗି ରହିବାରୁ ବିଭିନ୍ନ ରାସ୍ତା ଜଳମଗ୍ନ ହୋଇପଡ଼ିଛି । କେତେକ ସ୍ଥାନରେ ଆଣ୍ଠୁଏରୁ ଅଧିକ ପାଣି ଜମିଥିବା ବେଳେ ଘର ଓ ଦୋକାନ ଭିତରକୁ ମଧ୍ୟ ବର୍ଷାଜଳ ପଶିଯାଇଛି । ରାସ୍ତାରେ ପାଣି ଜମିବା ଯୋଗୁଁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଲଗାଣ ବର୍ଷାରେ ଜଳାବଦ୍ଧତା ସମସ୍ୟା ଗୁରୁତର ହୋଇଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ବାସିନ୍ଦା ଅସୁବିଧାରେ ପଡ଼ିଛନ୍ତି । ବର୍ଷାଜଳର ତୁରନ୍ତ ନିଷ୍କାସନ ସହ ଜଳାବଦ୍ଧତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଅନ୍ତର୍ଗତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ

ଭବାନୀପାଟଣା, ୨୨/୦୯ (ଆ.ପ୍ର) : ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ୨୦୨୬ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଛି । ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶଙ୍କ ତତ୍ତ୍ୱାବଧାନରେ ଓସ୍ୱାନ ହଲରେ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୭୭ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ, ୮୦- ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ କସ୍ତୁରୀ ସା, ଡେପୁଟୀ କଲେକ୍ଟର ନିର୍ବାଚନ ଅବିନାଶ ଦଳେଇ, ସହକାରୀ ନିର୍ଦ୍ଦେଶକ ସଂଚୟ ଓ ଆର୍ଥିକ ସେବା ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ଥିଲେ । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲାର ୭୭- ଲାଞ୍ଜିଗଡ, ୭୮ - ଜୁନାଗଡ଼, ୭୯-ଧର୍ମଗଡ, ୮୦ - ଭବାନୀପାଟଣା ଏବଂ ୮୧ -ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ଏସ୍ଆଇଆର୍ -୨୦୨୬ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଥିଲା । ଗତ ୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିବାବେଳେ ୫ ଜୁଲାଇରୁ ନ୧୯ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତି ଗ୍ରହଣ କରାଯାଇଥିଲା ଏବଂ ଦାବି ଆପତି ସମ୍ବନ୍ଧୀୟ ସମାଧାନ ୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ହୋଇଥିଲା । ଦାବି ଓ ଆପତି ଅବଧିରେ ପ୍ରାପ୍ତ ମାମଲାଗୁଡ଼ିକରେ ଆବଶ୍ୟକ ନୋଟିସ୍ ଜାରି କରାଯାଇ ଉଭୟ ସ୍ତରରେ ଶୁଣାଣି କରାଯିବା ସହିତ ଦାଖଲ ଦସ୍ତାବିଜ ଓ ସମ୍ପୃକ୍ତ ରେକର୍ଡ ଯାଂଚ କରାଯାଇଥିଲା । ଯାଂଚ ପରେ ନିର୍ବାଚନ ନିୟମାବଳୀ ଓ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ମାମଲାଗୁଡ଼ିକରେ ନିଷ୍ପତି ନିଆଯାଇଛି । ସଂଶୋଧନ ପ୍ରକ୍ରିୟା ପରେ ଚୂଡ଼ାନ୍ତ ତାଲିକାରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ କରାଯିବା ସହିତ ଆବଶ୍ୟକ ସଂଶୋଧନ କରାଯାଇଛି । ଏଥିସହ ଯାଂଚ ପରେ ମୃତ, ଏକାଧିକ ଥର ପଞ୍ଜୀକୃତ ଏବଂ ସ୍ଥାନାନ୍ତରିତ ଭୋଟରଙ୍କ ସମ୍ପର୍କିତ ଏଣ୍ଟ୍ରି ଗୁଡ଼ିକୁ ନିୟମାନୁସାରେ ବାଦ ଦିଆଯାଇଛି । ଆଜି ଜିଲ୍ଲାର ୫ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୭୦୫ ଟି ବୁଥରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଲା । ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟାର ତୁଳନାତ୍ମକ ଚିତ୍ର ଅନୁଯାୟୀ, ଏସଆଇଆର୍ ପୂର୍ବରୁ ଚିଠା ତାଲିକାରେ ମୋଟ ୧୨,୦୮,୬୪୫ ଜଣ ଭୋଟର ଥିବାବେଳେ ବର୍ତ୍ତମାନ ଚୂଡ଼ାନ୍ତ ତାଲିକାରେ ୧୧,୩୯,୯୭୦ ଜଣ ଭୋଟର ରହିଛନ୍ତି । ଏସ୍ଆଇଆର୍ ପୂର୍ବରୁ ନିର୍ବାଚନମଣ୍ଡଳୀଭିତିକ ଭାବେ ୭୭- ଲାଞ୍ଜିଗଡରେ ଚିଠା ତାଲିକାର ୨୨୯୫୪୦ ଜଣଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକାରେ ୨୧୪୦୦୫ଜଣ, ୭୮- ଜୁନାଗଡ଼ରେ ୨୪୪୮୮୦ଜଣଙ୍କ ମଧ୍ୟରୁ ୨୩୪୮୪୪ଜଣ, ୭୯- ଧର୍ମଗଡ଼ରେ ୨୬୩୦୪୯ଜଣଙ୍କ ମଧ୍ୟରୁ ୨,୪୯,୨୬୫ଜଣ,୮୦- ଭବାନୀପାଟଣାରେ ୨୩୭୫୮୯ ଜଣଙ୍କ ମଧ୍ୟରୁ ୨୨୦୭୨୨ଜଣ ଏବଂ ୮୧- ନର୍ଲାରେ ୨୩୩୫୮୭ଜଣଙ୍କ ମଧ୍ୟରୁ ୨୨୧୦୯୪ ଜଣ ଭୋଟର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି । ଏହି ମୋଟ ଭୋଟର ସଂଖ୍ୟା ପାର୍ଥକ୍ୟରେ ମୃତ୍ୟୁ, ଏକାଧିକ ପଞ୍ଜୀକରଣ ଏବଂ ସ୍ଥାନାନ୍ତରଣ ସମ୍ପର୍କିତ ମାମଲା ଅନ୍ତର୍ଭୁକ୍ତ ରହିଛି । ସମ୍ପୃକ୍ତ ଇଆର୍ଓ ଓ ଏଇଆର୍ଓଙ୍କ ଦ୍ୱାରା ରେକର୍ଡ ଯାଂଚ ଓ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ ପରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି ।ସୂଚନା ଅନୁଯାୟୀ ଜିଲ୍ଲାର ମୋଟ ଜନସଂଖ୍ୟା ୧୭,୪୪,୬୭୯ ଏବଂ ଏଥି ମଧ୍ୟରୁ ପୁରୁଷ ୮୭୩୩୬୩ ଓ ମହିଳା ୮୭୧୩୧୬ ଅଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକାର ମୋଟ ଭୋଟର୧୧୩୯୯୭୦ ମଧ୍ୟରୁ ପୁରୁଷ ଭୋଟର ୫୭୬୫୬୫ , ମହିଳା ଭୋଟର ୫୬୩୩୪୮ ଏବଂ ତୃତୀୟ ଲିଙ୍ଗ ଭୋଟର ୫୭ ଜଣ ଅଛନ୍ତି । ସେଭଳି ଆଜି ୭୯- ଧର୍ମଗଡ ଏବଂ ୭୮ - ଜୁନାଗଡ ନିର୍ବାଚନ ମଣ୍ଡଳୀ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମ ଧର୍ମଗଡ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ସଂପନ୍ନ ହୋଇଥିଲା । ଜିଲ୍ଲାପାଳଙ୍କ ବାସଗୃହ କାର୍ଯ୍ୟାଳୟ ନିକଟସ୍ଥ ଓସ୍ୱାନ ହଲ୍ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଭାରତୀୟ ଜନତା ପାର୍ଟିର ସୁଧୀର ମୁଣ୍ଡ, ଭବାନୀ ନିଆଲ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଉତ୍ସବ ସାହୁ, ବିଜୁ ଜନତା ଦଳର କ୍ଷୀରସିନ୍ଧୁ ସାହୁ, ସୀତାରାମ ନାୟକ, ଆଶୁତୋଷ ପୁରୋହିତ, ବହୁଜନ ସମାଜ ପାର୍ଟିର ମୁସ୍ତାକ ଖାନ୍ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ, ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

ଅବକାରୀ ବିଭାଗ ପଞ୍ଝାରେ ନିଶାବେପାରୀ, ୪୨ ଗ୍ରାମର ହେରୋଇନ ଜବତ

ଜଗତସିଂହପୁର, ୨୨/୦୯ (ଆ.ପ୍ର) : ଜଗତସିଂହପୁର ଥାନା ଅଂଚଳର କୋର୍ଟ ଛକରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଆଜି ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ । ଜଗତସିଂହପୁର ପୌରାଂଚଳସ୍ଥିତ କୋର୍ଟ ଛକରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତି କରି ଜଗତସିଂହପୁର ଅବକାରୀ ରେଞ୍ଜ ର ଇନ୍ସପେକ୍ଟର ଖିତୀଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀମାନଙ୍କ ସହଯୋଗରେ ଏକ ଟିମ ଚଢାଉ କରିଥିଲେ । ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ କୋର୍ଟ ଷ୍ଟାଫ କଲୋନୀ ନିକଟରୁ କାବୁ କରିନେଇଥିଲେ । ଯାଂଚ ପରେ ତାଙ୍କ ନିକଟରୁ ୪୨ ଗ୍ରାମର ବେଆଇନ ହେରୋଇନ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ଓଡ଼ଙ୍ଗ ଗ୍ରାମର ମିର୍ଜା ସମସେର୍ ବେଗ୍‌ଙ୍କ ପୁଅ ମିର୍ଜା ଅଖତର ବେଗ୍ (୪୫) । ଜବତ ହେରୋଇନର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାର ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର ଖିତୀଶ ଦାସ । ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୪୪୨୦୨୬-୨୭ରେ ଗିରଫ କରାଯାଇ ଜିଲ୍ଲା ଦୌରାଜଜଙ୍କ ଅଦାଲତକୁ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଆଜିର ଏହି ଚଢାଉ ରେ ଜଗତସିଂହପୁର ଅବକାରୀ ରେଞ୍ଜ ର କନଷ୍ଟେବଳ ଅନୁରାଗ ସୂର୍ଯ୍ୟବଂଶୀ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଳ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ, ବିଶ୍ୱନାଥ ମୁଣ୍ଡା ପ୍ରମୁଖ ସାମିଲ ଥିଲେ । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

ଜାତୀୟ ରାଜପଥ ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ

ଛତିଆ, ୨୨/୦୯ (ଆ.ପ୍ର) : ଛତିଆ ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜବର ଦଖଲକୁ ଉଚ୍ଛେଦ କରିଛି ପ୍ରଶାସନ । ବହୁ ବର୍ଷ ଧରି ଜାତୀ ରାଜପଥ ପାର୍ଶ୍ୱରେ ସରକାରି ଜମି ଉପରେ ଜବର ଦଖଲ କରି ଗଢି ଉଠିଥିଲା ଅନେକଗୁଡ଼ିଏ ଦୋକାନ । ଏହାକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିବାବେଳେ । ସୋମବାର ସକାଳୁ ଆରମ୍ଭ ହୋଇଥିଲା ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଶାସନ ପକ୍ଷରୁ ବର୍ଦ୍ଧଣ ତହସିଲଦାର ମାନସ କୁମାର ତ୍ରିପାଠୀ, ଯାଜପୁର ଏସ୍‌ଡ଼ିପିଓ ଶରତ ଚନ୍ଦ୍ର ପାତ୍ର, ବୈରୀ ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ବଡଚଣା ଥାନା ଅଧିକାରୀ ଜଗଦୀଶ କର, ଛତିଆ ବିଟ ହାଉସ ଅଧିକାରି ସରୋଜ କୁମାର ବେହେରା ଏବଂ ଫୋର୍ସ ଉପସ୍ଥିତ ଥିଲେ ।

ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ନେଇ ପ୍ରଶାସନର ସତର୍କତା : କଳିଙ୍ଗା ଘାଟିରେ ଦୁଇ ଦିନ ଯାତାୟାତ ବନ୍ଦ

ଡାଳିଗୁଡ଼ା, ୨୨/୦୯ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କଳିଙ୍ଗା ଘାଟିରେ ଦୁଇଦିନ ପାଇଁ ଯାତାୟାତ ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଛି । ଆସନ୍ତା ସେପ୍ଟେମ୍ବର ୨୩ ଓ ୨୪ ତାରିଖ ଦୁଇଦିନ କଳିଙ୍ଗା ଘାଟି ଦେଇ ଯାନବାହନ ଓ ଯାତ୍ରୀଙ୍କ ଯାତାୟାତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୩ ଓ ୨୪ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷାର ଆଶଙ୍କା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ରହିଛି । ପ୍ରବଳ ବର୍ଷା ହେଲେ କଳିଙ୍ଗା ଘାଟିର ବିଭିନ୍ନ ସ୍ଥାନରେ ପାହାଡ଼ ଉପରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସିବାର ଆଶଙ୍କା ରହିଛି । ଏହା ଫଳରେ ଘାଟି ରାସ୍ତାରେ ଯାତାୟାତ ବିପଜ୍ଜନକ ହୋଇପାରେ । ବିଶେଷକରି ଭୂସ୍ଖଳନ ପ୍ରବଣ ସ୍ଥାନ ଗୁଡ଼ିକରେ ପ୍ରବଳ ବର୍ଷା ସମୟରେ ମାଟି ଅତଡ଼ା ଓ ପଥର ଖସିବାର ସମ୍ଭାବନା ଅଧିକ ଥିବାରୁ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଶାସନ ଏହି ପଦକ୍ଷେପ ନେଇଛି । ତେଣୁ ୨୩ ଓ ୨୪ ତାରିଖରେ କଳିଙ୍ଗା ଘାଟି ଦେଇ ଯାତାୟାତ ନକରିବାକୁ ସମସ୍ତ ଯାତ୍ରୀ ଓ ଗାଡ଼ି ଚାଳକଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଅତ୍ୟାବଶ୍ୟକ ନଥିଲେ ଏହି ସମୟରେ ଯାତ୍ରା ଏଡ଼ାଇବା ସହ ପାଣିପାଗ ସୂଚନା ଓ ପ୍ରଶାସନର ନିର୍ଦ୍ଦେଶ ପ୍ରତି ସଚେତନ ରହିବାକୁ କୁହାଯାଇଛି ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଦଶପଲ୍ଲା, ୨୨/୦୯ (ଆ.ପ୍ର) : ଦଶପଲ୍ଲା ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ମିଳିତ ସହାୟୋଗରେ ଦଶପଲ୍ଲା ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆନୁଷ୍ଠାନିକ ଭାବେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷାଙ୍କ ସହିତ ବିଡିଓ ଶରତ କୁମାର ମଲିକ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନାମ ପଞ୍ଜି କରଣ କରାଯାଇଥିଲା । ଅନଲାଇନ୍ ସାର୍ଟିଫିକେଟ ପ୍ରଦାନ ପାଇଁ ନାମ ପଞ୍ଜିକରଣ କରାଯାଇଅଛି । ବିଭିନ୍ନ ବିଭାଗର ଡାକ୍ତର ମାନଙ୍କ ଦ୍ୱାରା ସମସ୍ତ ପଞ୍ଜୀକୃତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଶାରୀରିକ ପରୀକ୍ଷା କରଯାଇଥିଲା । ସେମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି, ମାନସିକ ଅଭିବୃଦ୍ଧି, ଶାରୀରିକ ଅଭିବୃଦ୍ଧି, କରିବା ସରକାରଙ୍କ ସହ ସମସ୍ତ ନାଗରିକଙ୍କ ଦାୟିତ୍ୱ ହେବା ନିତାନ୍ତ ଜରୁରୀ ବୋଲି ମୁଖ୍ୟ ଅତିଥି ପରିପ୍ରକାଶ କରିଥିଲେ ।

ଉଦ୍ୟାନବନ୍ଧ ଜଙ୍ଗଲରେ ଭିଜିଲାନ୍ସ ଚଢ଼ାଉ : ଚିତାବାଘ ଛାଲ ଜବତ, ଶିକାରୀ ଗିରଫ

ନୂଆପଡ଼ା, ୨୨/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ଖରିଆର ବନଖଣ୍ଡ ଅଧୀନ ଉଦ୍ୟାନବନ୍ଧ ବନାଂଚଳରେ ଓଡ଼ିଶା ଭିଜିଲାନ୍ସ ବନ ୱିଙ୍ଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ଗୋଟିଏ ଚିତାବାଘ ଛାଲ ଜବତ କରାଯାଇଛି । ଏହି ଘଟଣାରେ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି । ବିଶ୍ୱସନୀୟ ସୂଚନା ଆଧାରରେ ମଙ୍ଗଳବାର ଓଡ଼ିଶା ଭିଜିଲାନ୍ସର ବନ ୱିଙ୍ଗ ଟିମ୍ ଉଦ୍ୟାନବନ୍ଧ ବନାଂଚଳରେ ଅଚାନକ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଉଲ୍ଲଂଘନ ସମ୍ପର୍କିତ ଏକ ମାମଲା ଚିହ୍ନଟ ହୋଇଥିଲା । ତଦନ୍ତକାରୀ ଦଳ ଏକ ଚିତାବାଘ ଛାଲ ଜବତ କରିଥିଲେ । ଏହି ଘଟଣାରେ ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ କୁମ୍ଭଟିମୁଣ୍ଡା ଗ୍ରାମର ଇନାୟତ ଅଲ୍ଲୀଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି । ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୯ ଉଲ୍ଲଂଘନ ଏବଂ ଧାରା ୫୧ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଭିଯୋଗରେ ମାମଲା ରୁଜୁ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି । ଚିତାବାଘ ଶିକାର ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଜବତ ଛାଲ କେଉଁଠାରୁ ଆସିଥିଲା, ସେନେଇ ତଦନ୍ତକାରୀ ଦଳ ଖୋଳତାଡ଼ କରୁଛନ୍ତି ।

ରାଜ୍ୟ ବିଜେପି ସଭାପତି ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

ଧର୍ମଗଡ଼,୨୨/୦୯ (ଆ.ପ୍ର) : ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଷ୍ଟାଡିୟମ ଠାରେ ହେବାକୁ ଥିବା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଯୋଗଦାନକୁ ନେଇ ଗୋଲାମୁଣ୍ଡା ବ୍ଲକ ତିନିଟି ମଣ୍ଡଳର ବିଜେପି କାର୍ଯ୍ୟକର୍ତା ମାନଙ୍କୁ ନେଇ ଗୋଲାମୁଣ୍ଡା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବରିଷ୍ଠ ବିଜେପି ନେତା ତଥା ଗତ ନିର୍ବାଚନ ର ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ରାଜ୍ୟ ଯୁବ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବୈଶାଖୁ କେଡକୀ, ଜୟକୃଷ୍ଣ ସାହୁ, ପ୍ରମୋଦ ପ୍ରଧାନ, ଜୟନ୍ତ ସିଂ, ଭାଗ୍ୟବାନ ବାଗ, ଅନନ୍ତ ରାମ ବେହେରା, ନିରୁପମା ନାଏକ, ମାଣିକ୍ୟ ବିଶି, ଗଙ୍ଗା ବିଷ୍ଣୁ ମୁଣ୍ଡ, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ମନୋଜ ଅଗ୍ରୱାଲ, ହେମନ୍ତ ବାଗ, ନକୁଳ ରାଉତ, ଲଳିତ ପ୍ରଧାନ, ଦୁରୁଦାକ୍ଷ୍ୟ ପଟେଲ, ନାରାୟଣ ଅଘରିଆ, ଦୁଷ୍ମନ୍ତ ଭୋଇ ସମେତ ମଣ୍ଡଳ ସ୍ତରୀୟ, ଶକ୍ତି କେନ୍ଦ୍ର ସ୍ତରୀୟ, ସମସ୍ତ ମୋର୍ଚାର କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ମାଁ ମଙ୍ଗଳା ମନ୍ଦିର ପରିସରକୁ ସଫେଇ କାର୍ଯ୍ୟକ୍ରମ କରା ଯାଇଥିଲା ।

ଯୌତୁକ ନିଷେଧ ଆଇନ ଏବଂ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା, ୨୨/୦୯ (ଆ.ପ୍ର) : ଯୌତୁକ ନିଷେଧ ଆଇନ ଏବଂ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ରାରାୟଗଡ଼ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶ୍ରୀ ରବୀନ୍ଦ୍ର ନାଥ କହଁର, ଓଏଏସ୍ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ), ରାୟଗଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୌତୁକ ନିଷେଧ, ଘରୋଇ ହିଂସାର ପ୍ରତିରୋଧ, ପରିବାର ମଧ୍ୟରେ ମହିଳାମାନଙ୍କୁ ହିଂସାରୁ ସୁରକ୍ଷା ଏବଂ ଆବଶ୍ୟକ ସହାୟତା ଓ ଆଇନଗତ ପ୍ରତିକାର ପାଇଁ ଉପଲବ୍ଧ ବିଭିନ୍ନ ଅନୁଷ୍ଠାନିକ ବ୍ୟବସ୍ଥା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରିବା । ରବୀନ୍ଦ୍ର ନାଥ କହଁର, ଓଏଏସ୍ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ), ରାୟଗଡ଼, ରୂପାଲି ପାତ୍ର, ସହାୟକ ଜିଲ୍ଲାପାଳ, ରାୟଗଡ଼, ଡାଃ. ମମତା ସାହୁ, ଏଡ଼ିଏମ୍ଓ, ଡ଼ିଏଚ୍ଏଚ୍, ରାୟଗଡ଼, ମିନତୀ ଦେଓ, ଡ଼ିଏସ୍ଡବ୍ଲ୍ୟୁଓ, ରାୟଗଡ଼, ସୁନିତା ବେହେରା ଇନ୍ସପେକ୍ଟର, ଆଇୟୁସିଡ଼ବ୍ଲ୍ୟୁ, ଆକାଶ ଗୁରୁ, କାଉନସେଲର, ପରିବାର ଅଦାଲତ, ପ୍ରଣତି ପାତ୍ର, ବରିଷ୍ଠ ଓକିଲ ଓ ସଦସ୍ୟ, ଜେଜେବି – ସମ୍ବଳ ବ୍ୟକ୍ତି, ରବିନାରାୟଣ ଶତପଥୀ, ବରିଷ୍ଠ ଓକିଲ – ସମ୍ବଳ ବ୍ୟକ୍ତି ଆଦି ଅତିଥି ମଂଚାସୀନ ଥିଲେ । ସ୍ୱାଗତ ଅଭିଭାଷଣରେ ଡ଼ିଏସ୍ଡବ୍ଲ୍ୟୁଓ ଯୌତୁକ ନିଷେଧ ଆଇନ, ୧୯୬୧ ଏବଂ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ, ୨୦୦୫ ସମ୍ପର୍କରେ ସଚେତନତା ସୃଷ୍ଟିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଯୌତୁକ ପ୍ରଥା ଓ ଘରୋଇ ହିଂସାକୁ ରୋକିବା ସହିତ ମହିଳାମାନଙ୍କୁ ସମୟୋପଯୋଗୀ ସହାୟତା ଓ ସୁରକ୍ଷା ଯୋଗାଇବା ପାଇଁ ପ୍ରଶାସନ, ପୋଲିସ, ନ୍ୟାୟ ବ୍ୟବସ୍ଥା, ଆଇନଜୀବୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ), ରାୟଗଡ଼, ତାଙ୍କ ଅଭିଭାଷଣରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ବିଭାଗ ଓ ଅଂଶୀଦାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଯୌତୁକ ଏବଂ ଘରୋଇ ହିଂସାକୁ ରୋକିବା ପାଇଁ ସମସ୍ତ ସ୍ତରରେ ନିରନ୍ତର ସଚେତନତା ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ । ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସମୟୋପଯୋଗୀ ଆଇନଗତ ଏବଂ ଅନୁଷ୍ଠାନିକ ପ୍ରତିକାର ଯୋଗାଇଦେବା ପାଇଁ ସମସ୍ତ ଅଂଶୀଦାରଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ସେ ଆହୁରି କହିଥିଲେ ଯେ ସଚେତନତାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ତୃଣମୂଳ ସ୍ତରକୁ ନେଇଯିବା ଆବଶ୍ୟକ, ଯାହାଦ୍ୱାରା ଆଇନର ବ୍ୟବସ୍ଥାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚିବ ଏବଂ ସମାଜ ଯୌତୁକ ଓ ଘରୋଇ ହିଂସାର କୁପରିଣାମ ସମ୍ପର୍କରେ ଅଧିକ ସଚେତନ ହୋଇପାରିବ । ବରିଷ୍ଠ ଓକିଲ ରବିନାରାୟଣ ଶତପଥୀ ଯୌତୁକ ନିଷେଧ ଆଇନ ଏବଂ ବରିଷ୍ଠ ଓକିଲ ଓ ସଦସ୍ୟ, ଜେଜେବି ପ୍ରଣତି ପାତ୍ର ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ ଉପରେ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଲେଡୀ ସୁପରଭାଇଜାର, ମହିଳା ଡ଼େସ୍କର ପୁଲିସ ଅଧିକାରୀ, କଲେଜର ଅଧାପକ, କଲେଜ ଛାତ୍ରୀ, ନାରୀ ଅଦାଲତର ସଦସ୍ୟ, ସ୍ୱୟମ ସହାୟକ ଗୋଷ୍ଠୀର ସଦସ୍ୟ, ଶକ୍ତି ସଦନ ଓ ୱାନ ଷ୍ଟପ ସେଂଟର୍‌ର କର୍ମୀ, ବେସରକାରୀ ସଂସ୍ଥା, ଗଣମାଧ୍ୟମ କର୍ମୀ, ସଂକଳ୍ପ ହବର କର୍ମକର୍ତା ଯୋଗଦେଇଥିଲେ । ଦିବାକର ପରିଚ୍ଛା, ଜିଲ୍ଲା ସଂଯୋଜକ, ସଂକଳ୍ପ ହବ, ରାୟଗଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ଖଣ୍ଡପଡା, ୨୨/୦୯ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜୟଗୌରୀ ବୃନ୍ଦାବନ ଟ୍ରଷ୍ଟର ସଭାନେତ୍ରୀ ସ୍ୱର୍ଣ୍ଣଲତା ଦାଶଙ୍କଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁମ୍ଭାରପଡ଼ା ସରପଂଚ ଚିନ୍ମୟ କୁମାର ପଣ୍ଡା, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ଜେନା, ପ୍ରଧାନ ଶିକ୍ଷକ ରତ୍ନାକର କହଁର ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ସମାଜରେ ଜଣେ ଜଣେ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିଗଣଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଗୌରୀ ବୃନ୍ଦାବନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ବୃନ୍ଦାବନ ଦାଶ ଏକାଧାରରେ ଜଣେ ପରୋପକାରୀ, ଧର୍ମ ପରାୟଣ, ଜ୍ୟୋତିର୍ବିତ୍, ମେଳାପୀ ପରି ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ । ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ପ୍ରବନ୍ଧ ଓ ବକ୍ତୃତା ଆଦି ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା । ସେହିପରି ୫ମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତିର୍ଣ୍ଣ ହୋଇଥିବା ଛାତ୍ରୀ ଶିବାଙ୍ଗି ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା । ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

ଆରମ୍ଭ

SEITHO ARAMBHA

ବୁଧବାର, ୨୩ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆତ୍ମରକ୍ଷାରୁ ଏସିଆଡ୍ ପଦକ: ସୂଚିକାଙ୍କ ସଫଳ ଯାତ୍ରା

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ଚଳିତ ଏସୀୟ କ୍ରୀଡ଼ାରେ ସୂଚିକା ତରିୟାଲ୍ ନୂଆ ଇତିହାସ ରଚିବା ପରଠାରୁ ଚର୍ଚ୍ଚାରେ ରହିଛନ୍ତି। ପ୍ରଥମ ଥର ପଦାର୍ପଣ କରିଥିବା ପାରମ୍ପରିକ ମିଶ୍ରିତ ସାମରିକ କଳା (ଏମ୍ଏମ୍ଏ)ରେ କାଂସ୍ୟ ପଦକ ଜିତି ଭାରତୀୟ କ୍ରୀଡ଼ାରେ ନୂଆ ଫର୍ଦ ଯୋଡ଼ିଛନ୍ତି। ଏହି ଉଲ୍ଲେଖନୀୟ ଯାତ୍ରାର କାହାଣୀ ଏବେ ସମସ୍ତଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ରହିଛି। ଏକାଧିକ ଖେଳରେ ନିଜକୁ ପ୍ରମାଣିତ କରିଥିବା ସୂଚିକା କିନ୍ତୁ ଏସୀୟ କ୍ରୀଡ଼ା ପଦକ ପାଇଁ ଅଧିକ ପ୍ରଶଂସିତ ହୋଇଛନ୍ତି। ସୂଚିକାଙ୍କ ସଫଳତାର ଯାତ୍ରା ରାତାରାତି ଆସି ନାହିଁ। ମାତ୍ର ୧୨ ବର୍ଷ ବୟସ ବେଳେ ଏକ ଘଟଣା ତାଙ୍କୁ ନିଆରା ବିଚାରବନ୍ତ କରିଥିଲା। ତାଙ୍କ ସହ ଘଟିଥିବା ଏକ ଘଟଣା ପାଇଁ ସେ ଆତ୍ମରକ୍ଷାର କଳା କୌଶଳ ଶିଖିବାକୁ ମନସ୍ଥ କରିଥିଲେ। ଜୁଡ଼ୋରେ ସାମିଲ ହୋଇ ଖେଳ ଶିଖିଥିଲେ। ପରେ ପରେ ସେ ଜି-ଜିତ୍ସୁ ଭଳି ଆଉ ଏକ ସାମରିକ କଳାର ଖେଳ ଶିଖିଥିଲେ। ଜୁଡ଼ୋରେ ୮ ଥର ଜାତୀୟ ବିଜୟିନୀ ହେବା ସହ ରାଜ୍ୟଗୋଷ୍ଠୀ ଜୁଡ଼ୋ ଏବଂ ବିଶ୍ୱ ଜୁ ଜିତ୍ସୁରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ବି ପାଇଥିଲେ। ଏସିଆଡ୍ ପଦକ ୩୬ ବର୍ଷୀୟା ସୂଚିକାଙ୍କୁ ମହାନ କରି ଦେଇଛି। ଏବେ ହରିୟାଣା କ୍ରୀଡ଼ା ବିଭାଗରେ କନିଷ୍ଠ ପ୍ରଶିକ୍ଷକ ଭାବେ କାମ କରୁଥିବା ସୂଚିକା ମଧ୍ୟ ସିଆଇଏସ୍ଏଫ୍ ହେଡ୍ କନଷ୍ଟେବଳ ଭାବେ ନିଯୁକ୍ତି ପାଇଥିଲେ। 'ପିଲାଟି ଦିନରୁ ମୁଁ କିଛି ନା କିଛି ଲଢୁଆ ଖେଳରେ ରହିବି ବୋଲି ସ୍ୱପ୍ନ ଥିଲା। ଜୁଡ଼ୋକୁ ବାଛିଥିଲି, ସେହି ଯାତ୍ରା ଆଜି ମୋତେ ଏତେ ବାଟ ଆଣିଛି। ପରବର୍ତ୍ତୀ ସ୍ତରକୁ ଯିବା ଏହା ଠିକଣା ମୂଳଦୁଆ ଥିଲା। ଜୁଡ଼ୋ ମୋତେ ଅନେକ ବାଟ ଦେଖାଇଛି' ବୋଲି ହରିୟାଣାର ରୋହତକରୁ ଯାତ୍ରା ଆରମ୍ଭ କରିଥିବା ସୂଚିକା ପ୍ରକାଶ କରିଛନ୍ତି। ଏକ ସାଧାରଣ ପରିବାରରୁ ଆସି ରୋପାନ ସାଇ କେନ୍ଦ୍ର ଦେଇ ଜୁଡ଼ୋ, ଜୁ ଜିତ୍ସୁ ଓ ଏମ୍ଏମ୍ଏରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଜୁଡ଼ୋରେ ସେ ୨୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ୨୦୧୯ ରାଜ୍ୟଗୋଷ୍ଠୀ ଜୁଡ଼ୋ ଏବଂ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ ଜୁଡ଼ୋରେ ରୌପ୍ୟ ପଦକ ଜିତିଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା ୫୭ କିଲୋଗ୍ରାମ ବର୍ଗରେ ଅଳ୍ପକେ ପଦକରୁ ବଂଚିତ ହୋଇଥିଲେ। କିନ୍ତୁ ୨୦୨୪ରେ ବିଶ୍ୱ ଜୁ ଜିତ୍ସୁରେ ୬୩ କିଲୋଗ୍ରାମ କଂଟାକ୍ଟ ଫିମେଲ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ। ବାସ୍ତବରେ ସୂଚିକାଙ୍କ ଏମ୍ଏମ୍ଏ କ୍ୟାରିୟର ଢ଼େର ଆଗରୁ ଆରମ୍ଭ ହୋଇଥିଲା। ୨୦୧୭ରେ ସେ ପଦାର୍ପଣ ବାଉଟ୍ ଜିତିବା ପରେ ଏଥିରୁ ଦୂରେଇ ଯାଇଥିଲେ। ୨୦୨୪ ମସିହାରୁ ସେ ପେସାଦାର ଏମ୍ଏମ୍ଏ ଫାଇଟର ପାଲଟିଛନ୍ତି। ଏସୀୟ ଏମ୍ଏମ୍ଏରେ ଦୁଇ ଥର କାଂସ୍ୟ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

ଏସିଆନ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ, ଭାରତୀୟ ମହିଳା କ୍ରିକେଟ ଟିମ ପୁଣି ଚାମ୍ପିୟନ

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ। ଆଜି ଭାରତୀୟ ମହିଳା କ୍ରିକେଟ ଟିମ୍ ଦେଶ ପାଇଁ ଜିତିଛି ସ୍ୱର୍ଣ୍ଣ ପଦକ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ହରମନପ୍ରୀତ କୌରଙ୍କ ଭାରତୀୟ ଦଳ ଏକତରଫା ଭାବେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଭାରତ ଏସିଆନ ଗେମ୍ସ ରେକର୍ଡ ସହ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୬ ରନ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କାର ପୂରା ଟିମ ୧୦୦ ରନ ମଧ୍ୟ କରିପାରି ନାହିଁ। ଶ୍ରୀଲଙ୍କା ସମସ୍ତ ୱିକେଟ ହରାଇ ୧୫.୪ ଓଭରରେ କେବଳ ୬୯ ରନ କରିପାରିଛି। ଭାରତୀୟ ମହିଳା କ୍ରିକେଟ ଟିମ ଏହି ମ୍ୟାଚ୍‌କୁ ବିଶାଳ ୧୪୭ ରନରେ ଜିତି ସ୍ୱର୍ଣ୍ଣ ପଦକ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛି। ୩ ବର୍ଷ ତଳେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସର ୧୯ତମ ସଂସ୍କରଣରେ ମଧ୍ୟ ଭାରତୀୟ ମହିଳା ଟିମ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୬ରେ ମଧ୍ୟ ଡିଫେଣ୍ଡିଂ ଚାମ୍ପିୟନ ଅପରାଜେୟ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତକୁ ଦମଦାର ଷ୍ଟାର୍ଟ ଦେଇଥିଲେ ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା। ଉଭୟ ପ୍ରଥମ ୱିକେଟ ପାଇଁ ୯.୫ ଓଭରରେ ୯୯ ରନ କରିଥିଲେ। ମନ୍ଧାନା ମଧ୍ୟ ନିଜର ଅର୍ଦ୍ଧଶତକ ହାସଲ କରି ନେଇଥିଲେ। ଶେଫାଳୀ ୫୦ ରନ ପୂରଣ କରିବାର ଅତି ନିକଟରେ ଥିଲେ। କିନ୍ତୁ ୨୮ ବଲରେ ୪୮ ରନ କରିଥିବା ଶେଫାଳୀ ରିଭର୍ସ ସୁଇପ ମାରିବାକୁ ଯାଇ ୧୭ ବର୍ଷୀୟ ଚାମୁଡି ପ୍ରବୋଡାଙ୍କ ବଲରେ ଆଉଟ ହୋଇ ଯାଇଥିଲା। ସେ ୩ଟି ଚୌକା ଓ ୩ଟି ଛକା ବଳରେ ୪୮ ରନ କରିଛନ୍ତି। ଏହାପରେ ଆସିଥିବା ଅଧିନାୟକ ହରମନ ବଡ଼ ଶଟ ଖେଳିବା ଲୋଭରେ ମାତ୍ର ୧୯ ରନ କରିପାରିଥିଲେ। ତାଙ୍କ ୱିକେଟ କାଭିସା ଦିଲହାରି ନେଇଥିଲେ। ସ୍ମୃତି ମନ୍ଧାନା ଭଲ ଲୟରେ ଥିବା ବେଳେ ତାଙ୍କୁ ରିଚା ଘୋଷ ସାଥ ଦେଇଥିଲେ। ଉଭୟ ୧୬.୫ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୧୬୩ରେ ପହଂଚାଇ ଦେଇଥିଲେ। ଏତିକି ବେଳେ ୭୯ ରନ କରିଥିବା ମନ୍ଧାନା ଆଉଟ ହୋଇ ଯାଇଥିଲେ। ମନ୍ଧାନା ୪୫ ବଲରେ ୭୯ ରନର ଇନିଂସ ଖେଳିଛନ୍ତି। ଏହା ମଧ୍ୟରେ ୭ଟି ଛକା ଓ ୫ଟି ଚୌକା ରହିଛି। ମନ୍ଧାନା ଆଉଟ ହେବା ପରେ ଗିୟର ବଦଳାଇଥିଲେ ରିଚା। ସେ ବିସ୍ଫୋରକ ବ୍ୟାଟିଂ କରି ୨୨ ବଲରେ ଅପରାଜିତ ୪୯ ରନର ଇନିଂସ ଖେଳିବାରୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୬ ରନ କରିଥିଲା। ଏହା ଏସିଆନ ଗେମ୍ସର ମହିଳା କ୍ରିକେଟରେ ସର୍ବାଧିକ ସ୍କୋର। ବିଶାଳ ୨୧୭ ରନର ଟାର୍ଗେଟ ପାଇଥିବା ଶ୍ରୀଲଙ୍କା ପାଇଁ ଅଧିନାୟକ ଚାମାରି ଆଟାପଟ୍ଟୁ ୨୧ ବଲରେ ୨୯ ରନ କରିଥିଲେ। ହେଲେ ତାଙ୍କୁ ଶେଫାଳୀ ବର୍ମା ଆଉଟ କରିବା ପରେ ଶ୍ରୀଲଙ୍କାର ବ୍ୟାଟିଂ ଲାଇନ ଅପ୍ ଭୁଶୁଡ଼ି ପଡ଼ିଥିଲା। ଶେଫାଳୀଙ୍କ ସହ ତାଳ ଦେଇ ଦୀପ୍ତି ଶର୍ମା ଓ ଶ୍ରୀ ଚରଣୀ ମଧ୍ୟ ଶ୍ରୀଲଙ୍କାର ବ୍ୟାଟରମାନଙ୍କୁ ଘାଟିଥିଲେ। ୧୨ ଓଭର ସୁଦ୍ଧା ଶ୍ରୀଲଙ୍କା ୭ ୱିକେଟ ହରାଇ କେବଳ ୫୫ ରନ କରିଥିଲା। ଏହାପରେ ଶ୍ରୀ ଚରଣୀ ୨ ରନ କରିଥିବେ କାଭ୍ୟା କାବିନ୍ଦିଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ଦୀପ୍ତି ଶର୍ମାଙ୍କ ଶିକାର ବନିଥିଲେ ସୁଗନ୍ଧିକା କୁମାରୀ। ଶ୍ରୀଲଙ୍କା ୬୪ ରନ କରିଥିବା ବେଳେ ରନ ଆଉଟ ଯୋଗେ ହରାଇଥିଲା ୯ମ ୱିକେଟ। ଜି କାମାଲିନିଙ୍କ ଥ୍ରୋ ବଳରେ ଖାତା ଖୋଲିବା ଆଗରୁ ମିତାଲୀ ଅୟୋଧ୍ୟା ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ କୌଶାନି ନୁଥ୍ୟାଙ୍ଗନା କିଛଇ ଶଟ ଖେଳିବାରୁ ଶ୍ରୀଲଙ୍କାର ସ୍କୋର ୬୯ ରନରେ ପହଂଚିଥିଲା। କିନ୍ତୁ ୧୬ତମ ଓଭର ପକାଉଥିବା ଶ୍ରେୟଙ୍କା ପାଟିଲ ତାଙ୍କୁ ବୋଲ୍ଡ କରି ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। କାଭିଶା ଦିଲହାରି(୧୧), ନୁଥ୍ୟାଙ୍ଗନା(୧୪) ଓ ଆଟାପଟ୍ଟୁଙ୍କୁ ଛାଡ଼ି ଦେଲେ ଶ୍ରୀଲଙ୍କାର ଆଉ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ବୁଝି ପାରି ନଥିଲେ। ଏପରି କି ସେମାନେ ଦୁଇ ଅଙ୍କ ମଧ୍ୟ ଛୁଇଁ ମାରି ନାହାନ୍ତି। ଭାରତ ପାଇଁ ଦୀପ୍ତି ଶର୍ମା ୪ ଓଭରରେ ୬ ରନ ଦେଇ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଶେଫାଳୀ ବର୍ମା ୨ ଓଭରରେ ୩ ରନ ଦେଇ ୨ଟି ୱିକେଟ ଓ ଶ୍ରୀ ଚରଣୀ ମଧ୍ୟ ୪ ଓଭରରେ ୧୩ ରନ ଦେଇ ୨ଟି ସଫଳତା ପାଇଛନ୍ତି। ଶ୍ରେୟଙ୍କା ପାଟିଲଙ୍କ ଖାତାକୁ ମଧ୍ୟ ୨ଟି ୱିକେଟ ଯାଇଛି।

ବିଚ୍ ରାସ୍ତାରେ ଛାତ୍ରୀଙ୍କୁ ଅସଦାଚରଣ: ଏନକାଉଂଟର ପରେ ଧରା ପଡ଼ିଲା ମୁଖ୍ୟ ଅଭିଯୁକ୍ତ

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ୧୦ମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଓ ତାଙ୍କ ସହ ଥିବା ନାବାଳିକା ଛାତ୍ରୀଙ୍କୁ ବିହାରର ଜାମୁଇ ସ୍ଥିତ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଅସଦାଚରଣ କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବ ଗିରଫ। ପୁଲିସ୍ ମଙ୍ଗଳବାର ନନ୍ଦନକୁ ଏନକାଉଂଟର ପରେ ଗିରଫ କରିଛି। ଏହି ଘଟଣାରେ ନନ୍ଦନର ଜଣେ ସହଯୋଗୀ ମଧ୍ୟ ଗିରଫ ହୋଇଛି। ଏନକାଉଂଟରରେ ନନ୍ଦନ ଆହତ ହୋଇଛି। ତା'କୁ ପୁଲିସ୍ କାବୁ କରିବା ପରେ ହସ୍ପିଟାଲରେ ଭର୍ତ୍ତି କରିଛି। ନନ୍ଦନ ସହ ଅପରେସନ ବେଳେ ତା'ର ସହଯୋଗୀ ହରେ ରାମ ଯାଦବକୁ ମଧ୍ୟ ଗିରଫ। ପୁଲିସ୍ କାର୍ଯ୍ୟାନୁଷ୍ଠାନରେ ହରେ ରାମ ବି ଆହତ ହୋଇଥିବା ପୁଲିସ କହିଛି। ଶନିବାର ବିହାରର ଜାମୁଇ ସହରର ଜଣେ ୧୦ମ ଶ୍ରେଣୀ ଛାତ୍ର ଓ ଛାତ୍ରୀ ଲୋକପ୍ରିୟ ମାଉଥା ପାହାଡ଼କୁ ବୁଲିବାକୁ ଯାଇଥିଲେ। ସେଠାରେ ବୁଲାବୁଲି କରିବା ପରେ ଉଭୟ ସ୍କୁଟିରେ ଫେରୁଥିଲେ। ହେଲେ ଅଧା ରାସ୍ତାରେ ଉଭୟଙ୍କ ଗାଡ଼ିକୁ ଅଟକାଇଥିଲେ କିଛି ଯୁବକ। ସେମାନେ ଗାଡ଼ି ଅଟକାଇ ପ୍ରଥମେ ଦୁଇ ଶିକ୍ଷାର୍ଥୀଙ୍କୁ ମାଡ଼ ମାରିଥିଲେ। ବେଶ କିଛି ସମୟ ଧରି ସେମାନେ ଉଭୟଙ୍କୁ ଟଣାଓଟରା କରିବା ସହ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଖାଲି ସେତିକି ନୁହେଁ, ପୂରା ଘଟଣାର ଭିଡିଓକୁ ରେକର୍ଡ କରି ସୋସାଲ ମିଡିଆରେ ଭାଇରାଲ ମଧ୍ୟ କରିଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାଇରାଲ ଭିଡିଓରେ ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବ ମୁହଁରେ କମଳା ରଙ୍ଗର ଗାମୁଛା ବାନ୍ଧିଥିଲା। ସେ ତା'ର କିଛି ସହଯୋଗୀଙ୍କ ସହ ମିଶି ଛାତ୍ରୀଙ୍କୁ ଅତ୍ୟନ୍ତ ଅଭଦ୍ରଙ୍କ ଭଳି ବ୍ୟବହାର କରିଥିଲା। ପୁଲିସ୍ ତା'କୁ ଚିହ୍ନଟ କରିବା ପରେ ଗିରଫ କରିଛି। ଏହା ପୂର୍ବରୁ ପୁଲିସ୍ ସୋମବାର ଆଉ ୩ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିଲା। ଅର୍ଥାତ ଜାମୁଇ ଅସଦାଚରଣ ଘଟଣାରେ ଗିରଫଦାରୀ ସଂଖ୍ୟା ୫ରେ ପହଂଚିଛି। ଏବେ ବି ଆଉ ୨ ଜଣ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ରେଡ କରୁଛି। ଘଟଣାର ତଦନ୍ତ ପାଇଁ ଜାମୁଇ ଏସ୍‌ଡିପିଓ ଦୀପ୍ତି ମୋନାଲିଙ୍କ ନେତୃତ୍ୱରେ ଏସ୍ଆଇଟି ଗଠନ କରାଯାଇଛି। ସେହିପରି ଭିଡିଓକୁ ସେୟାର କରିଥିବା ଲୋକଙ୍କୁ ମଧ୍ୟ ଚିହ୍ନଟ କରିବା ପ୍ରକ୍ରିୟା ଜାରି ରହିଛି। ଜାମୁଇ ସାଇବର ପୁଲିସ୍ ଷ୍ଟେସନ ପକ୍ଷରୁ ୧୨୦ ସୋସାଲ ମିଡିଆ ପ୍ରୋଫାଇଲଧାରୀଙ୍କ ନାଁରେ ଏଫଆଇଆର ରୁଜୁ କରାଯାଇଛି।

ଧର୍ମଘଟକୁ ନ ଓହ୍ଲାଇବା ପାଇଁ ବ୍ୟାଙ୍କ ସଂଘଗୁଡ଼ିକୁ ସରକାରଙ୍କ ନିବେଦନ

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ବିଭିନ୍ନ ଦାବି ପୂରଣ ପାଇଁ ବ୍ୟାଙ୍କ ସଂଘଗୁଡ଼ିକ ଆସନ୍ତା ୨୮ ତାରିଖରୁ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଧର୍ମଘଟକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଗତକାଲି ବ୍ୟାଙ୍କ ସଂଘଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କ ସଂଘର ଦାବିଗୁଡ଼ିକ ମଧ୍ୟରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସକୁ ଲାଗୁ କରିବା ଏବଂ ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନାକୁ ପ୍ରତ୍ୟାହାର ରହିଛି। ଅର୍ଥ ମନ୍ତ୍ରାଳୟ କହିଛି, ସଂଘଗୁଡ଼ିକ ସହ ଆଲୋଚନା ପରେ ପିଏଲ୍ଆଇ ଯୋଜନାକୁ ଚଳିତମାସରେ ସ୍ଥଗିତ ରଖାଯାଇଛି। ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଦାବି ଉପରେ ଆଲୋଚନା ଜାରି ରହିଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ଦାବି ସମାଧାନ କରନ୍ତୁ। ଦାବି ପୂରଣ ପାଇଁ ଚଳିତମାସ ୧୧ ତାରିଖରେ ବ୍ୟାଙ୍କ ସଂଘଗୁଡ଼ିକ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରିସାରିଛନ୍ତି। ବ୍ୟାଙ୍କଗୁଡ଼ିକର ଅର୍ଦ୍ଧବାର୍ଷିକ କ୍ଲୋଜିଂ ସେପ୍ଟେମ୍ବର ୩୦ ତାରିଖରେ ରହିଛି। କିନ୍ତୁ ଏହା ପୂର୍ବରୁ ସେପ୍ଟେମ୍ବର ୨୮ ଓ ୨୯ରେ ବ୍ୟାଙ୍କ ଧର୍ମଘଟ ଡାକରା ସରକାରଙ୍କ ଚିନ୍ତା ବଢ଼ାଇଛି।

କ୍ରିସିଲ୍ ଆକଳନ: ରାଜ୍ୟଗୁଡ଼ିକର ରାଜସ୍ୱ ୧୧% ବଢ଼ିବ

ମୁମ୍ବାଇ: ଦେଶର ୧୮ଟି ବଡ଼ ରାଜ୍ୟର ରାଜସ୍ୱ ଆୟ ଚଳିତ ଆର୍ଥିକ ବର୍ଷରେ ୯ରୁ ୧୧ ପ୍ରତିଶତ ବଢ଼ିପାରେ। ଅଧିକ ଜିଏସ୍‌ଟି ଆଦାୟ ଏବଂ କେନ୍ଦ୍ରରୁ ଟିକସ ବାବଦରେ ଅଧିକ ରାଜସ୍ୱ ପାଇବା କାରଣରୁ ଏହା ହେବ। ୧୮ଟି ବଡ଼ ରାଜ୍ୟ ଯେଉଁମାନଙ୍କର ଜିଏସ୍‌ଡିପିର ଅଂଶ ପ୍ରାୟ ୯୦ ପ୍ରତିଶତ ସେମାନଙ୍କର ମିଳିତ ରାଜସ୍ୱ ଚଳିତ ଆର୍ଥିକବର୍ଷରେ ୪୪ ଲକ୍ଷ କୋଟି ଟଙ୍କା ଟପିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ୍ ଆକଳନ କରିଛି। ଗତ ଆର୍ଥିକ ବର୍ଷରେ ଏହି ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧି ପ୍ରାୟ ୮ ପ୍ରତିଶତ ଥିଲା। ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧିର ମୁଖ୍ୟ ଆଧାର ହେବ ଜିଏସ୍‌ଟି ଆଦାୟ। କ୍ରିସିଲ୍ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ଜିଏସ୍‌ଟି ରାଜସ୍ୱ ୧୨ରୁ ୧୩ ପ୍ରତିଶତ ବଢ଼ିପାରେ। ଦେଶରେ ଘରୋଇ ଚାହିଦା ଭଲ ରହିବା ସହ ଆମଦାନି ବାବଦ ଜିଏସ୍‌ଟି ଆଦାୟ ବଢ଼ିବା ଏହାର ମୁଖ୍ୟ କାରଣ। ୨୦୨୬ ଅଗଷ୍ଟ ୩୧ ସୁଦ୍ଧା ପ୍ରଥମ ପାଂଚ ମାସରେ ରାଜ୍ୟଗୁଡ଼ିକର ଜିଏସ୍‌ଟି ରାଜସ୍ୱ ୧୬ ପ୍ରତିଶତ ବଢ଼ିଛି। ଏହି ସମୟରେ ଆମଦାନିରୁ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ପ୍ରାୟ ୩୦ ପ୍ରତିଶତ ବଢ଼ିଛି। ଇଲେକ୍ଟ୍ରୋନିକ୍ସ, ଯନ୍ତ୍ରପାତି, ସୁନା, ସାର ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଆମଦାନି ବଢ଼ିବା ଏହାର ଏକ କାରଣ। ତେବେ ସାମଗ୍ରୀ ଦର ସ୍ଥିର ହେବା ଓ ମୁଦ୍ରା ବଜାରରେ ଅସ୍ଥିରତା କମିବା ପରେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଜିଏସ୍‌ଟି ବୃଦ୍ଧିର ଗତି କିଛିଟା କମିପାରେ।

ମାତ୍ର ୨ ରନରେ ଜାପାନକୁ ହରାଇଲା ଆୟରଙ୍କ ଭାରତ

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ଗୋଟିଏ ବଡ଼ ବିପର୍ଯ୍ୟୟରୁ ଅଳ୍ପକେ ବର୍ତ୍ତି ଯାଇଛି ଭାରତୀୟ ପୁରୁଷ କ୍ରିକେଟ ଟିମ। ଏସିଆନ ଗେମ୍ସ ପୂର୍ବରୁ ଜାପାନ ବିପକ୍ଷରେ ପ୍ରଥମଥର ପାଇଁ ଟି-୨୦ ମ୍ୟାଚ୍ ଖେଳୁଥିବା ଶ୍ରେୟସ ଆୟରଙ୍କ ଭାରତ ମାତ୍ର ୨ ରନରେ ଜିତିବାକୁ ସକ୍ଷମ ହୋଇଛି। ଓଦା ପଡ଼ିଆ ଯୋଗୁ ୫ ଓଭର ବିଶିଷ୍ଟ ଏହି ମ୍ୟାଚ୍ ଅତ୍ୟନ୍ତ ରୋମାଂଚକର ହୋଇଥିଲା। ଓଦା ଆଉଟ ଫିଲ୍ଡ ସତ୍ୱେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଟିମ ଇଣ୍ଡିଆ। କିନ୍ତୁ ଜାପାନର ବୋଲରମାନେ ବିଶ୍ୱ ଟି-୨୦ ବିଜେତା ଭାରତକୁ ଘାଇଲା କରିଥିଲେ। ଅଭିଷେକ ଶର୍ମା ପ୍ରଥମ ବଲରେ ହିଁ ଆଉଟ ହୋଇଥିଲେ। ସଞ୍ଜୁ ସାମସନ କେବଳ ୯ ରନ କରିପାରିଥିଲେ। ଈଶାନ କିଶନ ୩ ରନ କରି ସମସ୍ତଙ୍କୁ ନିରାଶ କରିଥିଲେ। ଅଧିନାୟକ ଶ୍ରେୟସ ଆୟର ୧୨ ବଲରେ ୧୬ ରନ ଓ ତିଳକ ବର୍ମା ୩ ବଲରେ ୧ ରନ କରିବାରୁ ଟିମ ଇଣ୍ଡିଆ ୫ ଓଭରରେ ୪ ୱିକେଟ ହରାଇ କେବଳ ୩୨ ରନ କରି ପାରିଥିଲା। ଜାପାନକୁ ଐତିହାସିକ ବିଜୟ ପାଇଁ ୩୦ ବଲରେ ଦରକାର ଥିଲା ୩୩ ରନ। ପ୍ରଥମ ଓଭରରେ ଦଳ ଗୋଟିଏ ୱିକେଟ ହରାଇ ୨ ରନ କରିଥିଲା। ପ୍ରଥମ ଓଭରରେ ଅକ୍ଷର ପଟେଲ ପକାଥିବା ବେଳେ ଈଶାନ କିଶନଙ୍କ ଡାଇରେକ୍ଟ ହିଟ୍? ଯୋଗୁ ଭାରତକୁ ରନ ଆଉଟ ରୂପରେ ସଫଳତା ମିଳିଥିଲା। ଦ୍ୱିତୀୟ ଓଭରରେ ୱାଶିଂଟନ ସୁନ୍ଦର ୬ ରନ ଦେବା ସହ ଗୋଟିଏ ସଫଳତା ପାଇଥିଲେ। ତେବେ ତୃତୀୟ ଓଭରରେ ରବି ବିଷ୍ଣୋଇ ୧୦ ରନ ଖର୍ଚ୍ଚ କରିବାରୁ ଜାପାନ ୩ ଓଭର ଶେଷ ସୁଦ୍ଧା ୨ ୱିକେଟ ହରାଇ ୧୮ ରନ କରି ନେଇଥିଲା। ଶେଷ ୧୨ ବଲରେ ଦଳକୁ ଦରକାର ଥିଲା ୧୫ ରନ। ୱାଶିଂଟନ ଏହି ଓଭରର ପ୍ରଥମ ୪ ବଲରେ ୭ ରନ ଦେଇଥିଲେ। ୫ମ ବଲ ସେ ଡଟ୍ କରିବା ପରେ ଶେଷ ବଲରେ ଆଉଟ ହୋଇଥିଲେ ୧୨ ରନ କରିଥିବା ଜାପାନ ଅଧିନାୟକ କେନ୍ଦେଲ କାଡୋୱାକି ଫ୍ଲେମିଂ। ତାଙ୍କ କ୍ୟାଚ୍ ଯଶ ଠାକୁର ଧରିଥିଲେ। ଶେଷ ଓଭରରେ ଜାପାନକୁ ଦରକାର ଥିଲା ୮ ରନ। ପ୍ରଥମ ବଲରେ ଅକ୍ଷର ପଟେଲ କୌଣସି ରନ ଦେଇ ନଥିଲେ। ଦ୍ୱିତୀୟ ବଲରେ ୧ ରନ ହୋଇଥିଲା। ତୃତୀୟ ବଲରେ ଆଲେକ୍ଜାଣ୍ଡର ଶିରାଇ ପାଟମୋରେ ରିଭର୍ସ ଖେଳିଥିଲେ ହେଁ ଅମ୍ପାୟାର ୱାଇଡ ଦେଇଥିଲେ। ପରବର୍ତ୍ତୀ ବଲରେ ସେ ପୁଣି ରିଭର୍ସ ଖେଳିଥିଲେ ଓ ଅମ୍ପାୟାର ପୁଣି ୱାଇଡ ଦେଇଥିଲେ। ଏହାକୁ ନେଇ ଅଧିନାୟକ ଶ୍ରେୟସ ଆୟର ଲେଗ ଅମ୍ପାୟାରଙ୍କ ସହ କଥା ହୋଇଥିଲେ। ଏହାପରେ ମେନ ଅମ୍ପାୟାର ନିଜର ୱାଇଡ ନିଷ୍ପତ୍ତି ବଦଳାଇ ଏହାକୁ ଡଟ୍ ଘୋଷଣା କରିଥିଲେ। ୪ର୍ଥ ଓ ୫ମ ବଲରେ ମଧ୍ୟ ଜାପାନ କେବଳ ୧ ରନ ଲେଖାଏ କରିପାରିଥିଲା। ଶେଷ ବଲରେ ଦଳକୁ ଲେଗ ବାଇରେ କେବଳ ୧ ରନ ମିଳିବାରୁ ଭାରତ ୨ ରନରେ ଜାପାନ ବିପକ୍ଷରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। ଏହା ଭାରତର ୨୦୦ତମ ଟି-୨୦ ବିଜୟ। ଦଳ ପ୍ରଥମଥର ୨୦୦୬ରେ ଦକ୍ଷିଣ ଆଫ୍ରିକାରେ ନିଜର ପ୍ରଥମ ଟି-୨୦ ବିଜୟ ପାଇଥିଲା। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୫୦ତମ, ୨୦୨୨ରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦୦ତମ, ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୫୦ତମ ଓ ଆଜି ଜାପାନ ବିପକ୍ଷରେ ଭାରତ ନିଜର ୨୦୦ତମ ଅନ୍ତର୍ଜାତୀୟ ଟି-୨୦ ବିଜୟ ପାଇଛି। ଭାରତ-ଜାପାନର କୂଟନୀତିକ ସମ୍ପର୍କକୁ ୭୫ ବର୍ଷ ପୂରିଥିବାରୁ ଆଜି ସ୍ୱତନ୍ତ୍ର ମ୍ୟାଚ ଆୟୋଜନ ହୋଇଥିଲା। ଏହା ଭାରତ ଓ ଜାପାନ ମଧ୍ୟରେ ପ୍ରଥମ କ୍ରିକେଟ ମ୍ୟାଚ୍। ପୂର୍ବରୁ ଦୁଇ ଦେଶର ଖେଳାଳି କେବେ ବି ପରସ୍ପରକୁ କ୍ରିକେଟ ମୈଦାନରେ ଭେଟି ନଥିଲେ। କିନ୍ତୁ ୨୨ ତାରିଖରେ ଦୁଇ ଦେଶରେ ମଧ୍ୟରେ ଐତିହାସିକ ମ୍ୟାଚ ଖେଳା ଯାଇଛି ଓ ଭାରତ ୨ ରନରେ ଜିତି ନେଇଛି। ଏବେ ଏସିଆନ ଗେମ୍ସରେଆ ଭାରତୀୟ ପୁରୁଷ କ୍ରିକେଟ ଟିମ ନିଜର ଅଭିଯାନ ସେପ୍ଟେମ୍ବର ୨୮ରୁ ଆରମ୍ଭ କରିବ।

ଟ୍ରମ୍ପଙ୍କ ଅନୁମୋଦନ ହାର ୩୨%କୁ ଖସିଲା

ୱାଶିଂଟନ୍, ୨୨/୯(ନ୍ୟୁ.ଏ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକୁ ସମର୍ଥନ କରୁଥିବା ଆମେରିକୀୟଙ୍କ ସଂଖ୍ୟା ୩୨ ପ୍ରତିଶତକୁ ଖସିଛି। ରଏଟର୍ସ/ଇପ୍‌ସୋସ୍‌ର ନୂଆ ସର୍ଭେ ଅନୁସାରେ, ଏହା ଟ୍ରମ୍ପଙ୍କ ରାଜନୈତିକ ଜୀବନର ସବୁଠାରୁ କମ୍ ଅନୁମୋଦନ ହାର। ସେପ୍ଟେମ୍ବର ୧୭ରୁ ୨୦ ମଧ୍ୟରେ ହୋଇଥିବା ଏହି ସର୍ଭେରେ ୧,୨୭୭ ଜଣ ଆମେରିକୀୟ ବୟସ୍କଙ୍କ ମତ ନିଆଯାଇଥିଲା। ସର୍ଭେର ମାର୍ଜିନ୍ ଅଫ୍ ଏରର ପ୍ରାୟ ୩ ପ୍ରତିଶତ ପଏଂଟ୍ ରହିଛି। ଗତ ସପ୍ତାହର ସମାନ ସର୍ଭେରେ ଟ୍ରମ୍ପଙ୍କ ଅନୁମୋଦନ ହାର ୩୫ ପ୍ରତିଶତ ଥିଲା। ଅର୍ଥାତ୍ ଗୋଟିଏ ସପ୍ତାହ ମଧ୍ୟରେ ଏହା ୩ ପ୍ରତିଶତ ପଏଂଟ୍ ହ୍ରାସ ପାଇଛି। ତାଙ୍କ ନିଜ ଦଳ ରିପବ୍ଲିକାନ୍‌ଙ୍କ ମଧ୍ୟରେ ମଧ୍ୟ ସମର୍ଥନ ୮୨ ପ୍ରତିଶତରୁ ୭୩ ପ୍ରତିଶତକୁ ଖସିଛି। ଜାନୁଆରି ୨୦୨୫ରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଅନୁମୋଦନ ହାର ୪୭ ପ୍ରତିଶତ ଥିଲା। ସର୍ଭେରେ ଜୀବନଧାରଣ ଖର୍ଚ୍ଚକୁ ନେଇ ଟ୍ରମ୍ପଙ୍କ ନୀତି ପ୍ରତି ଅସନ୍ତୋଷର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ମାତ୍ର ୧୭ ପ୍ରତିଶତ ଲୋକ ଏହି ପ୍ରସଙ୍ଗରେ ଟ୍ରମ୍ପଙ୍କ କାର୍ଯ୍ୟକୁ ଅନୁମୋଦନ କରିଛନ୍ତି। ରିପବ୍ଲିକାନ୍‌ଙ୍କ ମଧ୍ୟରେ ମଧ୍ୟ ଜୀବନଧାରଣ ଖର୍ଚ୍ଚ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ଅସମର୍ଥନ କରୁଥିବା ଲୋକଙ୍କ ହାର ୫୧ ପ୍ରତିଶତ ଥିବାବେଳେ ସମର୍ଥନ କରୁଥିବା ଲୋକଙ୍କ ହାର ୪୪ ପ୍ରତିଶତ ରହିଛି। ଅର୍ଥନୀତି ପରିଚାଳନା ପ୍ରସଙ୍ଗରେ ରିପବ୍ଲିକାନ୍‌ଙ୍କ ସମର୍ଥନ ମଧ୍ୟ ହ୍ରାସ ପାଇଛି। ଫେବୃଆରିରୁ ଇରାନ ସହ ଯୁଦ୍ଧ ଯୋଗୁଁ ଇନ୍ଧନ ଦର ବଢ଼ିବା ଏବଂ ତାହାର ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବା ନେଇ ମଧ୍ୟ ସର୍ଭେରେ ଆଲୋଚନା ହୋଇଛି। ଇରାନ ଉପରେ ଆମେରିକାର ଆକ୍ରମଣକୁ ମାତ୍ର ୩୪ ପ୍ରତିଶତ ଲୋକ ସମର୍ଥନ କରିଛନ୍ତି। ୮୨ ପ୍ରତିଶତ ଲୋକ ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିବ ବୋଲି ମତ ଦେଇଛନ୍ତି। ଅପରପକ୍ଷରେ ଅପ୍ରବାସନ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତିକୁ ୩୬ ପ୍ରତିଶତ ଏବଂ ଅପରାଧ ନିୟନ୍ତ୍ରଣ ପଦକ୍ଷେପକୁ ୩୫ ପ୍ରତିଶତ ଲୋକ ସମର୍ଥନ କରିଛନ୍ତି। ନଭେମ୍ବର ୩ରେ ହେବାକୁ ଥିବା ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ଏହି ସର୍ଭେ ପ୍ରକାଶ ପାଇଛି।

ନାଟକୀୟ ଢଙ୍ଗରେ ଅଧ୍ୟକ୍ଷ ପଦକ ଜିତିଲା କଂଗ୍ରେସ

ନୂଆଦିଲ୍ଲୀ, ୨୨/୯(ନ୍ୟୁ.ଏ): ବେଶ ନାଟକୀୟ ଢଙ୍ଗରେ ରାଜସ୍ଥାନର ତିଜାରା ପୌର ପରିଷଦର ଅଧ୍ୟକ୍ଷ ପଦ ନିର୍ବାଚନରେ ଜିତିବାକୁ ସକ୍ଷମ ହୋଇଛି କଂଗ୍ରେସ। ସ୍ଥିତି ଏପରି ହୋଇଥିଲା ଯେ କାଉନସିଲରମାନଙ୍କୁ ହିମାଚଳ ପ୍ରଦେଶ ଯିବାକୁ ପଡ଼ିଥିଲା। ବିଳମ୍ବିତ ରାତିରେ ସେମାନଙ୍କୁ ପୁଲିଂ ଷ୍ଟେସନକୁ ଅଣାଯାଇଥିଲା। ପୁଲିସର ହସ୍ତକ୍ଷେପ, କାଉନ୍ସରଙ୍କ ଦ୍ୱାରା ଭୟଭୀତ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଭୋଟ ହୋଇଥିଲା। ଦିନ ତମାମ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୀତିକ ବୟାନବାଜୀ ବି ଦେଖିବାକୁ ମିଳିଥିଲା। ଏତେ ସବୁ ପରେ କଂଗ୍ରେସ ତିଜାରା ପୌର ପରିଷଦ ଅଧ୍ୟକ୍ଷ ପଦକୁ ବିଳମ୍ବିତ ରାତିରେ ହୋଇଥିବା ଭୋଟିଂ ପରେ ମାତ୍ର ଗୋଟିଏ ଭୋଟରେ କବଜା କରିପାରିଛି। ବାସ୍ତବରେ ସବୁ ଲଢ଼େଇ ୩୫ ଜଣ କାଉନସିଲରଙ୍କ ପାଇଁ ହୋଇଥିଲା। ଏମାନଙ୍କ ମଧ୍ୟରୁ ୩୧ ଜଣ ହେଉଛନ୍ତି ସ୍ୱାଧୀନ ବିଧାୟକ। କଂଗ୍ରେସ ଟିକେଟରୁ କେବଳ ଜଣେ ପ୍ରାର୍ଥୀ ଜିତିଥିଲେ। ବିଜେପିର ୩ ଜଣ କାଉନସିଲର ଥିଲେ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଅଧ୍ୟକ୍ଷ ପଦ ନିର୍ବାଚନରେ କିଙ୍ଗ ମେକର ସାଜିଥିଲେ। କଂଗ୍ରେସ ପୌର ପରିଷଦର ଗୋଟିଏ ୱାର୍ଡ ଜିତିଥିଲେ ମଧ୍ୟ ଏବେ ବିଜେପିକୁ ଜକକା କରି ଅଧ୍ୟକ୍ଷ ପଦ ହାତେଇଛି। ଅଧ୍ୟକ୍ଷ ନିର୍ବାଚନ ପୂର୍ବରୁ ୧୮ ଜଣ ସ୍ୱାଧୀନ ବିଧାୟକଙ୍କୁ କଂଗ୍ରେସ ନିଜ ପାଖକୁ ଆଣି ହିମାଚଳର କାସୋଲ ପଠାଇ ଦେଇଥିଲା। ଏହାପରେ ସ୍ୱାଧୀନ ପ୍ରାର୍ଥୀ ରାମଅବତାର ସୈନିଙ୍କୁ କଂଗ୍ରେସ ନିଜର ଦଳୀୟ ଚିହ୍ନରେ ଅଧ୍ୟକ୍ଷ ନିର୍ବାଚନର ମୈଦାନକୁ ଓହ୍ଲାଇଥିଲା। ବିଜେପି ମଧ୍ୟ ୧୩ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିଜ ସହ ରଖିଥିଲା। ଏହି ଟଣାଓଟରା ଯୋଗୁ ଧାର୍ଯ୍ୟ ସମୟରେ ଅଧ୍ୟକ୍ଷ ପଦ ପାଇଁ ଭୋଟିଂ ହୋଇ ପାରି ନଥିଲା। ଅଭିଯୋଗ, ପୁଲିସ୍‌ର ହସ୍ତକ୍ଷେପ ଦାବି ମଧ୍ୟରେ କାଉନସିଲରଙ୍କୁ ତିଜାରା ଆଣିବାକୁ ଉଦ୍ୟମ ହୋଇଥିଲା। ଦଳକୁ ସମର୍ଥନ କରୁଥିବା କାଉନସିଲମାନେ ହିମାଚଳ ପ୍ରଦେଶରୁ ଆସୁଥିବା ବେଳେ ସେମାନଙ୍କୁ ପୁଲିସ୍ ଅଟକ ରଖିଥିବା କଂଗ୍ରେସ ନେତା ଇମ୍ରାନ ଖାନ କହିଥିଲେ। ପଂଚକୁଲା ଟୋଲ ପ୍ଲାଜା ନିକଟରେ ୨୫ଟି ପୁଲିସ୍ ଗାଡ଼ି ସେମାନଙ୍କ ପଥ ଅବରୋଧ କରିଥିବା ସେ ଦାବି କରିଥିଲେ। ଏଥିସହ କଂଗ୍ରେସର ଜିଲ୍ଲା ସଭାପତି ବଳରାମ ଯାଦବ ମଧ୍ୟ କାଉନସିଲରମାନଙ୍କୁ ଭୋଟ ଦେବାରୁ ବଂଚିତ କରାଯାଉଥିବା ଅଭିଯୋଗ ଆଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୱାର୍ଡ ନମ୍ବର ୫ରୁ ନିର୍ବାଚିତ ବବିତା ସୈନି ମଧ୍ୟ କାଉନସିଲରମାନଙ୍କୁ ଭୋଟିଂ କରିବାକୁ ଛଡ଼ା ଯାଉ ନଥିବା ଦାବି କରିଥିଲେ। କାଉନସିଲରମାନଙ୍କୁ ଟୋଲ ପ୍ଲାଜା ନିକଟରୁ ଗୋଟିଏ ରିସର୍ଟକୁ ନିଆଯାଇ ଅଟକ ରଖାଯାଇଥିବା ୱାର୍ଡ ନମ୍ବର ୧୮ରୁ ଜିତିଥିବା ହେମଲତା ସୈନି ବି କହିଥିଲେ। ତେବେ ପଂଚକୁଲା ପୁଲିସ୍ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲା। କାଉନସିଲରମାନେ କେଉଁଠି ରହିଛନ୍ତି ବୋଲି ଜଣା ନପଡ଼ିବାରୁ ଭୋଟିଂ ସମୟ ସେମିତି ଲମ୍ବି ଚାଲିଥିଲା। ସ୍ଥିତି ଜଟିଳ ହେବାରୁ କଂଗ୍ରେସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଭୋଟିଂ ସମୟସୀମା ବୃଦ୍ଧି କରିବାକୁ କହିଥିଲା। କୋର୍ଟ ଏହାକୁ ପ୍ରଥମେ ରାତି ୮ଟା ପରେ ୧୦ଟା ଯାଏ ବୃଦ୍ଧି କରିଥିଲା। ସମୟସୀମା ବୃଦ୍ଧି ପାଇବାରୁ ଜଣଙ୍କ ପରେ ଜଣେ କାଉନସିଲର ପୁଲିଂ ଷ୍ଟେସନ ଆସିଥିଲେ। ଭୋଟିଂ ରାତି ୯.୪୫ ଯାଏ ଚାଲିଥିଲା। ଭୋଟିଂ ପରେ ଆରମ୍ଭ ହୋଇଥିଲା ଗଣତି।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das